CMYK

• Vol.- 46, Issue No. 138
• Tuesday, 18 August 2026
• ମଙ୍ଗଳବାର, ୧୮ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



# ଯାଜପୁର ଓ ଭଦ୍ରକ ବନ୍ୟାଞ୍ଚଳ ବୁଲିଲେ ମୁଖ୍ୟମନ୍ତ୍ରୀ

- ବିପନ୍ନଙ୍କ ଗୁହାରି ଶୁଣିଲେ ● ସୁରକ୍ଷା ଆମ ସରକାରଙ୍କ ପ୍ରାଥମିକତା
- ସୁରକ୍ଷା, ସମସ୍ୟା, ରିଲିଫ୍ ଓ ଉଦ୍ଧାରକାର୍ଯ୍ୟ ପଚାରି ବୁଝିଲେ
- ଜନସାଧାରଣଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି ରାଜ୍ୟ ସରକାର

ଯାଜପୁର/ ଭଦ୍ରକ, ୧୭ ।୮ (ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବନ୍ୟା ପ୍ରଭାବିତ ଜିଲ୍ଲା ଯାଜପୁର ଓ ଭଦ୍ରକ ଗସ୍ତ କରିଛନ୍ତି । ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ କସପା ପଞ୍ଚାୟତ ଓ ତରପଡା ପଞ୍ଚାୟତରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସେଠାରେ ଦଶରଥ ବ୍ଲକରେ ପହଞ୍ଚିବା ପରେ ବୋଟ୍ ଯୋଗେ ଜଳବନ୍ଦୀ ଗ୍ରାମଗୁଡ଼ିକୁ ଯାଇଥିଲେ । କସପା ଏବଂ ତରପଡ଼ା ଗ୍ରାମ ପଞ୍ଚାୟତର ରାମଚନ୍ଦ୍ରପୁର, ବାଲଦା, ଦୋଭାବିଲ୍ ଗ୍ରାମ ବୁଲି ଦେଖିଥିଲେ। ଖାଲି ପାଦରେ ଚାଲି ଚାଲି ଯାଇ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ ଓ ବିପନ୍ନଙ୍କ ଗୁହାରି ଶୁଣିଥିଲେ। ସୁରକ୍ଷା, ସମସ୍ୟା, ରିଲିଫ୍ ବ୍ୟବସ୍ଥା ଓ ଉଦ୍ଧାରକାର୍ଯ୍ୟ ସମ୍ପର୍କରେ ସେ ପଚାରି ବୁଝିଥିଲେ । ଏହା ସହିତ ରିଲିଫ୍ କେନ୍ଦ୍ରରେ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ରୋଷେଇ ହୋଇଥିବା ରନ୍ଧା ଖାଦ୍ୟକୁ ନିଜେ ଯାଞ୍ଚ କରିଥିଲେ । ଭଦ୍ରକ ଜିଲ୍ଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସ୍ଥିତି ଅନୁଧ୍ୟାନ କରିବା ସହ ଈଶାନପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କଣପା ଆଦି ନିକଟସ୍ଥ ଗ୍ରାମର ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବନ୍ୟା ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ରିଲିଫ୍ ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ସେ ଲୋକଙ୍କଠାରୁ ଅବଗତ ହୋଇଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଓ ରିଲିଫ୍ ପହଞ୍ଚାଇବା ସହ ସେମାନଙ୍କ ସୁରକ୍ଷା ଓ ମୌଳିକ ଆବଶ୍ୟକତା ପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଯେ ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇଦେବା ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା। ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରେ ତୁରନ୍ତ ରିଲିଫ, ଶୁଖିଲା ଓ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ସେବା ପହଞ୍ଚାଯାଉଛି। ଏହି ସଙ୍କଟ ସମୟରେ ଆମ ସରକାର ଜନସାଧାରଣଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ତଥା ବିଜେପି ସଭାପତି ମନମୋହନ ସାମଲ ଏବଂ ସ୍ଥାନୀୟ ବିଧାୟକ ଗଣ ଉପସ୍ଥିତ ଥିଲେ।

# ବନ୍ୟା: ୬ ଜିଲ୍ଲାର ୧୩୦୪ ଗାଁ ପ୍ରଭାବିତ

★ ୭ ଲକ୍ଷ ୮୫ ହଜାରରୁ ଅଧିକ ବିପନ୍ନ ★ ୪୨ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ
★ ମୋଟ ୯୪୧ ଘର କ୍ଷତିଗ୍ରସ୍ତ ★ ପ୍ରଭାବିତ ଅଞ୍ଚଳରେ ୩୯ ଓଡ୍ରାଫ ଓ ୭ ଏନ୍‌ଡିଆରଏଫ ଟିମ୍

ଭୁବନେଶ୍ୱର, ୧୭ ।୮: ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ଦ୍ୱାରା ପ୍ରକାଶିତ ହୋଇଛି ରାଜ୍ୟ ବନ୍ୟାର ସଦ୍ୟତମ ସ୍ଥିତି । ରିପୋର୍ଟ ଅନୁଯାୟୀ, ରାଜ୍ୟର ଛଅଟି ଜିଲ୍ଲାରେ ୭ଲକ୍ଷ ୮୫ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ୧୩୦୦ ରୁ ଅଧିକ ଗାଁ ପ୍ରଭାବିତ ହୋଇଛି ଏବଂ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ୭,୮୫,୧୯୯ ଲୋକ ପ୍ରଭାବିତ ହୋଇଛନ୍ତି। ମୋଟ ୧,୩୦୪ ଗ୍ରାମ, ୪୪୮ ଗ୍ରାମ ପଞ୍ଚାୟତ, ୬୬ ବ୍ଲକ ଏବଂ ୧୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ମଧ୍ୟରୁ ଅନ୍ୟତମ। ଏହି ଜିଲ୍ଲାରେ ୨ଲକ୍ଷ ୦୩ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲାରେ ୪୫୩ ଗ୍ରାମ ଏବଂ ୯୭ ଗ୍ରାମ ପଞ୍ଚାୟତରେ ବନ୍ୟା ପ୍ରଭାବିତ ହୋଇଥିବା ରିପୋର୍ଟ କରାଯାଇଛି। ୬୧,୪୧୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, ଯେତେବେଳେ ପ୍ରଭାବିତ ଲୋକଙ୍କୁ ଆଶ୍ରୟ ଏବଂ ସହାୟତା ପ୍ରଦାନ କରିବା ପାଇଁ ୧୦୩ଟି ରିଲିଫ୍ ଶିବିର ଖୋଲାଯାଇଛି। ଭଦ୍ରକରେ, ୧୩୪ଟି ଗ୍ରାମ ଏବଂ ୩୯ଟି ଗ୍ରାମ ପଞ୍ଚାୟତର ପ୍ରାୟ ୧.୯୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ୧,୦୭,୭୭୩ ଜଣଙ୍କୁ ସ୍ଥାନାନ୍ତର କରିଛି ଏବଂ ୯୦ଟି ରିଲିଫ୍ ଶିବିର ଖୋଲିଛି। ଯାଜପୁରରେ ମଧ୍ୟ ବ୍ୟାପକ ବନ୍ୟା ପ୍ରଭାବ ରିପୋର୍ଟ ହୋଇଛି, ୨୭୦ଟି ଗ୍ରାମ ଏବଂ ୧୧୭ଟି ଗ୍ରାମ ପଞ୍ଚାୟତର ୨,୦୨,୬୭୨ ଜଣ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୭୭,୬୮୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଓ ଜିଲ୍ଲାରେ ୧୯୧ଟି ରିଲିଫ୍ ଶିବିର ଖୋଲାଯାଇଛି। କେନ୍ଦ୍ରାପଡାରେ ପ୍ରାୟ ୧.୪୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି, ୧୩୪ଟି ଗ୍ରାମ ଏବଂ ୬୩ଟି ଗ୍ରାମ ପଞ୍ଚାୟତ ବନ୍ୟା ସମ୍ବନ୍ଧୀୟ ପ୍ରଭାବ ରିପୋର୍ଟ କରିଛି। ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୨,୦୮୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ କୃଷି ଜମିକୁ ମଧ୍ୟ ବ୍ୟାପକ କ୍ଷତି କରିଛି। ସମନ୍ୱିତ ରିପୋର୍ଟ ଅନୁଯାୟୀ, ୪୨ହଜାର୨୧୬.୭ ହେକ୍ଟରରୁ ଅଧିକ ଫସଲ ପ୍ରଭାବିତ ହୋଇଛି ।ବନ୍ୟା ଆବାସିକ ଘରଗୁଡ଼ିକୁ ମଧ୍ୟ କ୍ଷତିଗ୍ରସ୍ତ କରିଛି। ଛଅଟି ଜିଲ୍ଲାରେ ମୋଟ ୯୪୧ ଘର କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ କରାଯାଇଛି, ଯେତେବେଳେ ରିଲିଫ୍ ପଦକ୍ଷେପ ସ୍ୱରୂପ ୧,୦୭୯ ପ୍ରଭାବିତ ଲୋକ/ପରିବାରକୁ ପଲିଥିନ୍ ସିଟ୍ ବଣ୍ଟନ କରାଯାଇଛି ।ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବ୍ୟବସ୍ଥାକୁ ମଧ୍ୟ ବୃଦ୍ଧି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୧.୫ କ୍ୱିଣ୍ଟାଲ୍ ଚାଉଳ, ୧,୯୫୦ କ୍ୱିଣ୍ଟାଲ୍ ଚୁଡା ଏବଂ ୭୮୨.୮ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଣ କିମ୍ବା ରିଲିଫ୍ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି ।ଉଦ୍ଧାର ଏବଂ ରିଲିଫ୍ ପ୍ରୟାସକୁ ସୁଦୃଢ଼ କରିବା ପାଇଁ, ପ୍ରଭାବିତ ଅଞ୍ଚଳରେ ୫୩ ଜଣ ଅଗ୍ନିଶମ କର୍ମଚାରୀ/ଦଳ, ୩୯ ଜଣ ଓଡ୍ରାଫ ଦଳ ଏବଂ ୭ ଏନଡିଆରଏଫ ଦଳ ନିୟୋଜିତ ହୋଇଛନ୍ତି।



## ବିହାର ଅଶୋକ ଧାମରେ ଦଳାଚକଟା
# ନେଲା ୭ ଜୀବନ, ୧୨ ଆହତ

- ଗର୍ଭଗୃହ ରାସ୍ତାରେ ପ୍ରବଳ ଭିଡ଼ରେ ଖସିଗଲା ବ୍ୟାରିକେଡିଂ
- ଶୋକ ପ୍ରକଟ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ



ଲକ୍ଷ୍ମୀସରାଇ, ୧୭ ।୮: ବିହାରର ଲକ୍ଷ୍ମୀସରାଇ ସ୍ଥିତ ପ୍ରସିଦ୍ଧ ଅଶୋକ ଧାମ ମନ୍ଦିରରେ ଶ୍ରାବଣ ତୃତୀୟ ସୋମବାରରେ ଭକ୍ତଙ୍କ ପ୍ରବଳ ଭିଡ଼ ମଧ୍ୟରେ ଦଳାଚକଟା ଘଟିଛି ଓ ଏଥିରେ ୭ ଜଣଙ୍କ ଜୀବନ ଯାଇଛି । ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ଲକ୍ଷ୍ମୀସରାଇ ସଦର ହସ୍ପିଟାଲକୁ ପଠାଯାଇଛି। ଆଗକୁ ମୃତାହତଙ୍କସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ଭୋରରୁ ଅଶୋକ ଧାମ ମନ୍ଦିରରେ ପୂଜା ପାଇଁ ବହୁ ସଂଖ୍ୟକ ଭକ୍ତ ପହଞ୍ଚିଥିଲେ। ମନ୍ଦିର ପରିସର ଏବଂ ଗର୍ଭଗୃହକୁ ଯାଇଥିବା ରାସ୍ତାରେ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ବ୍ୟାରିକେଡିଂ ହଠାତ ଖସିଯିବାରୁ ବିଶୃଙ୍ଖଳା ଉପୁଜି ଦଳାଚକଟା ପରିସ୍ଥିତି ସୃଷ୍ଟି ହେଲା। ଅନେକ ଭକ୍ତ ଚାପରେ ପଡ଼ିଗଲେ, ଏବଂ ଘଟଣାସ୍ଥଳରେ ଚିତ୍କାର ଏବଂ ଆତଙ୍କ ଖେଳିଗଲା। ଲୋକମାନେ ପରସ୍ପରକୁ ସାହାଯ୍ୟ କରିବାକୁ ଏବଂ ଭିଡ଼ରୁ ଖସିବାକୁ ଚେଷ୍ଟା କଲେ। ଘଟଣାର ଖବର ପାଇ ପୋଲିସ ଏବଂ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆହତମାନଙ୍କୁ ତୁରନ୍ତ ଲକ୍ଷ୍ମୀସରାଇ ସଦର ହସ୍ପିଟାଲକୁ ପଠାଯାଇଥିଲା। ଆହତଙ୍କ ମଧ୍ୟରେ ଅନେକ ମହିଳା ଅଛନ୍ତି ।ପ୍ରଶାସନ ବ୍ୟାରିକେଡିଂ କିପରି ଭୁଶୁଡ଼ି ପଡ଼ିଲା ଏବଂ ଦଳାଚକଟା କାହିଁକି ହେଲା ତାହା ଜାଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳାଚକଟା ଘଟଣାରେ ମୃତକଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ଆତ୍ମୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦି ୨ଲକ୍ଷ ଓ ରାଜ୍ୟ ସରକାର ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ।

# ବନ୍ୟା ସ୍ଥିତି: ଯାଜପୁରରେ ଆଜି ସ୍କୁଲ ଛୁଟି

ଯାଜପୁର, ୧୭ ।୮: ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲାରେ ମଙ୍ଗଳବାର ସମସ୍ତ ସ୍କୁଲ ବନ୍ଦ ରହିବ। ଜିଲ୍ଲାପାଳଙ୍କ ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟ ବନ୍ଦ ରହିବ ।ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ଓ ଜଳସ୍ତର ବୃଦ୍ଧିକୁ ନଜରରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାତାୟାତ ସମସ୍ୟା ଓ ସୁରକ୍ଷା ବିପଦକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ବନ୍ଦ ନିଷ୍ପତ୍ତି ନିଆଯାଇଛି।

# ସେହଜାଦ ଭଟି ନେଟୱର୍କର ଷଡ଼ଯନ୍ତ୍ର ପଣ୍ଡ: ୨୦୦ରୁ ଅଧିକ ଆତଙ୍କୀ ଗିରଫ

➔ ୧୪ ରାଜ୍ୟରେ ସମନ୍ୱିତ ଅପରେସନ ➔ ଗ୍ରେନେଡ୍, ପିସ୍ତଲ, ଜୀବନ୍ତ କାର୍ତ୍ରିଜ୍ ଓ ସିସିଟିଭି କ୍ୟାମେରା ଜବତ

ନୂଆଦିଲ୍ଲୀ, ୧୭ ।୮: ସରକାର ଆଇଏସଆଇ ସମର୍ଥିତ ସେହଜାଦ ଭଟି ନେଟୱାର୍କର ଷଡଯନ୍ତ୍ରକୁ ବ୍ୟର୍ଥ କରି ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋମବାର କହିଛନ୍ତି ଯେ ସ୍ୱାଧୀନତା ଦିବସ ପୂର୍ବରୁ ଆଇଏସଆଇ ସମର୍ଥିତ ଆତଙ୍କୀ ଗୋଷ୍ଠୀ ସେହଜାଦ ଭଟି ନେଟୱର୍କର ୨୦୦ରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରାଯାଇଛି। ଫଳରେ ଏହି ଗୋଷ୍ଠୀର ଷଡଯନ୍ତ୍ର ଯୋଜନା ପଣ୍ଡ ହୋଇଛି। ଶାହ କହିଛନ୍ତି ଯେ ୧୪ ଟି ରାଜ୍ୟର ବିଭିନ୍ନ ସ୍ଥାନରେ ସମନ୍ୱିତ ଅପରେସନ୍ କରାଯାଇଥିଲା। ଆତଙ୍କବାଦ ପ୍ରତି ଦେଶର ଶୂନ୍ୟ ସହନଶୀଳତାକୁ ଏହା ପ୍ରତିଫଳିତ କରେ। ସେ କହିଛନ୍ତି ଯେ ଆଇଇଡି, ପାକିସ୍ତାନ ଅର୍ଡନାନ୍ସ ଫ୍ୟାକ୍ଟ୍ରି ଚିହ୍ନ ଥିବା ଗ୍ରେନେଡ୍, ପିସ୍ତଲ, ଜୀବନ୍ତ କାର୍ଟ୍ରିଜ୍ ଏବଂ ଗୁପ୍ତଚର ପାଇଁ ବ୍ୟବହୃତ ସିସିଟିଭି କ୍ୟାମେରା ସମେତ ପର୍ଯ୍ୟାପ୍ତ ପରିମାଣର ଉଦ୍ଧାର କରାଯାଇଛି। 'ଏକ୍ସ'ରେ ଏକ ବାର୍ତ୍ତାରେ ଗୃହମନ୍ତ୍ରୀ କହିଛନ୍ତି, 'ମୋଦି ସରକାର ସ୍ୱାଧୀନତା ଦିବସ ପୂର୍ବରୁ ଆଇଏସଆଇ ସମର୍ଥିତ ଆତଙ୍କୀ ଗୋଷ୍ଠୀ ସେହଜାଦ ଭଟି ନେଟୱାର୍କକୁ ନଷ୍ଟ କରିଦେଇଛନ୍ତି ।



# ୨୮ରେ ସୁଭଦ୍ରା ପଞ୍ଚମ କିସ୍ତି



ଭୁବନେଶ୍ୱର, ୧୭।୮: ସୁଭଦ୍ରା ପଞ୍ଚମ କିସ୍ତି ଟଙ୍କା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ସେ କହିଛନ୍ତି ରକ୍ଷା ବନ୍ଧନ ଦିନ ହିଁ ମିଳିବ ସୁଭଦ୍ରା ପଞ୍ଚମ କିସ୍ତି। ଆସନ୍ତା ଅଗଷ୍ଟ ୨୮ ତାରିଖରେ ରାକ୍ଷୀ ପୂର୍ଣ୍ଣିମା ପଡୁଥିବା ବେଳେ ସେହିଦିନ ମହିଳାଙ୍କ ଖାତାକୁ ଟଙ୍କା ଆସିବ । ନୟାଗଡ଼ରେ ଏନେଇ ଅନୁଷ୍ଠିତ ହେବ ସୁଭଦ୍ରାର ରାଜ୍ୟସ୍ତରୀୟ ସମାରୋହ । ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀ ଉପକୃତ ହେବେ । ଅଗଷ୍ଟ ୨୮ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା । ତେବେ ଯେଉଁମାନେ ଏଥିରୁ ବାଦ୍ ପଡିଛନ୍ତି ସେମାନଙ୍କୁ ଏକାଥରେ ୫ଟି କିସ୍ତି ମିଳିବ ମିଳିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ।

# ବଢ଼ିଛି ବର୍ଷା ଓ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା

- ଚିନ୍ତା ବଢ଼ାଇଛି ବୈତରଣୀ, ଜଳକା ଓ ସାଳନ୍ଦୀ
- ଲଗାଣ ବର୍ଷାରେ ଫୁଲୁଛି ବ୍ରାହ୍ମଣୀ ଓ ରାମିଆଳ
- ଭୁବନ ବ୍ଲକର ୩ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ
- ବନ୍ୟାଜଳରେ ଭାସି ଯାଇ ନାବାଳକ ମୃତ



ଭୁବନେଶ୍ୱର, ୧୭ ।୮: ଉତ୍ତର ଓଡ଼ିଶା ପାଇଁ ପୁଣି ବଢ଼ିଛି ବର୍ଷା ଓ ବନ୍ୟା ଚିନ୍ତା । ବିପନ୍ନମାନେ ବିଭିନ୍ନ ଦୁଃସ୍ଥିତିର ସମ୍ମୁଖୀନ ହୋଇଥିବା କୁହାଯାଇଛି।୧୭ ଅଗଷ୍ଟ ମଧ୍ୟାହ୍ନର ନଦୀ ଓ ବର୍ଷା ସ୍ଥିତିକୁ ଦେଖିଲେ, ବିଶେଷକରି ବୈତରଣୀ, ଜଳକା ଓ ସାଳନ୍ଦୀ ନଦୀ ଚିନ୍ତା ବଢ଼ାଇଛି । ସର୍ବାଧିକ ୨୧୭ ମିଲିମିଟର ବର୍ଷା ବାଲେଶ୍ୱରର ଭୋଗରାଇରେ ରେକର୍ଡ ହୋଇଛି । ଭଦ୍ରକର ରାଜଘାଟରେ ସାଳନ୍ଦୀ ୧୭.୫ ଫୁଟ୍‌ରେ ରହିଛି, ଯାହା ୧୭ ଫୁଟ୍‌ର ବିପଦ ସ୍ତରଠାରୁ ଉପରେ ରହିଥିବା ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ । ସ୍ୱାମପାଟଣାରୁ ଆନନ୍ଦପୁର ମଧ୍ୟରେ ଭାରି ବର୍ଷା ହୋଇଥିବାରୁ ଆନନ୍ଦପୁର ବ୍ୟାରେଜ୍‌କୁ ଆସୁଥିବା ଜଳ ପ୍ରବାହ ପ୍ରାୟ ୬,୨୦୦ କ୍ୟୁସେକ୍ସ ପର୍ଯ୍ୟନ୍ତ ବଢ଼ିପାରେ । ସାଳନ୍ଦୀ ଉପରେ ବି ରହିଛି କଡ଼ା ନଜର । କାଂଶବାଂଶରେ ଜଳସ୍ତର ୭.୪୫ ମିଟର ଓ ଡେଞ୍ଜର ଲେଭଲ୍ ୭.୫ ମିଟର ଥିବା ବେଳେ, ଭଦ୍ରକର ରାଜଘାଟରେ ସାଳନ୍ଦୀ ୧୭.୫ ଫୁଟ୍‌ରେ ରହିଛି, ଯାହା ୧୭ ଫୁଟ୍‌ର ବିପଦ ସ୍ତରଠାରୁ ଉପରେ ରହିଛି ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ । ରେଙ୍ଗାଲିରେ ୩ଟି ଗେଟ୍ ଖୋଲା ରହିଥିବା ବେଳେ ସମଲ ବ୍ୟାରେଜ୍‌ରେ ୧୩ଟି ଗେଟ୍ ଖୋଲା ଅଛି। ଯାଜପୁରର ଜେନାପୁରରେ ଜଳସ୍ତର ୨୨.୧୪ ମିଟର ଥିଲେ ମଧ୍ୟ ସିଡବ୍ଲ୍ୟୁସି ପୂର୍ବାନୁମାନ ଏହା ୱାର୍ଣ୍ଣିଂ ଲେଭଲ୍‌ଠାରୁ ତଳକୁ ଖସିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।ମହାନଦୀରେ ବଡ଼ ପ୍ରବାହ, କିନ୍ତୁ ଏବେ ବନ୍ୟା ଆଶଙ୍କା ନାହିଁ ।ହୀରାକୁଦର ଜଳସ୍ତର ୬୧୯.୧ ଫୁଟ୍ ଓ ଏହା ବଢ଼ୁଛି। ଇନଫ୍ଲୋ ୧.୮୨ ଲକ୍ଷ କ୍ୟୁସେକ୍ ଏବଂ ଆଉଟଫ୍ଲୋ ୧.୪୪ ଲକ୍ଷ କ୍ୟୁସେକ୍ ରହିଛି। ମୁଣ୍ଡଳୀରେ ପ୍ରବାହ ୧.୬୧ ଲକ୍ଷ କ୍ୟୁସେକ୍ ଥିଲେ ମଧ୍ୟ ଏହା ହ୍ରାସ ପାଉଛି। ତେଣୁ ବର୍ତ୍ତମାନ ମହାନଦୀ ବେସିନରେ ବନ୍ୟା ପରିସ୍ଥିତି ଆଶଙ୍କା କରାଯାଉନାହିଁ ।ବୁଢ଼ାବଳଙ୍ଗର ଗୋବିନ୍ଦପୁରରେ ଜଳସ୍ତର ୭.୬୬ ମିଟର, ଯାହା ବଢ଼ୁଛି। ବୈତରଣୀରେ ଆସନ୍ନ ବଢ଼ୁଥିବା ପ୍ରବାହ, ଅଖୁଆପଦାରେ ସମ୍ଭାବ୍ୟ ୧୯.୫୫ ମିଟର ପିକ୍ ଏବଂ ଜଳକା-ସାଳନ୍ଦୀର ବିପଦ ସଂକେତ ଅତିକ୍ରମ ଏହି ତିନୋଟି ସଙ୍କେତ ଉତ୍ତର ଓଡ଼ିଶା ପାଇଁ ସତର୍କତାର ବଡ଼ କାରଣ । ଲଗାଣ ବର୍ଷାରେ ଫୁଲୁଛି ବ୍ରାହ୍ମଣୀ ଓ ରାମିଆଳ ନଦୀ । ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ଜୟପୁର, କାଶିପୁର ଓ କୃଷ୍ଣପୁର ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ । ଓଡ଼ଣା ଗ୍ରାମ ମାଳ ବନ୍ଧରେ ପ୍ରାୟ ୪୦ ଫୁଟର ଘାଇ । ଜଳବନ୍ଦୀରେ ତିନିଟି ଗ୍ରାମର ଦେଢଶହରୁ ଅଧିକ ପରିବାର ଅଛନ୍ତି। ଚଳିତ ବର୍ଷ ଯାଜପୁର ଜିଲ୍ଲାରେ ବନ୍ୟାଜନିତ ଦ୍ୱିତୀୟ ମୃତ୍ୟୁ ଘଟିଛି। ରବିବାର ଜିଲ୍ଲାରେ ବନ୍ୟାଜଳରେ ଭାସି ଯାଇ ଜଣେ ୧୨ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି। ମୃତକଙ୍କ ଘର ଦଶରଥପୁର ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମ ଓ ତାଙ୍କ ନାମ ରୁଦ୍ର ସାହୁ।

CMYK

# ଘରେ ହନୁମାନଙ୍କ କେଉଁ ପ୍ରତିଛବି ରଖିବେ







ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ହନୁମାନଙ୍କୁ ଶକ୍ତି, ସାହସ, ଭକ୍ତି ଓ ସୁରକ୍ଷାର ପ୍ରତୀକ ଭାବେ ପୂଜା କରାଯାଏ। ମଙ୍ଗଳବାର, ଶନିବାର, ରାମ ନବମୀ ଓ ହନୁମାନ ଜୟନ୍ତୀ ଭଳି ବିଶେଷ ଅବସରରେ ହନୁମାନ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳେ। ବାସ୍ତୁ ଶାସ୍ତ୍ରରେ ମଧ୍ୟ ଘରେ ହନୁମାନଙ୍କ ପ୍ରତିଛବି କିମ୍ବା ପ୍ରତିମୂର୍ତ୍ତି ରଖିବାକୁ ଶୁଭ ବୋଲି ବିବେଚନା କରାଯାଏ। ତେବେ ହନୁମାନଙ୍କ ସମସ୍ତ ପ୍ରତିଛବିର ମହତ୍ତ୍ୱ ଏକାଭଳି ନୁହେଁ। ତାଙ୍କର ବିଭିନ୍ନ ରୂପ ସହିତ ଭିନ୍ନ ଭିନ୍ନ ଧାର୍ମିକ ଓ ବାସ୍ତୁ ମାନ୍ୟତା ଜଡ଼ିତ ରହିଛି। ଆସନ୍ତୁ ଜାଣିବା ଘରେ କେଉଁ ରୂପର ହନୁମାନଙ୍କ ପ୍ରତିଛବି ରଖିବା ଶୁଭ ବୋଲି ମନାଯାଏ।

## ହନୁମାନଙ୍କ ପ୍ରତିଛବି ରଖିବାର ଦିଗ:

ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ହନୁମାନଙ୍କ ପ୍ରତିଛବି ରଖିବା ସମୟରେ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଦକ୍ଷିଣ ଦିଗକୁ ମୁହଁ କରିଥିବା ହନୁମାନଙ୍କ ପ୍ରତିଛବିକୁ ଶୁଭ ବୋଲି ବିଶ୍ୱାସ କରାଯାଏ। ବିଶେଷକରି ଲାଲ ବସ୍ତ୍ର ପରିଧାନ କରି ବସିଥିବା ହନୁମାନଙ୍କ ପ୍ରତିଛବି ଏହି ଦିଗ ପାଇଁ ଉପଯୁକ୍ତ ବୋଲି କୁହାଯାଏ। ଏପରି ପ୍ରତିଛବି ଘରକୁ ନକାରାତ୍ମକ ପ୍ରଭାବରୁ ସୁରକ୍ଷା ଦେଇଥାଏ ବୋଲି ଧାର୍ମିକ ମାନ୍ୟତା ରହିଛି।

## ଶ୍ରୀରାମଙ୍କ ଭକ୍ତିରେ ଲୀନ ହନୁମାନ:

ପ୍ରଭୁ ଶ୍ରୀରାମଙ୍କ ପୂଜା କରୁଥିବା କିମ୍ବା ଭଜନ-କୀର୍ତ୍ତନରେ ଲୀନ ଥିବା ହନୁମାନଙ୍କ ପ୍ରତିଛବି ଘରେ ରଖିବାକୁ ଶୁଭ ବୋଲି ମନାଯାଏ। ଏହି ରୂପ ଭକ୍ତି, ନିଷ୍ଠା ଓ ସମର୍ପଣର ପ୍ରତୀକ। ଏପରି ପ୍ରତିଛବି ପରିବାରରେ ପ୍ରେମ, ପାରସ୍ପରିକ ବୁଝାମଣା ଓ ଏକତା ବଢ଼ାଇବା ସହିତ ଘରେ ଶାନ୍ତି ଓ ସୁଖର ପରିବେଶ ସୃଷ୍ଟି କରେ ବୋଲି ବିଶ୍ୱାସ ରହିଛି।

## ପର୍ବତ ଉଠାଇଥିବା ହନୁମାନ:

ହାତରେ ପର୍ବତ ଉଠାଇ ନେଉଥିବା ହନୁମାନଙ୍କ ପ୍ରତିଛବି ତାଙ୍କର ଅସୀମ ଶକ୍ତି, ସାହସ ଓ କର୍ତ୍ତବ୍ୟନିଷ୍ଠାର ପ୍ରତୀକ। ବାସ୍ତୁ ମାନ୍ୟତା ଅନୁସାରେ, ଏପରି ପ୍ରତିଛବି ଘରେ ରଖିଲେ ଆତ୍ମବିଶ୍ୱାସ ବଢ଼େ ଏବଂ କଠିନ ପରିସ୍ଥିତିର ସାମ୍ନା କରିବାକୁ ମାନସିକ ଶକ୍ତି ମିଳେ ବୋଲି ବିଶ୍ୱାସ କରାଯାଏ। ଏହା ନୂତନ ଉତ୍ସାହ ଓ ସକାରାତ୍ମକ ଚିନ୍ତାଧାରାର ପ୍ରତୀକ ଭାବେ ମଧ୍ୟ ମନାଯାଏ।

## ଉଡୁଥିବା ହନୁମାନ:

ଆକାଶରେ ଉଡୁଥିବା ହନୁମାନଙ୍କ ପ୍ରତିଛବିକୁ ପ୍ରଗତି, ଗତି ଓ ସଫଳତାର ପ୍ରତୀକ ଭାବେ ଦେଖାଯାଏ। ଘରେ ଏପରି ପ୍ରତିଛବି ରଖିବା ଜୀବନରେ ଆଗକୁ ବଢ଼ିବା, ନୂଆ ସୁଯୋଗ ପାଇବା ଓ କଠିନ କାର୍ଯ୍ୟ ସଫଳତାର ସହିତ ସମାପ୍ତ କରିବା ପାଇଁ ଆତ୍ମବିଶ୍ୱାସ ଦେଇଥାଏ ବୋଲି ବାସ୍ତୁ ସମ୍ବନ୍ଧୀୟ ମାନ୍ୟତା ରହିଛି।

## ଲାଲ ବସ୍ତ୍ର ପରିଧାନ କରି ବସିଥିବା ହନୁମାନ:

ଦକ୍ଷିଣ ଦିଗକୁ ମୁହଁ କରି ଲାଲ ବସ୍ତ୍ର ପରିଧାନ କରି ବସିଥିବା ହନୁମାନଙ୍କ ପ୍ରତିଛବିର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ଏପରି ପ୍ରତିଛବି ଘରକୁ ନକାରାତ୍ମକ ପ୍ରଭାବରୁ ଦୂରେଇ ରଖିବା ସହିତ ପରିବାରରେ ସୁରକ୍ଷା ଓ ସକାରାତ୍ମକ ପରିବେଶ ବଜାୟ ରଖେ ବୋଲି ବିଶ୍ୱାସ କରାଯାଏ।



## ପଞ୍ଚମୁଖୀ ହନୁମାନ:

ବାସ୍ତୁ ଶାସ୍ତ୍ରରେ ମୁଖ୍ୟ ପ୍ରବେଶଦ୍ୱାର ନିକଟରେ ପଞ୍ଚମୁଖୀ ହନୁମାନଙ୍କ ପ୍ରତିଛବି କିମ୍ବା ପ୍ରତିମୂର୍ତ୍ତି ରଖିବାକୁ ମଧ୍ୟ ଶୁଭ ବୋଲି ମନାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ପଞ୍ଚମୁଖୀ ହନୁମାନଙ୍କ ରୂପ ଶକ୍ତି ଓ ସୁରକ୍ଷାର ପ୍ରତୀକ। ଏହି ପ୍ରତିଛବି ଘରକୁ ନକାରାତ୍ମକ ଶକ୍ତି ଓ ଅଶୁଭ ପ୍ରଭାବରୁ ସୁରକ୍ଷା କରେ ବୋଲି ବିଶ୍ୱାସ ରହିଛି। ପଞ୍ଚମୁଖୀ ରୂପକୁ ହନୁମାନଙ୍କ ଏକ ବିଶେଷ ଓ ଶକ୍ତିଶାଳୀ ସ୍ୱରୂପ ଭାବେ ମଧ୍ୟ ବିବେଚନା କରାଯାଏ।

# ତୁଳସୀ ଗଛ ପାଖରେ ଏସବୁ ଜିନିଷ ମନା

ସନାତନ ଧର୍ମରେ ତୁଳସୀ ଗଛର ଏକ ସ୍ୱତନ୍ତ୍ର ଓ ପବିତ୍ର ସ୍ଥାନ ରହିଛି। ଭଗବାନ ବିଷ୍ଣୁଙ୍କ ପ୍ରିୟ ହୋଇଥିବାରୁ ତୁଳସୀକୁ 'ହରିପ୍ରିୟା' ବୋଲି ମଧ୍ୟ କୁହାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ତୁଳସୀ ଗଛରେ ଦେବୀ ଲକ୍ଷ୍ମୀଙ୍କ ବାସ ରହିଥାଏ। ଘରେ ତୁଳସୀ ଗଛ ରଖିବାକୁ ମଧ୍ୟ ଶୁଭତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ବାସ୍ତୁ ଶାସ୍ତ୍ରରେ ମଧ୍ୟ ତୁଳସୀକୁ ସକାରାତ୍ମକ ଶକ୍ତିର ଏକ ଉତ୍ସ ବୋଲି ବିଶ୍ୱାସ କରାଯାଏ। ତେବେ ତୁଳସୀ ଗଛର ପବିତ୍ରତା ବଜାୟ ରଖିବା ପାଇଁ ଏହାର ଆଖପାଖରେ କିଛି ଜିନିଷ ରଖିବାକୁ ଧାର୍ମିକ ଓ ବାସ୍ତୁ ଦୃଷ୍ଟିରୁ ଅନୁଚିତ ବୋଲି ମନେ କରାଯାଏ। ଆସନ୍ତୁ ଜାଣିବା, ତୁଳସୀ ଗଛ ପାଖରେ କେଉଁ ଜିନିଷ ରଖିବା ଉଚିତ ନୁହେଁ।

## ଡଷ୍ଟବିନ୍ ଠାରୁ ଦୂରରେ ରଖନ୍ତୁ:

ବାସ୍ତୁ ଶାସ୍ତ୍ର ଅନୁସାରେ, ତୁଳସୀ ଗଛ ପାଖରେ ଡଷ୍ଟବିନ୍ ରଖିବା ଉଚିତ ନୁହେଁ। ଏହା ସହିତ ତୁଳସୀ ଗଛର ଚାରିପାଖରେ ମଇଳା କିମ୍ବା ଅଳିଆ ଜମା ହେବାକୁ ଦେବା ଉଚିତ ନୁହେଁ। ଏପରି ପରିବେଶ ଘରର ସକାରାତ୍ମକ ପରିବେଶକୁ ପ୍ରଭାବିତ କରେ ଏବଂ ଆର୍ଥିକ ସମସ୍ୟା ବଢ଼ିପାରେ ବୋଲି ବିଶ୍ୱାସ ରହିଛି।



## ଜୋତା କିମ୍ବା ଚପଲ ରଖନ୍ତୁ ନାହିଁ:

ତୁଳସୀକୁ ଏକ ପବିତ୍ର ଗଛ ଭାବେ ବିବେଚନା କରାଯାଏ। ତେଣୁ ଏହାର ନିକଟରେ ଜୋତା କିମ୍ବା ଚପଲ ରଖିବାରୁ ବଞ୍ଚିବା ଉଚିତ। ଅନେକ ଘରେ ତୁଳସୀ ଗଛକୁ ମୁଖ୍ୟ ଦ୍ୱାର ନିକଟରେ ରଖାଯାଏ। ତଥାପି, ଏହାର ଠିକ୍ ପାଖରେ ଚପଲ ରଖିବାକୁ ଅନୁଚିତ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଏହା ତୁଳସୀର ପବିତ୍ରତାକୁ ପ୍ରଭାବିତ କରେ ବୋଲି ମନେ କରାଯାଏ।

## କଣ୍ଟା ଥିବା ଗଛ ଲଗାନ୍ତୁ ନାହିଁ:

ତୁଳସୀ ଗଛର ନିକଟରେ କଣ୍ଟା ଥିବା ଗଛ ଲଗାଇବାରୁ ମଧ୍ୟ ବଞ୍ଚିବାକୁ ବାସ୍ତୁ ଶାସ୍ତ୍ରରେ ପରାମର୍ଶ ଦିଆଯାଏ। ଏପରି ଗଛ ଘରର ସକାରାତ୍ମକ ଶକ୍ତିର ପ୍ରବାହକୁ ବାଧା ଦେଇପାରେ ବୋଲି ବିଶ୍ୱାସ କରାଯାଏ। ତେଣୁ ତୁଳସୀ ନିକଟରେ ଅନ୍ୟ ଗଛ ଲଗାଇବା ସମୟରେ ସେଗୁଡ଼ିକର ପ୍ରକୃତି ଓ ସ୍ଥାନ ପ୍ରତି ଧ୍ୟାନ ଦେବା ଉଚିତ।

## ପୁରୁଣା ଓ ଅଦରକାରୀ ଜିନିଷ ଜମା କରନ୍ତୁ ନାହିଁ:

ତୁଳସୀ ଗଛ ଚାରିପାଖରେ ପୁରୁଣା, ଭଙ୍ଗା କିମ୍ବା ଅଦରକାରୀ ଜିନିଷ ଜମା କରି ରଖିବା ଉଚିତ ନୁହେଁ। ଘରର କୌଣସି ସ୍ଥାନରେ ଅଳିଆ କିମ୍ବା ଅବ୍ୟବସ୍ଥା ରହିଲେ ଏହା ନକାରାତ୍ମକ ପରିବେଶ ସୃଷ୍ଟି କରେ ବୋଲି ବାସ୍ତୁ ବିଶ୍ୱାସ ରହିଛି। ତେଣୁ ତୁଳସୀ ଗଛ ଚାରିପାଖରେ ସବୁବେଳେ ପରିଷ୍କାର ଓ ସୁସଜ୍ଜିତ ପରିବେଶ ରଖିବା ଭଲ।

## ଝାଡୁ, ମପ୍ ଓ ସଫା କରିବା ସାମଗ୍ରୀ ରଖନ୍ତୁ ନାହିଁ:

ତୁଳସୀ ଗଛ ନିକଟରେ ଝାଡୁ, ମପ୍, ଡଷ୍ଟବିନ୍ କିମ୍ବା ଅନ୍ୟାନ୍ୟ ସଫା କରିବା ସାମଗ୍ରୀ ରଖିବା ମଧ୍ୟ ଅନୁଚିତ ବୋଲି ବିବେଚନା କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ଏପରି ଜିନିଷ ତୁଳସୀ ଗଛର ପବିତ୍ରତାକୁ ପ୍ରଭାବିତ କରିପାରେ ଏବଂ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦରେ ବାଧା ସୃଷ୍ଟି ହୋଇପାରେ। ତେଣୁ ତୁଳସୀ ଗଛର ନିୟମିତ ପୂଜା କରିବା ସହିତ ଏହାର ଚାରିପାଖରେ ସ୍ୱଚ୍ଛତା ଓ ଶୃଙ୍ଖଳା ବଜାୟ ରଖିବା ଉଚିତ। ତୁଳସୀ ଗଛକୁ ପରିଷ୍କାର, ଶାନ୍ତ ଓ ସୁସଜ୍ଜିତ ସ୍ଥାନରେ ରଖିବା ଦ୍ୱାରା ଘରର ପବିତ୍ରତା ଓ ସକାରାତ୍ମକ ପରିବେଶ ବଜାୟ ରହେ ବୋଲି ଧାର୍ମିକ ବିଶ୍ୱାସ ରହିଛି।

# ସେବା ମାଧ୍ୟମରେ ଅନେକ ମହାପୁରୁଷ ହୋଇଥିଲେ



ଇତିହାସର ପୃଷ୍ଠାଗୁଡ଼ିକୁ ଦେଖିବା ଦ୍ୱାରା ଅନେକ ମହାପୁରୁଷଙ୍କ ନାମ ପ୍ରକାଶ ପାଏ ଯାହା ସେମାନଙ୍କ ସେବା ଆଧାରରେ ଲେଖାଯାଇଥିଲା। କେତେକ ଜାତିର ସେବା କରି, କେତେକ ମାନବତାର ସେବା କରି ଏବଂ ଅନ୍ୟମାନେ ପଶୁ ଏବଂ ପକ୍ଷୀଙ୍କୁ ଭଲପାଇ ଏବଂ ସେବା କରି ନିଜର ପତାକା ଉଠାଇଥିଲେ। ଆଜିର ପିଲା ଏବଂ କିଶୋରମାନଙ୍କୁ ଏହି ମହାପୁରୁଷଙ୍କ ଆଦର୍ଶକୁ ଅନୁକରଣ କରି ସେବା ମନୋଭାବରେ ନିୟୋଜିତ ହେବା ଆବଶ୍ୟକ। ଏହା ନିଜର, ପରିବାର, ସମାଜ ଏବଂ ଜାତିର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବ। ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ। ଆଜି ମଧ୍ୟ, ଯେଉଁ ପିଲାମାନଙ୍କ ଭିତରେ ସେବା ମନୋଭାବ ଥାଏ ସେମାନେ ଏକ ସ୍ୱତନ୍ତ୍ର ସଂସ୍କୃତି ପ୍ରଦର୍ଶନ କରନ୍ତି, ପ୍ରମାଣ କରନ୍ତି ଯେ ସେବା ଏବଂ ସଂସ୍କୃତି ପରସ୍ପର ନିର୍ଭରଶୀଳ।



# ପୁଷ୍ପ ଅର୍ପଣ

**ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ। ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ। ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ ଦୁଦୁରା ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ। ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ। ଅରଖ ଫୁଲ ଅର୍ପଣ କରିବା କଥା। ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ। ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ। ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ**



## ଦୁଦୁରା:

ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ। ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ।



## ଅରଖ:

ଅରଖ ଫୁଲ ଅର୍ପଣ କରିବା ଦ୍ୱାରା କର୍ମ କ୍ଷେତ୍ରରେ ସଫଳତା ମଳିବା ସହ, ଆର୍ଥିକ ଉନ୍ନତି ଘଟିଥାଏ । ବିଦ୍ୟାର୍ଥୀମାନେ ଶିବଲିଙ୍ଗରେ ଅରଖ ଫୁଲ ଅର୍ପଣ କଲେ ବିଦ୍ୟା କ୍ଷେତ୍ରରେ ଉନ୍ନତି ହୋଇଥାଏ। ଯେଉଁ ବ୍ୟକ୍ତି ନିୟମିତ ଅରଖ ଫୁଲ ଅର୍ପଣ କରେ, ତା'ର ମୃତ୍ୟୁପରେ ତାକୁ ଶିବଲୋକ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ।





## କନିଅର:

ଏହି ଫୁଲ ଭଗବାନ ଶିବଙ୍କର ଖୁବ ପ୍ରିୟ ଅଟେ। ଏହାକୁ ନିୟମିତ ଅର୍ପଣ କଲେ ନିଜ ଇଚ୍ଛା ଅନୁଯାୟୀ ଭଲ ଜୀବନ ସାଥୀ ପ୍ରାପ୍ତି ହୋଇଥାଏ। ଶିବପୁରାଣରେ ଏହି ଫୁଲର ବିଶେଷତ୍ୱ ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ କୁହାଯାଇଛି ଯେ, ଏକଲକ୍ଷ କନିଅର ଫୁଲ ଶିବଙ୍କୁ ଅର୍ପଣକଲେ ସମସ୍ତ ରୋଗ ଓ ଶୋକ ନାଶ ହୋଇଥାଏ।

## ଅଗସ୍ତି:

ଏହାକୁ ଅର୍ପଣ କଲେ ସମାଜରେ ମାନସମ୍ମାନ ଓ ଖ୍ୟାତି ପ୍ରାପ୍ତି ହୋଇଥାଏ। ଯେଉଁ ବ୍ୟକ୍ତି ଅଗସ୍ତି ଫୁଲ ମହାଦେବଙ୍କୁ ଅପର୍ଣ କରେ, ସେ ଶ୍ରୀହରିଙ୍କ ମଧ୍ୟ ପ୍ରିୟ ହୋଇଥାଏ।

## ଶେଫାଳି:

ଭଗବାନ ଶିବଙ୍କୁ ଶେଫାଳି ଅର୍ପଣ କଲେ ମାନସିକ ଶାନ୍ତି ମିଳିବା ସହ ଜୀବନରେ ଥିବା ସମସ୍ତ କଷ୍ଟ ଦୂର ହୋଇଥାଏ। ମହାଦେବଙ୍କୁ ଏହି ଫୁଲ ଅତ୍ୟନ୍ତ ପ୍ରିୟ, ତେଣୁ ଏହାକୁ ଅର୍ପଣ କଲେ ମୋକ୍ଷପ୍ରାପ୍ତି ହୋଇଥାଏ।



## ଲଙ୍ଗଳ ଧରିଲେ ବିଧାୟକ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ସ୍ୱାଧୀନତା ଦିବସରେ ରାଜଧାନୀ କିମ୍ବା ସହରରେ ରହି ଉତ୍ସବ ପାଳନ କରିବା ପରିବର୍ତ୍ତେ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳକୁ ଯାଇ ସାଧାରଣ ଲୋକଙ୍କ ସହ ସମୟ ବିତାଇ ଚର୍ଚ୍ଚାରେ ରହିଛନ୍ତି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ। ବିଧାୟକଙ୍କ ଏହି ନିଆରା ଅନ୍ଦାଜ ଗ୍ରାମବାସୀଙ୍କ ମନରେ ଖୁସି ଓ ଆତ୍ମୀୟତା ସୃଷ୍ଟି କରିଛି। ସ୍ୱାଧୀନତା ଦିବସ ଅବସରରେ ବିଧାୟକ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଗସ୍ତ କରିଥିଲେ। ପାହାଡ଼ ଓ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେ ଥିବା ସାରାଜାଲ ଗ୍ରାମରେ ପହଞ୍ଚି ସେ ସ୍ଥାନୀୟ ଲୋକଙ୍କ ସହ ମିଶିଥିଲେ। ଗ୍ରାମବାସୀଙ୍କ ସୁଖଦୁଃଖ ଶୁଣିବା ସହିତ ସେମାନଙ୍କ ଦୈନନ୍ଦିନ ଜୀବନ ଓ ଚାଷବାସ ସମ୍ପର୍କରେ ଆଲୋଚନା କରିଥିଲେ।ତେବେ ଏହି ଗସ୍ତ ସମୟରେ ଦେଖିବାକୁ ମିଳିଥିଲା ଏକ ନିଆରା ଦୃଶ୍ୟ।



ବିଧାୟକ ଗ୍ରାମର ଚାଷ ଜମିକୁ ଯାଇ ନିଜେ ଲଙ୍ଗଳ ଧରି ଚାଷ କରିଥିଲେ। ଚାଷୀଙ୍କ ଜୀବନର କଷ୍ଟ, ମାଟି ସହିତ ସେମାନଙ୍କ ସମ୍ପର୍କ ଏବଂ କୃଷି ଉପରେ ନିର୍ଭରଶୀଳ ପରିବାରଗୁଡ଼ିକର ସମସ୍ୟାକୁ ନିକଟରୁ ଅନୁଭବ କରିବାର ଏହା ଏକ ଭିନ୍ନ ପ୍ରୟାସ ବୋଲି ଗ୍ରାମବାସୀମାନେ କହିଛନ୍ତି।

## ଏମ୍‌ସିଏଲ୍ ପାଳନ କଲା ସଦ୍‌ଭାବନା ଓ ଦେଶପ୍ରେମର ସ୍ୱାଧୀନତା ଦିବସ

ଅନୁଗୁଳ/ସମ୍ବଲପୁର,(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଅତ୍ୟନ୍ତ ଗର୍ବ, ଗୌରବ ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁରସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମାର୍ଚ୍ଚପାଷ୍ଟ ପ୍ୟାରେଡ୍‌ର ସଲାମୀ



ଗ୍ରହଣ କରିଥିଲେ। ଶ୍ରୀ କାଓଲେ ନିଜ ଅଭିଭାଷଣରେ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏମ୍‌ସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ସିଏସ୍ଆର ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଖନନ ଅଞ୍ଚଳର ସମୁଦାୟ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ତିନୋଟି ଆର୍ଥିକ ବର୍ଷରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ହାସଲ କରିଥିବାରୁ ସେ 'ଟିମ୍ ଏମ୍‌ସିଏଲ୍'ର ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ।

## ଆଠଗଡ଼ରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ

ଆଠଗଡ଼,(ନିପ୍ର): ଆଠଗଡ଼ରେ ୮୦ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ଶ୍ରଦ୍ଧା, ଉତ୍ସାହ ଓ ଦେଶପ୍ରେମର ସହ ଆଠଗଡ଼ ମିନି ଷ୍ଟାଡିୟମ ଠାରେ ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ପାଳିତ ହୋଇଯାଇଛି।ଏହି ଜାତୀୟ ପର୍ବରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ସ୍କାଉଟ -ଗାଇଡ ଓ ପୋଲିସ ବାହିନୀଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢ଼ୀ ପୁଷ୍ପଗୁଚ୍ଛ ପ୍ରଦାନ କରି ଆନୁଷ୍ଠାନିକ ସ୍ୱାଗତ ଜଣାଇଥିଲେ। ପୋଲିସବାହିନୀର ପାଇଲଟିଂ ସହ ଉପଜିଲ୍ଲାପାଳ ମଞ୍ଚକୁ ଆଗମନ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରଂ'ଗାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଉପଜିଲ୍ଲାପାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଉପଜିଲ୍ଲାପାଳ ଶ୍ରୀ ଶର୍ମା ଉପସ୍ଥିତ ସମାବେଶକୁ ଉଦବୋଧନ ଦେଇ ସ୍ୱାଧୀନତା ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ନିଜ ଅଭିଭାଷଣରେ ସେ ଦେଶ ଓ ସମାଜର ସାମଗ୍ରିକ ଉନ୍ନତି ପାଇଁ ସମସ୍ତଙ୍କୁ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଯୁବପିଢ଼ି ଓ ଛାତ୍ରଛାତ୍ରୀମାନଙ୍କୁ ଦେଶ ଗଠନ ପ୍ରକ୍ରିୟାରେ ସକ୍ରିୟ ଓ ସକାରାତ୍ମକ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ।

## କୃଷ୍ଣପ୍ରସାଦରେ ସ୍ୱାଧୀନତା ଦିବସ

କୃଷ୍ଣପ୍ରସାଦ,(ନିପ୍ର ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କୃଷ୍ଣପ୍ରସାଦ ବ୍ଲକ ପରିସରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜିନୀ ତରେଇ ପତାକା ଉତ୍ତୋଳନ କରିଥିବାବେଳେ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ,ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ତରେଇ,ସିପି ପ୍ରଭାତ କୁମାର ଜେନା, ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର କାଣ୍ଡିଙ୍କ ସହ ବିଭିନ୍ନ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଥାନା ପରିସରରେ ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ ପତାକା ଉତ୍ତୋଳନ କରିଥିବା ବେଳେ ସମସ୍ତ ଆରକ୍ଷୀ ବାହିନୀ ଉପସ୍ଥିତ ଥିଲେ । ତହସିଲ ପରିସରରେ ତହସିଲଦାର ସହଦେବ ସାହୁ ପତାକା ଉତୋଳନ କରିଥିବା ବେଳେ ନାଜର କୁବେର ଜେନା, ବାର ଆସୋସିଏନର ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଜେନା, ରଞ୍ଜନ କୁମାର ବେହେରା, ରମେଶ ଚନ୍ଦ୍ର ପ୍ରଧାନ ସମେତ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭଦ୍ରକ ବନ୍ୟା ପରିସ୍ଥିତି : ୧,୦୭,୭୭୩ଙ୍କୁ ସ୍ଥାନାନ୍ତରଣ

### ୯୦ ମାଗଣା ରନ୍ଧନଶାଳାରେ ଯୋଗାଣ ହେଉଛି ରନ୍ଧାଖାଦ୍ୟ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉଥିବା ରିଲିଫ୍ ଓ ଉଦ୍ଧାରମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପଶୁସମ୍ପଦ ସୁରକ୍ଷା ନିମନ୍ତେ ବ୍ୟାପକ ପଦକ୍ଷେପ ଜାରି ରହିଛି। ୧୬ ଅଗଷ୍ଟ ୨୦୨୬ ସୁଦ୍ଧା ଜିଲ୍ଲାର ୪ଟି ବ୍ଲକ୍— ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି ଓ ଚାନ୍ଦବାଲି ଏବଂ ଗୋଟିଏ ୟୁଏଲବି ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୩୩ଟି ଗ୍ରାମ ପଞ୍ଚାୟତ, ୪ଟି ୱାର୍ଡ ଓ ୧୩୪ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୧,୯୬,୨୪୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ୧,୦୭,୭୭୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି। ଏଥିସହ ୩୫,୧୯୧ ଜଣଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଘର କ୍ଷୟକ୍ଷତି ସମ୍ପର୍କରେ ଆକଳନ ଜାରି ରହିଛି। କୃଷି ଓ ଉଦ୍ୟାନ କୃଷି ଫସଲର କ୍ଷୟକ୍ଷତି ମଧ୍ୟ ଆକଳନ କରାଯାଉଛି। ବନ୍ୟାରେ ଏପର୍ଯ୍ୟନ୍ତ କୌଣସି ମାନବ ମୃତ୍ୟୁ ଘଟିନାହିଁ।ପ୍ରଭାବିତ ଲୋକଙ୍କୁ ତୁରନ୍ତ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୯୦ଟି ମାଗଣା ରନ୍ଧନଶାଳା ଚାଲୁ କରାଯାଇଛି। ୧୩,୦୦୦ ବୋତଲ ପାନୀୟ ଜଳ ଓ ୧୩,୫୦୦ ଜଳ ପାଉଚ୍ ବଣ୍ଟନ କରାଯାଇଛି। ଦୁଇଟି



ପାଣି ଟ୍ୟାଙ୍କର ମଧ୍ୟ ନିୟୋଜିତ ହୋଇଛି ପଶୁସମ୍ପଦର ସୁରକ୍ଷା ପାଇଁ ୮୫ ମେଟ୍ରିକ୍ ଟନ୍ ଗୋଖାଦ୍ୟ ମଧ୍ୟରୁ ୨୦ ମେଟ୍ରିକ୍ ଟନ୍ ବଣ୍ଟନ କରାଯାଇଛି। ମୋଟ ୯୫,୩୮୧ଟି ପଶୁସମ୍ପଦ ପ୍ରଭାବିତ ହୋଇଛି। ସେଥିମଧ୍ୟରେ ୬୬,୫୮୦ ବଡ଼ ପଶୁ, ୨୮,୮୦୧ ଛୋଟ ପଶୁ ଓ ୧୦,୮୦୦ କୁକୁଡ଼ା ରହିଛନ୍ତି। ୯ଟି ପଶୁଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ୧,୧୦୦ଟି ପଶୁଙ୍କୁ ଟିକାକରଣ ଏବଂ ୭୦୮ଟି ପଶୁଙ୍କୁ ଚିକିତ୍ସା ପ୍ରଦାନ କରାଯାଇଛି।ବନ୍ୟା ପରବର୍ତ୍ତୀ ସମ୍ଭାବ୍ୟ ରୋଗ ସଂକ୍ରମଣକୁ ରୋକିବା ପାଇଁ ୨୬ଟି ମେଡିକାଲ୍ ଟିମ୍ ଓ ୪ଟି ଭେଟେରିନାରୀ ଟିମ୍ ନିୟୋଜିତ କରାଯାଇଛି। ଦୁଇଟି ମୋବାଇଲ୍ ଜଳ ବିଶୋଧନ ୟୁନିଟ୍ ମଧ୍ୟ କାର୍ଯ୍ୟରତ ରହିଛି। ପ୍ରଭାବିତ ୫୫୩ଟି ନଳକୂପ ମଧ୍ୟରୁ ୩୦ଟି ନଳକୂପକୁ ବିଶୋଧନ କରାଯାଇଛି। ଝାଡ଼ାବାନ୍ତିର ୨୭ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୧୮ ଜଣ ଚିକିତ୍ସା ପରେ ଡିସ୍ଚାର୍ଜ ହୋଇଛନ୍ତି। ସାପ କାମୁଡ଼ାର ୭ଟି ମାମଲା ରହିଛି। ୩୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ରୋଗ ବ୍ୟାପିବାର ସୂଚନା ନାହିଁ।ବନ୍ୟା ପରିସ୍ଥିତିର ମୁକାବିଲା ଓ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ଓଡ୍ରାଫ ଟିମ୍ ଭଣ୍ଡାରିପୋଖରୀ, ଧାମନଗର ଓ ତିହିଡ଼ିରେ ନିୟୋଜିତ ହୋଇଛନ୍ତି। ଆରଡ଼ିରେ ଆଉ ଗୋଟିଏ ଓଡ୍ରାଫ ଟିମ୍ ନିୟୋଜନ ପାଇଁ ପ୍ରସ୍ତୁତ ରହିଛି।ତିହିଡ଼ିରେ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ ହୋଇଥିବା ବେଳେ ଧାମନଗରରେ କଟକରୁ ୨ଟି ଅତିରିକ୍ତ ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇ ସମସ୍ତ ଆବଶ୍ୟକୀୟ ରିଲିଫ୍ ଓ ଉଦ୍ଧାର ପଦକ୍ଷେପ ଜାରି ରହିଛି।

## ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ବିଭିନ୍ନ ଅଞ୍ଚଳ ପରିଦର୍ଶନ ସହ ସ୍ଥିତି ସମୀକ୍ଷା

### ମହିଳାଙ୍କୁ ସ୍ୱାବଲମ୍ବୀ କରି ଗଢ଼ିବା ପାଇଁ ସହାୟତା ସାମଗ୍ରୀ ବଣ୍ଟନ , କାହ୍ନାକୁଣ୍ଡ ହେବ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ

ରାଉରକେଲା,(ନିପ୍ର): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ପରିଦର୍ଶନ ସମୟରେ ସେ ଜନସାଧାରଣଙ୍କ ସୁବିଧା ଅସୁବିଧା ବୁଝିବା ସହ ସରକାରୀ ସେବା ଓ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ଭବାନୀପୁର ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କୁ ଦିଆଯାଉଥିବା ଶିକ୍ଷଣ ସାମଗ୍ରୀ, ପୁଷ୍ଟିକର ଖାଦ୍ୟ ଓ କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟକଳାପ ଗୁଡ଼ିକର ସମୀକ୍ଷା କରିଥିଲେ ଏବଂ କୁନି କୁନି ଶିଶୁଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରିଥିଲେ। ଏହି ଅବସରରେ ସେ ଅଙ୍ଗନବାଡି କର୍ମୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

ସେହିଭଳି ବାଲିଶଙ୍କରା ବ୍ଲକ ଅର୍ନ୍ତଗତ ଘୋଗର ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହିଳା ମାନଙ୍କୁ ସଶକ୍ତୀକରଣ ତଥା ସ୍ୱାବଲମ୍ବୀ କରିବା ଦିଗରେ ସହାୟତା କରିବା ପାଇଁ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସିଲେଇ ମେସିନ, ଫଳନ୍ତି ଗଛର ଚାରା ଏବଂ ଏକ ମାସ ବୟସର କୁକୁଡ଼ା ଛୁଆ



ବଣ୍ଟନ କରିଥିଲେ। ଏହି ଅବସରରେ ମହିଳାଙ୍କୁ ସଶକ୍ତ କରିବା ଲାଗି ସରକାର ବିଭିନ୍ନ ପ୍ରକାର କଲ୍ୟାଣକାରୀ ଯୋଜନା, କାର୍ଯ୍ୟକ୍ରମ ଆଦି କାର୍ଯ୍ୟକାରୀ କରିଛନ୍ତି। ଏହି ସବୁ ଯୋଜନା ଗୁଡିକରେ ଅର୍ନ୍ତଭୁକ୍ତ ହୋଇ ଯୋଜନା ଗୁଡ଼ିକର ଲାଭ ନେବାକୁ ବକ୍ତବ୍ୟ ରଖିଥିଲେ। ସେହିଭଳି ଜିଲ୍ଲାରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା ନେଇ ମଧ୍ୟ ଆହ୍ୱାନ ଦେଇଥିଲେ।

ପରେ ପରେ ଉପ ମୁଖ୍ୟମନ୍ତ୍ରୀ ପ୍ରାକୃତିକ ସୌନ୍ଦର୍ଯ୍ୟଭରା କାହ୍ନାକୁଣ୍ଡ ପରିଦର୍ଶନ କରିଥିଲେ। କାହ୍ନାକୁଣ୍ଡକୁ ଏକ ଅନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସେ ଉପସ୍ଥିତ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ବାଲିଶଙ୍କରା ବ୍ଲକ ଠାରେ ଥିବା ଏହି କାହ୍ନାକୁଣ୍ଡକୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳ ଭାବେ ଗଢିବା ହେଉଛି ଆମର ଲକ୍ଷ୍ୟ। ଏହା ସହ ଏହି ପର୍ଯ୍ୟଟନ ସ୍ଥଳୀ ଭାବେ ଗଠନ ହେବା ଫଳରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମଧ୍ୟ ମିଳିପାରିବ ବୋଲି କହିଥିଲେ। ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବା, ମହିଳା ସଶକ୍ତୀକରଣ ଏବଂ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱ ଦରବାରରେ ପହଞ୍ଚାଇବ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି କ୍ଷେତ୍ର ପରିଦର୍ଶନ ସମୟରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜନଜାତି ପରାମର୍ଶଦାତା କମିଟିର ସଭ୍ୟ ତଥା ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକାରୀ ଅମ୍ରିତ ପାଲ କୌର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ନିର୍ବାହୀ ଅଧିକାରୀ, ସଦର ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରା ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ୬ ଲକ୍ଷ ଟଙ୍କାର ଅଳଙ୍କାର ଜବତ : ୨ ଗିରଫ

କଟକ,(ନିପ୍ର): ଜଗତପୁର ଥାନା ପୋଲିସ ଏକ ପେସାଦର ଚୋର ରାକେଟର ପର୍ଦ୍ଦାଫାସ କରି ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ କରିଛି । ଗିରଫ ଅଭିଯୁକ୍ତ କେନ୍ଦୁଝର ଟମକା ଥାନା ଅନ୍ତର୍ଗତ ବଗପାଟିଆର ରବୀନ୍ଦ୍ର ପାତ୍ର (୩୦) ଓ ଯାଜପୁର ରୋଡ଼ ଲକ୍ଷ୍ମୀନଗରର କ୍ରିଷ୍ଣା ଦାସ (୨୭)। ଏସିପି ଅରୁଣ ସ୍ୱାଇଁଙ୍କ ସୂଚନା ମୁତାବକ ଗତ ୧୧ ତାରିଖରେ ତରୋଳ ରମାଦେବୀ ନଗରର ଭାସ୍କର ପାଢ଼ୀ ତାଙ୍କ ଦୋକାନ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଅନୁପସ୍ଥିତିର ସୁଯୋଗରେ ତାଙ୍କ ଘରେ ପଶି ଆଲମିରା ଭାଙ୍ଗି ଆଲମିରାରେ ଥିବା ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଥିଲେ । ଶ୍ରୀ ପାଢ଼ୀ ଏନେଇ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ



ଜାରି ରହିଥିଲା । ପୂର୍ବରୁ ଏହି ଏକା ପ୍ରକାର ଚୋରି ନେଇ ଏକାଧିକ ଅଭିଯୋଗ ହୋଇଥିଲା । ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଫୋରେନସିକ ଟିମର ସହାୟତା ନିଆଯାଇଥିଲା । ସିସିଟିଭି ଫୁଟେଜ ସଂଗ୍ରହ କରାଯିବା ସହ ସ୍ଥାନୀୟ ଗୁପ୍ତ ସୂତ୍ର ଆଧାରରେ ଅଭିଯୁକ୍ତଙ୍କ ସନ୍ଧାନ ପାଇ ସେମାନଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ଠାରୁ ସୁନା ହାର, ଚେନ, ମୁଦି, ଚୁଡ଼ି, ବ୍ରେସଲେଟ, ପାଉଁଜି, ଅଣ୍ଟା ଚେନ ଆଦି ଜବତ କରିଛି । ଜବତ ସାମଗ୍ରୀର ମୂଲ୍ୟ ୬ ଲକ୍ଷରୁ ଅଧିକ ହେବ ବୋଲି ପୋଲିସ ଆକଳନ କରିଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ କ୍ରିଷ୍ଣା ବିରୋଧରେ ଯାଜପୁର, କେନ୍ଦୁଝର ଓ କଟକର ବିଭିନ୍ନ ଥାନାରେ ୨୬ ଟି ମାମଲା ଏବଂ ରବୀନ୍ଦ୍ର ବିରୋଧରେ ୧୨ଟି ମାମଲା ରହିଥିବା ଜଣାପଡିଛି।

## ଲୋପ ପାଇବାକୁ ବସିଲାଣି ପ୍ରାକୃତିକ କଜଳ

ଭାପୁର,(ନିପ୍ର): ନାରୀଙ୍କ ପାଇଁ ଶୃଙ୍ଗାର ଏକ ଭୂଷଣ। ଏହି ଶୃଙ୍ଗାର ହେବା ଦ୍ୱାରା ଜଣେ ନାରୀ ଅନ୍ୟମାନଙ୍କ ଚକ୍ଷୁରେ ସୁନ୍ଦର ଲାଗିଥାଏ।ସେହି ଶୃଙ୍ଗାର ଉପାଦାନ ମଧ୍ୟରୁ କଜଳ ଅନ୍ୟତମ। ଅତୀତରେ,ମହିଳାମାନେ ଘରେ ପ୍ରାକୃତିକ ପଦ୍ଧତିରେ କଜଳ ତିଆରି କରି ଚକ୍ଷୁରେ ଲଗାଉଥିଲେ। କିନ୍ତୁ,କିଛି ବର୍ଷ ଧରି ବଜାରରେ ମିଳୁଥିବା ଶସ୍ତା କଜଳ ଲଗେଇ ନିଜ ଚକ୍ଷୁକୁ ରୋଗ ଆଡକୁ ନେଉଛନ୍ତି। ଆବଶ୍ୟ,ଅତୀତ ଭଳି ଆଉ ସହର ମାନଙ୍କରେ କଜଳର ଚାହିଦା ନ ଥିବାବେଳେ ଗାଁ ଗହଳିରେ ଏହାର ଚାହିଦା ରହିଛି। ଗାଁ ଗହଳିର ମହିଳାମାନେ ଅତୀତରେ ଘରେ



ନିଜେ କଜଳ ତିଆରି କରି ଲଗାଉଥିଲେ। ଫଳରେ ବୟସାଧିକ ପର୍ଯ୍ୟନ୍ତ ତାଙ୍କର ଆଖି ଦୋଷ ନିଜେ ଉପଲବ୍ଧି କରି ପାରୁନଥିଲେ ବୋଲି କୁହାଯାଏ। ସେମାନେ ତିଆରି କରୁଥିବା କଜଳରେ ଔଷଧୀୟ ଗୁଣ ରହୁଥିଲା। ଅତୀତରେ,ଗୃହିଣୀମାନେ ନିଜେ କଜଳ ଲଗେଇବା ପାଇଁ ପ୍ରାକୃତିକ ପଦ୍ଧତିରେ ତିଆରି କରୁଥିଲେ। ପ୍ରଥମେ, ଗୃହିଣୀ ଚୁଲି ଉପରେ କଂସା ଥାଳିରେ ପାଣି ରଖି ସେଥିରେ ଅରୁଆ ଚାଉଳ ପକେଇ ଚୁଲିକୁ ଜଡ଼ା ତେଲ ଦୀପ ଦ୍ୱାରା ଉତ୍ତପ୍ତ କରାଯିବ।ଦୀପଟି ଜଳି ସାରିବା ପରେ କଂସା ଥାଳିକୁ ଓଲଟାଇ ରଖିଲେ ସେଥିରେ କଳାର ଆଭରଣ ପଡିଥିବ। ସେ କଳାର ଆଭରଣକୁ ରାମ୍ପି ବାହାର କରି ସାରିବା ପରେ ଜଡ଼ାତେଲ ଦ୍ୱାରା କଳାକୁ ମିଶାଇ ଏକ ପାଣି ପାତ୍ରରେ ୮/୧୦ ଘଣ୍ଟା କଳାପାତ୍ରକୁ ବୁଡାଇ ରଖାଯିବା ଦ୍ୱାରା କଜଳ ଥଣ୍ଡା ରହିବା ସହିତ ଆଖି ଆଉ ପୋଡାଜଳା ହୋଇ ନ ଥାଏ। ଏହି ପ୍ରାକୃତିକ ଉପାୟରେ ତିଆରି କଜଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ ବୋଲି ଗ୍ରାମାଞ୍ଚଳ ମହିଳାଙ୍କ ବିଶ୍ୱାସ ରହିଛି।

## ମିଳିତ ଜନ ଅଭିଯୋଗ ଶୁଣାଣିରେ ୧୦୧ ଅଭିଯୋଗପତ୍ର ଗ୍ରହଣ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୋଷାଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଏବଂ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୧୦୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୭ଟି ବ୍ୟକ୍ତିଗତ ଏବଂ ୩୪ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୯ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିଲା। ୨୦ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି।



ଉକ୍ତ ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଗୋଷଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍.ବୀରାରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରେଢ଼ାଖୋଲରେ ହରଘର ତ୍ରିରଙ୍ଗା ଶୋଭାଯାତ୍ରା

ରେଢ଼ାଖୋଲ,(ନିପ୍ର): ସ୍ୱାଧୀନତାର ୮୦ ତମ ପର୍ବ ପାଳନ ଅବସରରେ ସୋମବାର ଦିନ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତ୍ରିରଙ୍ଗା ଶୋଭାଯାତ୍ରା ସାରା ଦେଶରେ ପାଳନ କରାଯାଉଥିବାବେଳେ । ଏହି ଅବସରରେ ରେଢ଼ାଖୋଲରେ ମଧ ପ୍ରଧାନମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରେଢ଼ାଖୋଲରେ "ହର ଘର ତ୍ରିରଙ୍ଗା" କାର୍ଯ୍ୟକ୍ରମ ସହ ତ୍ରିରଙ୍ଗା ଶୋଭାଯାତ୍ରା ମହା ଆଡମ୍ବର ସହକାରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ରେଢ଼ାଖୋଲ ଅଞ୍ଚଳର ସମସ୍ତ କୋଣ ଅନୁକୋଣରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଲଗାଇବା ସହ ରେଢ଼ାଖୋଲ ସହରର ସମସ୍ତ ସାମାଜିକ ଅନୁଷ୍ଠାନ, ବିଜେପି କର୍ମୀ, ଏବିଭିପି , ସ୍କୁଲ୍, କଲେଜ ର ଛାତ୍ର ଛାତ୍ରୀ ସମେତ ସ୍ଥାନୀୟ ଜନସାଧାରଣମାନଙ୍କ ସାମିଲ୍‌ରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ରେଢ଼ାଖୋଲ ସହର ମୁଖ୍ୟ ରାସ୍ତାରେ ଜାତୀୟ ପତାକା ଉଡ଼ାଇ, ଜାତୀୟ ସ୍ଲୋଗାନ୍ ଦେଇ ଏକତ୍ର ହୋଇ ଲୋକଙ୍କୁ ଉତ୍ସାହିତ କରିବା ସହ ଦେଶପ୍ରେମରେ ପ୍ରେରିତ କରାଇଥିଲେ।

# ଯାଜପୁରରେ ପୁଣି ବନ୍ୟା : ଦଶରଥପୁରରେ ପ୍ରାଣୀସେବା ଶିବିର, ବିଞ୍ଝାରପୁରରେ ଫ୍ରି କିଚେନ୍ ଜରିଆରେ ରିଲିଫ୍ ବଣ୍ଟନ

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀର ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ବନ୍ୟା ପରିସ୍ଥିତି ସଙ୍ଗୀନ ରୂପ ନେଇଛି। ଜିଲ୍ଲାର ୮ଟି ବ୍ଲକ (ଦଶରଥପୁର, ଯାଜପୁର, କୋରେଇ, ବିଞ୍ଝାରପୁର, ଧର୍ମଶାଳା, ରସୁଲପୁର, ବଡ଼ଚଣା ଓ ବରୀ) ର ୭୯ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୪୨ଟି ଗାଁ ବନ୍ୟା ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛି ।ଏଥିଯୋଗୁଁ ମୋଟ ୧,୬୮,୬୫୨ ଜଣ ଜନସାଧାରଣ ବନ୍ୟା କବଳରେ ଥିବା ବେଳେ ପ୍ରଶାସନ ପକ୍ଷରୁ ୪୬,୫୦୦ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ମାନଙ୍କ ସହ ଆଭାସୀ ମାଧ୍ୟମରେ ସମଗ୍ର ସ୍ଥିତିର ମନିଟରିଂ ଓ ସମୀକ୍ଷା କରିଛନ୍ତି। ମୁଖ୍ୟତଃ କେଉଁ



ବ୍ଲକର କେତେ ଗ୍ରାମପଞ୍ଚାୟତ ଓ ଗ୍ରାମରେ ଶୁଖିଲା ଖାଦ୍ୟ, ପାନୀୟଜଳ, ରନ୍ଧାଖାଦ୍ୟ, ଗୋଖାଦ୍ୟ ପ୍ରଦାନକରାଯାଇଛି ଏବଂ ଘାଇ ସ୍ଥିତି ନେଇ ବରିଷ୍ଠ ନୋଡାଲ ଅଧିକାରୀ, ବି.ଡି.ଓ, ତହସିଲଦାରଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ପୁନରୁଦ୍ଧାର କାର୍ଯ୍ୟକୁ ୨୪ ଘଣ୍ଟିଆ ନଜର ରଖି ତ୍ୱରାନ୍ୱିତ କରିବାକୁ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ବରୀ ବ୍ଲକ ଗସ୍ତ କରି କିମ୍ବୀରିଆପାଳ ପଞ୍ଚାୟତର ବାଙ୍କସାହି ସ୍ଥିତ ବ୍ରାହ୍ମଣୀ ନଦୀ କୂଳ ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ନଦୀବନ୍ଧ ସୁରକ୍ଷା ଓ ରିଲିଫ୍ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଦଶରଥପୁର ବ୍ଲକରେ ଏକ ବିଶେଷ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି।

ଜିଲ୍ଲାରେ ମୋଟ ୭୩,୫୬୮ ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ଟି ଭେଟେରିନାରୀ ଟିମ୍ ମୋବିଲାଇଜ୍ ହୋଇ ୮ଟି କ୍ୟାମ୍ପ ଜରିଆରେ ୨୮୨ଟି ପ୍ରାଣୀଙ୍କୁ ଚିକିତ୍ସା ଓ ଟିକାକରଣ କରିଛନ୍ତି। ବିଞ୍ଝାରପୁର ବ୍ଲକ ସମେତ ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଆଶ୍ରୟ ନେଇଥିବା ବିପନ୍ନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୯୨ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ନିକଟରେ ବୈତରଣୀ ନଦୀରେ ପୂର୍ବରୁ ଜିଲ୍ଲାରେ ୧,୭୪୫ଟି ନଳକୂପ/ପାନୀୟ ଜଳ ପ୍ରକଳ୍ପ, ୧୨,୬୪୫ ବିଦ୍ୟୁତ୍ ଉପଭୋକ୍ତା, ୧୪ଟି ସ୍ୱାସ୍ଥ୍ୟକେନ୍ଦ୍ର, ୧୮ଟି ରାସ୍ତା/ପୋଲ ପ୍ରଭାବିତ ହୋଇଥିବା ବେଳେ ୬ଟି ଗାଁର ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି ଏବଂ ୨୦ଟି ସ୍ଥାନରେ ଜଳବନ୍ଦୀ ଓ ପରିମଳ ସମସ୍ୟା ଦେଖାଦେଇଛି।

ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୮ଟି ମେଡିକାଲ୍ ଟିମ୍ ମୁତୟନ କରାଯାଇ ୧୫ଟି ସ୍ୱାସ୍ଥ୍ୟ ଶିବିର ଜରିଆରେ ୫୯୩ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଛି। ୧୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।

ତିଥି :(ଷଷ୍ଠୀ): (ସ୍ୱାତୀ ତୁଳା)
ଅମୃତ ବେଳା: ଦିବା ଘ ୭।୫୪ ଗତେ ଘ୧୦।୧୮ ମଧ୍ୟେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରତ୍ୟେକ ମୁହୂର୍ତ୍ତ ଚ୍ୟାଲେଞ୍ଜ

ବିକାଶ ଯାତ୍ରା ଯେପରି ଅସରନ୍ତି ସେମିତି ପ୍ରତ୍ୟେକ ମୁହୂର୍ତ୍ତ ଦେଶ ପାଇଁ ନାନା ଆହ୍ୱାନ ସୃଷ୍ଟି କରିଥାଏ ଓ ସଂକେତ ଦେଇଥାଏ। ଯାହା ଉପଯୁକ୍ତ ତାହା ଶୁଣାଯିବା ଉଚିତ। ଦିନେ ନକ୍ସଲ ସମସ୍ୟାରେ ଦେଶର ଆଭ୍ୟନ୍ତରୀଣ ଶାନ୍ତି ନଷ୍ଟ ହେଉଥିଲା। ଏବେ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳୁଛି ବିଶ୍ୱାସ, ବିକାଶ ଓ ନାନା ସକାରାତ୍ମକ ପ୍ରୟାସ। ପ୍ରାୟ ୧୦ବର୍ଷ ପୂର୍ବେ ଦେଶରେ ୪୦ ପ୍ରତିଶତ ଲୋକଙ୍କ ପାଖରେ ବ୍ୟାଙ୍କ ଜମାଖାତା ନ ଥିଲା। ଏବେ ଦେଶରେ ୟୁପିଆଇ କାରବାର ଯଥେଷ୍ଟ ବୃଦ୍ଧି ପାଇଛି। ଯାହାକି ଜମାର ସାମର୍ଥ୍ୟକୁ ଦର୍ଶାଏ। ସେମିତି ଆତ୍ମନିର୍ଭରଶୀଳତାର ବାର୍ତ୍ତା ପୂର୍ବରୁ ଦିଆଯାଇଆସୁଥିଲା। ଏବେ ଡିପ୍ ଟେକ୍ ହେଉ କି କୃତ୍ରିମ ବୁଦ୍ଧିମତ୍ତା ଅବା ସେମିକଣ୍ଡକ୍ଟର ଉତ୍ପାଦନ ଅଥବା ଉଦୀୟମାନ ପ୍ରଯୁକ୍ତି, ମହାକାଶ ଗବେଷଣା, ରୋବଟିକ୍ସ, ଡାଟାସେଣ୍ଟର ପ୍ରଭୃତିର ବିକାଶ ଅନବରତ ପରିଲକ୍ଷିତ। ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବାକୁ କେନ୍ଦ୍ରର କ୍ଷମତାସୀନ ସରକାରଙ୍କ ପକ୍ଷରୁ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ କରାଯାଇଛି, ଯାହା ମହିଳାଙ୍କ ମର୍ଯ୍ୟାଦା ରଖିବା ପାଇଁ ଉଦ୍ଦିଷ୍ଟ। ସେହିଭଳି ଚାଷୀଙ୍କୁ ସେମାନଙ୍କ ନିବେଶର ଦେଢଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ନେଇ ନିଷ୍ପତ୍ତି ହେଉ ଅବା ୨୦୪୭ ସୁଦ୍ଧା ଶହେ ଗିଗାୱାଟ୍ ଆଣବିକ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ୫ ନୂଆ ପରମାଣୁ ରିଆକ୍ଟର ନିର୍ମାଣ ଚଳନ୍ତି ଦଶନ୍ଧିରେ ଆରମ୍ଭ କରିବାକୁ ଲକ୍ଷ୍ୟ, ସର୍ବୋପରି ଦେଶକୁ ନବସୃଜନ କେନ୍ଦ୍ର ଭାବରେ ପରିଣତ କରିବାର ପ୍ରୟାସ ଲକ୍ଷ୍ୟଣୀୟ ତଥା ପ୍ରଶଂସନୀୟ।

ନିକଟରେ ଲାଲକିଲ୍ଲା ପ୍ରାଚୀରରୁ ୮୦ ତମ ସ୍ୱାଧୀନତା ଦିବସ ଅବସରରେ ସପ୍ତଧାରା ଭିଜନର ରୂପରେଖ ଉପସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଯେଉଁଥିରେ ରହିଛି ବିନିର୍ମାଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରଯୁକ୍ତି ଓ ନବସୃଜନ, ଗତିଶକ୍ତି, ପ୍ରତିରକ୍ଷା ଉତ୍ପାଦନ, ସବୁଜ ଓ ନୀଳ ଅର୍ଥନୀତି ଏବଂ ସଫ୍ଟୱେୟାର। ସେମିତି ଦୃଢ ଆଶ୍ୱାସନା ଦିଆଯାଇଛି ଆଗାମୀ ବର୍ଷ ପରେ ୧କୋଟି ଯୁବବର୍ଗଙ୍କୁ ଏଆଇ କୌଶଳର ତାଲିମ ଦିଆଯିବ। ଛାତ୍ରଛାତ୍ରୀଙ୍କୁ ଅନଲାଇନ ମାଗଣା କୋଚିଂ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତି କରିବାକୁ ଏସବୁ ସାଧନ, ଏହା ନିଃସନ୍ଦେହ। ବିକଶିତ ତଥା ଆତ୍ମନିର୍ଭର ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହା ନିଶ୍ଚୟ ଦୂରଦୃଷ୍ଟିସମ୍ପନ୍ନ ରୋଡ୍‌ମ୍ୟାପ, ଯାହା ପ୍ରଧାନମନ୍ତ୍ରୀଙ୍କ ଦେଶ ପାଇଁ ପ୍ରତିବଦ୍ଧତାକୁ ଦର୍ଶାଏ।

ତେବେ ତାହାରି ମଧ୍ୟରେ ପ୍ରାଦେଶିକ ସ୍ତରରେ ହେଉ କି କେନ୍ଦ୍ରୀୟ ସ୍ତରର ହେଉ ସାଧାରଣ ନାଗରିକଙ୍କ ସ୍ୱର ବିଭିନ୍ନ ଭାବରେ ଅର୍ଥାତ୍ ବିକ୍ଷୋଭ ହେଉ କି ରାସ୍ତା ଉପରେ ପ୍ରତିବାଦ କିମ୍ବା ଗଣମାଧ୍ୟମ ଜରିଆରେ ସମସ୍ୟାର ଉପସ୍ଥାପନ ଏସବୁକୁ ଲକ୍ଷ୍ୟଭିତ୍ତିକ ଆଧାରରେ ଶୁଣାଯିବା ଦରକାର।ଏବେ 'ଦିମାଗୀ ନକ୍ସଲ' କଥା କୁହାଯାଉଛି। ତେବେ ଏହା କିଭଳି କାହାଦ୍ୱାରା ସାଧାରଣ ଲୋକଙ୍କୁ ବିଭ୍ରାନ୍ତି ଭିତରକୁ ଠେଲି ଦେଉଛି ଅଥବା ସେପରି ସମ୍ଭାବନା ରଖୁଛି, ସେଥିନେଇ ତଥ୍ୟ ଆଧାରିତ ଆଲୋଚନା ହେବା ବି ଆବଶ୍ୟକ। ଜେନ୍-ଜି ହୁଅନ୍ତୁ କି ବିରୋଧୀ ରାଜନେତା ଅବା ସାଧାରଣ ଜନତାଙ୍କ ଆପତ୍ତି, ଅଭିଯୋଗ, ଟିପ୍ପଣୀ, ପ୍ରତିକ୍ରିୟା ଯଦି ଜନସ୍ୱାର୍ଥ ଆଧାରରେ ସମସ୍ୟାର ଉନ୍ମୋଚନ ଦିଗରେ ସହାୟକ ହେଉଛି, ତେବେ ତାହାର ସମାଧାନ ପ୍ରୟାସ ନିଷ୍ଠାପୂର୍ଣ୍ଣ ଭାବରେ ହେବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିଶ୍ଚୟ ଆହ୍ୱାନ କୁହାଯିବ।

# ବିଜ୍ଞାନକୁ ଦରକାର ରାଜନୈତିକ ସଂରକ୍ଷଣ, ନିୟନ୍ତ୍ରଣ ନୁହେଁ

**ଡା. ରାଜ କିଶୋର ପଣ୍ଡା**

**"ବିଜ୍ଞାନ ଓ ରାଜନୀତି ମଧ୍ୟରେ ସମ୍ପର୍କକୁ ବିଚାର କରିବାବେଳେ ପ୍ରସିଦ୍ଧ ଜୀବ ବିଜ୍ଞାନୀ 'ରିଚାର୍ଡ ଡକିନ୍ସ'ଙ୍କ ଏହି ଉକ୍ତି ମଧ୍ୟ ଉଲ୍ଲେଖନୀୟ ଯେ,ବିଜ୍ଞାନର ସବୁଠାରୁ ବଡ଼ ଶକ୍ତି ହେଉଛି ପ୍ରମାଣ ବଦଳିବା ସହ ଏହାର ନିଷ୍କର୍ଷ ମଧ୍ୟ ବଦଳିଥାଏ। ଏହି ନମନୀୟତା କିନ୍ତୁ ରାଜନୀତିରେ ନ ଥାଏ। ଫଳସ୍ୱରୂପ ବୈଜ୍ଞାନିକ ତଥ୍ୟ ଓ ରାଜନୈତିକ ଆଗ୍ରହ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥାଏ। ଏହି କାରଣରୁ ହିଁ ବୈଜ୍ଞାନିକ ସଂସ୍ଥାନମାନଙ୍କୁ ସରକାରଙ୍କ ପ୍ରତି ଉତ୍ତରଦାୟୀ ହେବା ତ ଉଚିତ ମାତ୍ର ରାଜନୈତିକ ଭାବରେ ଆଶ୍ରିତ ନୁହେଁ। ଭାରତୀୟ ସମ୍ବିଧାନ ମଧ୍ୟ ଏହି ଦିଗରେ ସ୍ପଷ୍ଟ ସଂକେତ ଦେଉଛି। ଅନୁଚ୍ଛେଦ ୫୧(କ) ପ୍ରତ୍ୟେକ ନାଗରିକକୁ ବୈଜ୍ଞାନିକ ଦୃଷ୍ଟିକୋଣ, ମାନବତାବାଦ ଓ ଜ୍ଞାନାର୍ଜନର ଭାବନା ବିକଶିତ କରିବା ପାଇଁ ଆଗ୍ରହ କରିଥାଏ।**

"ବିଜ୍ଞାନ ସଂଗଠିତ ଜ୍ଞାନ ଥିବାବେଳେ, ବୁଦ୍ଧି ହେଉଛି ସଙ୍ଗଠିତ ଜୀବନ।" ଏହା ହେଉଛି ପ୍ରସିଦ୍ଧ ଜର୍ମାନ ଦାର୍ଶନିକ ଇମାନୁଏଲ୍ କାଣ୍ଟଙ୍କର ଉକ୍ତି। ଏହା ସ୍ପଷ୍ଟ କରେ ଯେ ବିଜ୍ଞାନ କେବଳ ପ୍ରୟୋଗଶାଳାରେ ସୀମିତ ଗତିବିଧି ନୁହେଁ, ବରଂ ଏହା ହେଉଛି ସଭ୍ୟତାର ବିକାଶର ଆଧାର। ଅନ୍ୟ ପକ୍ଷରେ "ରାଜନୀତି" ସମାଜର ସାମୂହିକ ଆକାଂକ୍ଷାକୁ ନୀତି ନିୟମରେ ବଦଳାଇବାର କଳା ଅଟେ। ତେଣୁ ବିଜ୍ଞାନ ଓ ରାଜନୀତିର ସମ୍ବନ୍ଧ ସ୍ୱାଭାବିକ ଓ ଅପରିହାର୍ଯ୍ୟ। ଯେତେବେଳେ ରାଜନୀତି ବିଜ୍ଞାନର ସଂରକ୍ଷକ ହେବା ପରିବର୍ତ୍ତେ ଏହାର ନିୟନ୍ତ୍ରକ ହେବା ପାଇଁ ଚେଷ୍ଟା କରେ ସମସ୍ୟା ସେତେବେଳେ ଉପୁଜିଥାଏ। ଏହି ପରିସ୍ଥିତିରେ ବିଜ୍ଞାନଭିତ୍ତିକ ସତ୍ୟକୁ ରାଜନୈତିକ ଶକ୍ତି, ନିଜ ସୁବିଧା ଅନୁସାରେ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରିଥାଏ ଓ ଚିରନ୍ତନ ଜ୍ଞାନର ସ୍ୱତନ୍ତ୍ରତା କ୍ଷମତାର ଅଧୀନକୁ ଚାଲିଆସେ। ଭାରତ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି କି, ବିଜ୍ଞାନରେ ରାଜନୈତିକ ଦଖଲ କେଉଁ ପର୍ଯ୍ୟନ୍ତ ଆବଶ୍ୟକ ଓ କେଉଁଠାରୁ ଏହା ଜାତୀୟ ଲାଭ ପରିବର୍ତ୍ତେ ଜାତୀୟ କ୍ଷତି କରିଥାଏ।

ବିଜ୍ଞାନର ଇତିହାସ କହୁଛି, କୌଣସିଟି ବୈଜ୍ଞାନିକ କ୍ରାନ୍ତି, ରାଜନୈତିକ ଓ ସାମାଜିକ ସମର୍ଥନ ବିନା ସମ୍ଭବ ହୋଇନାହିଁ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ବୈଜ୍ଞାନିକ ଦୃଷ୍ଟିକୋଣକୁ ଦେଶର ଭିତ୍ତି ବୋଲି ମାନୁଥିଲେ। ଏହି ବିଷୟରେ ତାଙ୍କର ପ୍ରସିଦ୍ଧ ମନ୍ତବ୍ୟ ଥିଲା, ବୈଜ୍ଞାନିକ ଚିନ୍ତାଧାରା କେବଳ ଗବେଷଣାଗାରର ବସ୍ତୁ ନୁହେଁ, ବରଂ ଜୀବନଯାପନ କରିବାର ପଦ୍ଧତି ଅଟେ। ଏହାର ପରିଣାମ ସ୍ୱରୂପ ଦେଶରେ ଆଇ.ଆଇ.ଟି, ସି.ଏସ୍.ଆଇ.ଆର୍, ଇସ୍ରୋ ଭଳି ଗବେଷଣା ସଂସ୍ଥାନ ମାନ ସ୍ଥାପନ କରାଗଲା। ଆଜି ଭାରତର ଅନ୍ତରୀକ୍ଷ ପ୍ରଦର୍ଶନ ଯେପରିକି ଚନ୍ଦ୍ରଯାନ, ମଙ୍ଗଳଯାନର ସଫଳତା ପ୍ରମାଣ କରୁଛନ୍ତି ଯେ, ଯେତେବେଳେ ରାଜନୀତି ଦୂରଦୃଷ୍ଟିକୁ ଆପଣାଇଥାଏ ଓ ବିଜ୍ଞାନକୁ ଗବେଷଣା ନିମନ୍ତେ ସଂସାଧନ ଯୋଗାଇଥାଏ, ସେତେବେଳେ ଦେଶରେ ବୈଜ୍ଞାନିକ ଉପଲବ୍ଧି ସାଙ୍ଗକୁ ରାଷ୍ଟ୍ରୀୟ ଆତ୍ମବିଶ୍ୱାସ ତଥା ମର୍ଯ୍ୟାଦାରେ ବୃଦ୍ଧି ଘଟେ।

ଏହିପରି ଅନ୍ୟ ଏକ ଉଦାହରଣ ହେଉଛି କୋଭିଡ୍ ମହାମାରୀ, ଯାହାକି ଦର୍ଶାଇଥିଲା ବିଜ୍ଞାନ ଓ ରାଜନୀତି ମଧ୍ୟରେ ସହଯୋଗ ସମାଜ ପାଇଁ କେତେ ଆବଶ୍ୟକ। ଭାରତୀୟ ବୈଜ୍ଞାନିକ ମାନେ ଅଳ୍ପ ସମୟ ମଧ୍ୟରେ ସ୍ୱଦେଶୀ କୋଭିଡ୍ ଟିକା ବିକଶିତ କରିଥିଲେ ଓ ସରକାର ଏହାକୁ ବ୍ୟାପକ ଟିକାକରଣ ମାଧ୍ୟମରେ ଘରେଘରେ ପହଞ୍ଚାଇ ଥିଲେ। ଯଦି ବୈଜ୍ଞାନିକ ଅନୁସନ୍ଧାନ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଏହି ସମନ୍ୱୟ ହୋଇ ନଥାନ୍ତା ତେବେ କୋଭିଡ୍ ଯୋଗୁଁ ମାନବୀୟ ଓ ଆର୍ଥିକ କ୍ଷତିର ପରିମାଣ ଆହୁରି ଅଧିକ ହୋଇଥାନ୍ତା। ଏଣୁ ଏହା ସ୍ପଷ୍ଟ ଯେ, ରାଜନୀତିର କର୍ତ୍ତବ୍ୟ, ବିଜ୍ଞାନର ଦିଗ ନିର୍ଣ୍ଣୟ ନୁହେଁ ବରଂ ବିଜ୍ଞାନକୁ ସମାଜ ନିକଟରେ ପହଞ୍ଚାଇବା।

ପ୍ରଖ୍ୟାତ ଆମେରିକୀୟ ମହାକାଶ ବିଜ୍ଞାନୀ କାର୍ଲ ସାଗାନ କହିଥିଲେ, "ଯେତେବେଳେ ସମାଜ ବିଜ୍ଞାନକୁ ବୁଝିବା ବନ୍ଦ କରିଦିଏ, ସେତେବେଳେ ସେ ଅନ୍ଧବିଶ୍ୱାସ ଓ କ୍ଷମତା ଜନିତ ଛଳନାର ଶିକାର ହୁଏ।" ଏହି ଚେତାବନୀ ଆଗ ଅପେକ୍ଷା ବର୍ତ୍ତମାନ ସମୟରେ ବେଶି ପ୍ରାସଙ୍ଗିକ ମନେ ହେଉଛି। ଯଦି ବୈଜ୍ଞାନିକ ନିଷ୍କର୍ଷର ମୂଲ୍ୟାଙ୍କନ



କୌଣସି ଜନହିତକାରୀ ପ୍ରୟୋଗ ପରିବର୍ତ୍ତେ ରାଜନୈତିକ ଅଭିସନ୍ଧି ବା ଲାଭ ରଖି କରାଯାଏ, ତେବେ ବିଜ୍ଞାନର ଉଦ୍ଦେଶ୍ୟ ହିଁ ସମାପ୍ତ ହୋଇଯାଏ। ଲୋକତନ୍ତ୍ରରେ ସରକାର ବଦଳିଥାଏ, ବିଚାର ଧାରା ମଧ୍ୟ ବଦଳେ କିନ୍ତୁ ବୈଜ୍ଞାନିକ ସତ୍ୟ କେବେ ବି କୌଣସି ରାଜନୈତିକ ଦଳର ସମର୍ଥକ ହୋଇନଥାଏ। ଏହା କେବଳ ପ୍ରମାଣର ସମର୍ଥକ ହୋଇଥାଏ। ଭାରତରେ ସମୟ ସମୟରେ ବୈଜ୍ଞାନିକ ସଂସ୍ଥାନମାନଙ୍କର ସ୍ୱତନ୍ତ୍ରତା, ନିଯୁକ୍ତି ଓ ଗବେଷଣାର ପ୍ରାଥମିକତାକୁ ନେଇ ବିତର୍କ ହୋଇଥାଏ। ଏହି ବିତର୍କ କେବଳ ପ୍ରଶାସନିକ ନୁହେଁ, ଲୋକତାନ୍ତ୍ରିକ ମଧ୍ୟ। ଯଦି କୌଣସି ବୈଜ୍ଞାନିକ ସଂସ୍ଥାନର ନିଯୁକ୍ତି ତଥା ନେତୃତ୍ୱ ନିର୍ବାଚନ ଯୋଗ୍ୟତା ପରିବର୍ତ୍ତେ, ରାଜନୈତିକ ନିକଟତା ହେତୁ ହେବାର ଜଣାପଡ଼େ ତେବେ ସର୍ବପ୍ରଥମେ ଜନସାଧାରଣଙ୍କର ବିଶ୍ୱାସ ଦୁର୍ବଳ ହୋଇପଡ଼େ। ବିଜ୍ଞାନର ଆଧାର ବିଶ୍ୱସନୀୟତା ଓ ବିଶ୍ୱସନୀୟତାର ଆଧାର "ସ୍ୱତନ୍ତ୍ରତା"। ରାଜନୀତି ଓ ବିଜ୍ଞାନ ମଧ୍ୟରେ ସଂଘର୍ଷର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ହେଉଛି "ପରିବେଶ ନୀତି"। ବୈଜ୍ଞାନିକମାନେ ଦୀର୍ଘ ବର୍ଷରୁ ଚେତାବନୀ ଦେଇ ଆସୁଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଓ ଜୈବ ବିବିଧତାର ଧ୍ୱଂସ ମାନବ ସଭ୍ୟତା ପାଇଁ ଗମ୍ଭୀର ବିପଦ ଡାକି ଆଣିବ। ଏହା ସତ୍ତ୍ୱେ କିନ୍ତୁ ବିଭିନ୍ନ ଉନ୍ନତିମୂଳକ ପରିଯୋଜନାରେ ବୈଜ୍ଞାନିକ, ପରିବେଶବିତ୍‌ମାନଙ୍କର ମତ ଓ ରିପୋର୍ଟ ପରିବର୍ତ୍ତେ ରାଜନୈତିକ ତଥା ଆର୍ଥିକ ହିତକୁ ପ୍ରାଥମିକତା ଦିଆଯାଉଛି।

ଏହିପରି ଏକ ରିପୋର୍ଟ ହେଉଛି "ଗାଡ୍‌ଗିଲ୍ କମିଶନ୍ ରିପୋର୍ଟ।" ବିଶିଷ୍ଟ ପରିବେଶବିତ୍ ମାଧବ ଗାଡ୍‌ଗିଲ ପଶ୍ଚିମଘାଟ ପର୍ବତମାଳାର ସଂରକ୍ଷଣକୁ ଗୁରୁତ୍ୱ ଦେଇ ଉପରୋକ୍ତ ରିପୋର୍ଟଟିକୁ ପ୍ରସ୍ତୁତ କରିଥିଲେ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେତୁ ସଂପୃକ୍ତ ରିପୋର୍ଟଟି କାର୍ଯ୍ୟକାରୀ ହୋଇପାରିଲା ନାହିଁ।

ବିଜ୍ଞାନ ଓ ରାଜନୀତି ମଧ୍ୟରେ ସମ୍ପର୍କକୁ ବିଚାର କଲାବେଳେ ପ୍ରସିଦ୍ଧ ଜୀବ ବିଜ୍ଞାନୀ 'ରିଚାର୍ଡ ଡକିନ୍ସ'ଙ୍କ ଏହି ଉକ୍ତି ମଧ୍ୟ ଉଲ୍ଲେଖନୀୟ ଯେ, ବିଜ୍ଞାନର ସବୁଠାରୁ ବଡ଼ ଶକ୍ତି ହେଉଛି ପ୍ରମାଣ ବଦଳିବା ସହ ଏହାର ନିଷ୍କର୍ଷ ମଧ୍ୟ ବଦଳିଥାଏ। ଏହି ନମନୀୟତା କିନ୍ତୁ ରାଜନୀତିରେ ନଥାଏ। ଫଳସ୍ୱରୂପ ବୈଜ୍ଞାନିକ ତଥ୍ୟ ଓ ରାଜନୈତିକ ଆଗ୍ରହ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥାଏ। ଏହି କାରଣରୁ ହିଁ ବୈଜ୍ଞାନିକ ସଂସ୍ଥାନମାନଙ୍କୁ ସରକାରଙ୍କ ପ୍ରତି ଉତ୍ତରଦାୟୀ ହେବା ତ ଉଚିତ ମାତ୍ର ରାଜନୈତିକ ଭାବରେ ଆଶ୍ରିତ ନୁହେଁ। ଭାରତୀୟ ସମ୍ବିଧାନ ମଧ୍ୟ ଏହି ଦିଗରେ ସ୍ପଷ୍ଟ ସଂକେତ ଦେଉଛି। ଅନୁଚ୍ଛେଦ ୫୧(କ) ପ୍ରତ୍ୟେକ ନାଗରିକକୁ ବୈଜ୍ଞାନିକ ଦୃଷ୍ଟିକୋଣ, ମାନବତାବାଦ ଓ ଜ୍ଞାନାର୍ଜନର ଭାବନା ବିକଶିତ କରିବା ପାଇଁ ଆଗ୍ରହ କରିଥାଏ।

ବୈଜ୍ଞାନିକ ଚେତନାର ବିକାଶ ଓ ଏହାକୁ ପ୍ରୋତ୍ସାହିତ କରିବା ରାଜ୍ୟର ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ। ଯଦି ଶାସନବ୍ୟବସ୍ଥା ବା ତନ୍ତ୍ର ନିଜେ ହିଁ ଅପ୍ରମାଣିତ ଦାବି, ଛଦ୍ମବିଜ୍ଞାନ ଓ ଭାବନାତ୍ମକ ପ୍ରସଙ୍ଗକୁ ବୈଜ୍ଞାନିକ ତଥ୍ୟର ସମକକ୍ଷ ଭାବେ ପ୍ରସ୍ତୁତ କରିବାରେ ଲାଗେ, ତାହାହେଲେ ସମ୍ବିଧାନର ମୂଳ ଲକ୍ଷ୍ୟ ଦୁର୍ବଳ ହୋଇପଡ଼େ। ଏଥିପାଇଁ ବିଜ୍ଞାନରେ ରାଜନୀତିର ଭୂମିକା ସ୍ପଷ୍ଟ ଓ ସୀମିତ ରହିବା ନିତାନ୍ତ ଭାବରେ ଆବଶ୍ୟକ।

ସରକାର ଗବେଷଣା ପାଇଁ ପାଣ୍ଠିର ବ୍ୟବସ୍ଥା କରିବା ସହିତ ବୈଜ୍ଞାନିକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତୁ। ଗବେଷଣା ସଂସ୍ଥାମାନଙ୍କୁ ବିଶ୍ୱସ୍ତରର ସୁବିଧା ପ୍ରଧାନ କରନ୍ତୁ। ଏହାର ବିପରୀତରେ ବୈଜ୍ଞାନିକ ଫଳାଫଳର ମୂଲ୍ୟ ନିରୂପଣ, ଏହାର ବ୍ୟାଖ୍ୟା, ବୈଜ୍ଞାନିକ ସଂସ୍ଥାନମାନଙ୍କରେ ନିଯୁକ୍ତି ଓ ସଂସ୍ଥାନର ସ୍ୱତନ୍ତ୍ରତାରେ ସରକାରଙ୍କର ହସ୍ତକ୍ଷେପ କମ୍ ରହିବା ଉଚିତ।

ଅତୀତରେ ଶାସନତନ୍ତ୍ରର ଅଯଥା ହସ୍ତକ୍ଷେପ ହେତୁ ବୈଜ୍ଞାନିକମାନେ ଅକଥନୀୟ ନିର୍ଯ୍ୟାତନା ସହିବା ସହିତ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଉଦାହରଣ ସ୍ୱରୂପ ଗାଲିଲିଓ ଓ ବ୍ରୁନୋ।

ମେଡିକାଲ ଅଫିସର,
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋ-୮୧୪୪୦୪୨୯୯୭

# କାର୍ଯ୍ୟାନ୍ୱୟନ କେଉଁଠି ?

**ସୌମ୍ୟ ରଞ୍ଜନ ଦାଶ**

ଲୋକତନ୍ତ୍ରର ମୂଳଦୁଆ ହେଉଛି ନ୍ୟାୟ ପ୍ରଣାଳୀ ଏବଂ ଏହି ପ୍ରଣାଳୀ ପ୍ରତି ସାଧାରଣ ଜନତାଙ୍କ ଅକୁଣ୍ଠ ବିଶ୍ୱାସ। ଭାରତୀୟ ସମ୍ବିଧାନ ନାଗରିକଙ୍କୁ ଅଧିକାର ପ୍ରଦାନ କରିଛି । ସେହି ଅଧିକାରର ସୁରକ୍ଷା ପାଇଁ ନ୍ୟାୟପାଳିକାକୁ ଏକ ସ୍ୱତନ୍ତ୍ର ପ୍ରହରୀ ଭାବେ ସ୍ଥାପିତ କରିଛି। ଜଣେ ଶେଷ ସୀମାରେ ଥିବା ବ୍ୟକ୍ତି ଯେତେବେଳେ ପ୍ରଶାସନିକ ଅବହେଳା ବା ଶୋଷଣର ଶିକାର ହୁଏ, ସେତେବେଳେ ଅଦାଲତ ହିଁ ତା' ପାଇଁ ଶେଷ ଆଶାର କେନ୍ଦ୍ରବିନ୍ଦୁ ସାଜିଥାଏ। କିନ୍ତୁ ବର୍ତ୍ତମାନ ସମୟରେ ଏକ ଅଜବ ତଥା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଠି ନ୍ୟାୟାଳୟରୁ ନିଷ୍ପତ୍ତି ତ ଆସୁଛି, କିନ୍ତୁ ତାହା କାର୍ଯ୍ୟକାରୀ ହେବା ବଦଳରେ ସରକାରୀ ନଥିପତ୍ରର ଅନ୍ଧାରୀ କୋଣରେ ହଜିଯାଉଛି। ନ୍ୟାୟ ମିଳିବା ପରେ ମଧ୍ୟ ତାହାର ସୁଫଳ ନ ପାଇବା କେବଳ ଏକ ପ୍ରଶାସନିକ ବିଫଳତା ନୁହେଁ, ବରଂ ଏହା ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଏକ ବଡ଼ ଧରଣର ଆହ୍ୱାନ। ଯେତେବେଳେ ବିଚାରପତିଙ୍କ କଲମରୁ ନିର୍ଗତ ଆଦେଶ ପ୍ରଶାସନିକ ଅଧିକାରୀଙ୍କ ଟେବୁଲରେ ଅଟକି ରହେ, ସେତେବେଳେ ସାଧାରଣ ମଣିଷର ବ୍ୟବସ୍ଥା ଉପରୁ ଆସ୍ଥା ତୁଟିବା ସ୍ୱାଭାବିକ।

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଏକ ସୁସଂଗତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା, ଯେଉଁଠି ନ୍ୟାୟିକ ସର୍ବୋଚ୍ଚତା ବଜାୟ ରହିବ। ମାତ୍ର ବାସ୍ତବ ଚିତ୍ର ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅନେକ ସମୟରେ ଦେଖାଯାଏ ଯେ ଉଚ୍ଚ ନ୍ୟାୟାଳୟ ବା ସର୍ବୋଚ୍ଚ ନ୍ୟାୟାଳୟ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥାନ୍ତି, କିନ୍ତୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହ ନିଅନ୍ତି ନାହିଁ। ଫଳରେ ନ୍ୟାୟ ପାଇଥିବା ବ୍ୟକ୍ତି ଜଣକ ପୁଣି ଥରେ ଅଦାଲତ ଅବମାନନା ବା 'କଣ୍ଟେମ୍ପ୍ଟ ଅଫ୍ କୋର୍ଟ'ର ଆଶ୍ରୟ ନେବାକୁ ବାଧ୍ୟ ହୁଅନ୍ତି। ଏହା କେବଳ ଅଦାଲତଙ୍କ ସମୟ ନଷ୍ଟ କରେ ନାହିଁ, ବରଂ ଜଣେ ପୀଡ଼ିତ ବ୍ୟକ୍ତିଙ୍କୁ ଆର୍ଥିକ ଏବଂ ମାନସିକ ସ୍ତରରେ ଶୋଷଣ ମଧ୍ୟ କରେ। ଜଣେ ବ୍ୟକ୍ତି ଦଶନ୍ଧି ଧରି ଲଢ଼ି ନ୍ୟାୟ ପାଇଲା ପରେ ଯଦି ପୁଣି ସେହି ନ୍ୟାୟକୁ ଲାଗୁ କରିବା ପାଇଁ ଆଉ ଏକ ଆଇନଗତ ଲଢ଼େଇ ଲଢ଼େ, ତେବେ ସେହି ବ୍ୟବସ୍ଥାକୁ କେତେଦୂର ସଫଳ ବୋଲି କୁହାଯିବ, ତାହା ଏକ ବଡ଼ ପ୍ରଶ୍ନବାଚୀ। ନ୍ୟାୟିକ ଅବମାନନା ଆଇନ, ୧୯୭୧ ଅନୁଯାୟୀ ଅଦାଲତଙ୍କ ଆଦେଶକୁ ଜାଣିଶୁଣି ଅମାନ୍ୟ କରିବା ଏକ ଦଣ୍ଡନୀୟ ଅପରାଧ। ଏହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି— ସିଭିଲ୍ କଣ୍ଟେମ୍ପ୍ଟ ଏବଂ କ୍ରିମିନାଲ୍ କଣ୍ଟେମ୍ପ୍ଟ। ସିଭିଲ୍ କଣ୍ଟେମ୍ପ୍ଟ ବା ଦେୱାନୀ ଅବମାନନା ସେତେବେଳେ ହୁଏ, ଯେତେବେଳେ କୌଣସି ଅଧିକାରୀ ବା ବ୍ୟକ୍ତି ଅଦାଲତଙ୍କ ରାୟ ବା ନିର୍ଦ୍ଦେଶକୁ ସ୍ୱେଚ୍ଛାକୃତ ଭାବେ ଉଲ୍ଲଂଘନ କରନ୍ତି। ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥାରେ ଏହି ସିଭିଲ୍ କଣ୍ଟେମ୍ପ୍ଟର ସଂଖ୍ୟା ଆକାଶଛୁଆଁ ହୋଇଛି। ବିଶେଷ କରି ରାଜସ୍ୱ ବିଭାଗ, ଜମିବାଡ଼ି ବିବାଦ, ପେନସନ ସମ୍ପର୍କିତ ମାମଲା ଏବଂ ସରକାରୀ ନିଯୁକ୍ତି କ୍ଷେତ୍ରରେ ଏହାର ଭୟଙ୍କର ପ୍ରଭାବ ଦେଖିବାକୁ ମିଳୁଛି। ଜଣେ ଅବସରପ୍ରାପ୍ତ କର୍ମଚାରୀ ନିଜର ବାର୍ଦ୍ଧକ୍ୟ ଅବସ୍ଥାରେ ପେନସନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୁଅନ୍ତି। କୋର୍ଟ ତାଙ୍କ ସପକ୍ଷରେ ରାୟ ଦିଅନ୍ତି ଏବଂ ନିର୍ଦ୍ଦିଷ୍ଟ ମାସ ମଧ୍ୟରେ ବକେୟା ଅର୍ଥ ପ୍ରଦାନ ପାଇଁ କହନ୍ତି। କିନ୍ତୁ ସମ୍ପୃକ୍ତ ଅଧିକାରୀ ବଜେଟର ଆଳ ଦେଖାଇ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଅନୁମୋଦନ ବାହାନାରେ ସେହି ଫାଇଲକୁ ବର୍ଷ ବର୍ଷ ଧରି ପକାଇ ରଖନ୍ତି। ଏଭଳି ସ୍ଥଳେ ସେହି ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ନ୍ୟାୟ ମିଳିବା ଏବଂ ନ ମିଳିବା ପ୍ରାୟ ସମାନ ହୋଇଯାଏ। ଏହା କେବଳ ଏକ ବ୍ୟକ୍ତିଗତ କ୍ଷତି ନୁହେଁ, ବରଂ ଏହା ରାଷ୍ଟ୍ରର ପ୍ରଶାସନିକ ସ୍ଥାଣୁତାର ଏକ ନଗ୍ନ ନମୁନା।

ପ୍ରଶାସନିକ ସ୍ତରରେ ଏହି ଅବହେଳା ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଅଧିକାରୀମାନଙ୍କ ମଧ୍ୟରେ ଥିବା ଉତ୍ତରଦାୟିତ୍ୱର ଅଭାବ। ଅନେକ ସମୟରେ ଅଧିକାରୀମାନେ ମନେ କରନ୍ତି ଯେ ଅଦାଲତଙ୍କ ଆଦେଶକୁ ବିଳମ୍ବ କଲେ ସେମାନଙ୍କର ବ୍ୟକ୍ତିଗତ ଭାବେ କିଛି କ୍ଷତି ହେବ ନାହିଁ। କୋର୍ଟ ଯେତେବେଳେ କୈଫିୟତ ମାଗନ୍ତି, ସେତେବେଳେ 'ବିନା ସର୍ତ୍ତରେ କ୍ଷମା ପ୍ରାର୍ଥନା' ମାଗି ସେମାନେ ଖସିଯାଆନ୍ତି। ଏହି 'କ୍ଷମା ପ୍ରାର୍ଥନା' ସଂସ୍କୃତି ପ୍ରଶାସନକୁ ଅହଂକାରୀ କରିଦେଇଛି। ଦ୍ୱିତୀୟରେ, ବ୍ୟବସ୍ଥାଗତ ଜଟିଳତା। ଗୋଟିଏ କାର୍ଯ୍ୟ ପାଇଁ ଏକାଧିକ ବିଭାଗର ଅନୁମୋଦନ ଆବଶ୍ୟକ ହେଉଥିବାରୁ ନ୍ୟାୟିକ ଆଦେଶଗୁଡ଼ିକ ଫାଇଲ ଭିତରେ ବୁଲୁଥାଏ। ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି— ଇଚ୍ଛାଶକ୍ତିର ଅଭାବ। ଯଦି ପ୍ରଶାସନ ଚାହିଁବ, ତେବେ କୌଣସି ବି ଆଦେଶକୁ ଅଳ୍ପ ସମୟ ମଧ୍ୟରେ କାର୍ଯ୍ୟକାରୀ କରିପାରିବ।

ନ୍ୟାୟ ବିଳମ୍ବ ହେବା ଅର୍ଥ ନ୍ୟାୟକୁ ଅସ୍ୱୀକାର କରିବା । ଏହି ପ୍ରବାଦଟି କେବଳ ବିଚାରାଧୀନ ମାମଲା ପାଇଁ ନୁହେଁ, ବରଂ ବିଚାର ସରିବା ପରେ କାର୍ଯ୍ୟକାରୀ ହେଉନଥିବା ମାମଲା ପାଇଁ ମଧ୍ୟ ପ୍ରଯୁଜ୍ୟ।

ମୋ: ୮୮୯୫୯୫୨୩୧୫

# ଅରୁଣାଚଳ ପ୍ରଦେଶରେ ଅଶାନ୍ତିର ପରିବେଶ !

**ଅସିତ ମହାନ୍ତି**

**"ଆମେରିକା, ରୁଷ ଏବଂ ୟୁରୋପ ସହିତ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରୁଥିବା ବେଳେ ଚୀନ୍ ସହିତ ସିଧାସଳଖ ମୁକାବିଲାକୁ ଏଡ଼ାଇ ଦିଆଯାଉଛି। କିନ୍ତୁ ଏହି ନୀତିକୁ ଜନସାଧାରଣଙ୍କୁ ବୁଝାଇବା କଷ୍ଟକର। ଯେତେବେଳେ ସୈନିକମାନେ ସୀମାରେ ଠିଆ ହୋଇଥାନ୍ତି ଏବଂ ଶତ୍ରୁ ସେମାନଙ୍କ ସାମ୍ନାରେ ଥାଆନ୍ତି, ସେତେବେଳେ ଜନସାଧାରଣ କେବଳ ସରକାରଙ୍କ ନୀରବତା ଦେଖନ୍ତି।**

ବିଗତ ଦିନରେ ଗୋଟିଏ ଭାଇରଲ ଭିଡିଓରେ ଅରୁଣାଚଳ ପ୍ରଦେଶର ଜଣେ ଯୁବକ ତାବା ନାଗୁଙ୍କର ଥିଲା, ଯିଏ ବ୍ୟଙ୍ଗାତ୍ମକ ଭାବରେ କହୁଥିଲେ, 'ଭାରତକୁ ବିଦାୟ ! ବହୁତ ଶୀଘ୍ର ତୁମେ ମୋତେ ଏବଂ ସମଗ୍ର ଅରୁଣାଚଳ ପ୍ରଦେଶକୁ ଚୀନରେ ଦେଖିବ।' ସେ ଦାବି କରିଥିଲେ ଯେ ଚୀନ୍ ଧୀରେ ଧୀରେ ଜମି ଦଖଲ କରୁଛି ଏବଂ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭିଡିଓରେ, ତାବା ନାଗୁ ସୀମାବର୍ତ୍ତୀ ଅଞ୍ଚଳରେ ଅସୁରକ୍ଷା ବିଷୟରେ ବ୍ୟଙ୍ଗାତ୍ମକ ଏବଂ ନିରାଶାବାଦୀ ଭାବରେ କହିଥିଲେ ଏବଂ ଚୀନ୍ କାର୍ଯ୍ୟକଳାପର ଅଭିଯୋଗ କରିଥିଲେ।ଏହି ତଥ୍ୟ ଚିନ୍ତାଜନକ !

ଆଜି ଅରୁଣାଚଳ ପ୍ରଦେଶର ପାହାଡ଼ଗୁଡ଼ିକରେ ପବନ ବହୁଥିବା ବେଳେ ଏହା ଅଶାନ୍ତିର ବାର୍ତ୍ତା ଆଣିଥାଏ। ଏହା କେବଳ ପ୍ରାକୃତିକ ସୀମାର ପ୍ରଶ୍ନ ନୁହେଁ, ବରଂ ଭାରତର ସାର୍ବଭୌମତ୍ୱ ଏବଂ ଆତ୍ମସମ୍ମାନର ପ୍ରଶ୍ନ। ଚୀନ୍ ସେନା ବାରମ୍ବାର ସୀମା ଅତିକ୍ରମ କରି ଭାରତୀୟ ଅଞ୍ଚଳରେ ପ୍ରବେଶ କରିଛି, ଏବଂ ଏହା କେବଳ ଏକ ଭୌଗୋଳିକ ଅତିକ୍ରମଣ ନୁହେଁ ବରଂ ଏକ ଗଭୀର ରାଜନୈତିକ ଚ୍ୟାଲେଞ୍ଜ। ପ୍ରଶ୍ନ ହେଉଛି: ଦେଶର ସୀମାରେ ବିପଦର ଘଣ୍ଟି ବାଜିବା ସମୟରେ ବର୍ତ୍ତମାନର ଭାରତ ସରକାର କାହିଁକି ନୀରବ ? ଏହି ନୀରବତା କେବଳ ଶବ୍ଦର ଅଭାବ ନୁହେଁ, ବରଂ ଏକ ରଣନୈତିକ ନୀରବତା ଯାହା ଜନସାଧାରଣଙ୍କ ମନରେ ଅସୁରକ୍ଷା ଏବଂ ଅବିଶ୍ୱାସ ସୃଷ୍ଟି କରେ।

ଅରୁଣାଚଳ ପ୍ରଦେଶ ଭାରତର ଏକ ଏପରି ଅଞ୍ଚଳ ଯାହା କେବଳ ଭୌଗୋଳିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ସାଂସ୍କୃତିକ ଏବଂ ଐତିହାସିକ ଭାବରେ ମଧ୍ୟ ଆମ ପରିଚୟର ଅବିଚ୍ଛେଦ୍ୟ ଅଂଶ। ଚୀନ୍ ଦୀର୍ଘ ସମୟ ଧରି ଏହାକୁ ନିଜର ବୋଲି ଦାବି କରିଆସୁଛି। ଏହାକୁ 'ଦକ୍ଷିଣ ତିବ୍ବତ' ବୋଲି କହି, ଏହା ଅରୁଣାଚଳ ପ୍ରଦେଶକୁ ଦାବି କରୁଛି ଏବଂ ସମୟ ସମୟରେ ଏହାର ସାମରିକ କାର୍ଯ୍ୟକଳାପ ମାଧ୍ୟମରେ ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି। ସମ୍ପ୍ରତି, ଯେତେବେଳେ ଚୀନ୍ ସୈନିକମାନେ ଭାରତୀୟ ଅଞ୍ଚଳରେ ପ୍ରବେଶ କରିଥିଲେ, ଏହା କେବଳ ଏକ ସାମରିକ ଘଟଣା ନୁହେଁ ବରଂ ଭାରତର ସାର୍ବଭୌମତ୍ୱ ଉପରେ ଏକ ସିଧାସଳଖ ଆକ୍ରମଣ ଥିଲା। ଏପରି ସମୟରେ, ଜନସାଧାରଣ ଆଶା କରନ୍ତି ଯେ ସରକାର ଦୃଢ଼ ଭାବରେ କଥାବାର୍ତ୍ତା କରିବେ, କିନ୍ତୁ ବର୍ତ୍ତମାନର ସରକାରଙ୍କ ନୀରବତା ଏକ ରହସ୍ୟ ପାଲଟିଛି।

ଏହି ନୀରବତା ପଛରେ ଅନେକ କାରଣ ଥାଇପାରେ। ପ୍ରଥମ କାରଣ ହେଉଛି ସରକାର ନିର୍ବାଚନ ରାଜନୀତିରେ ବ୍ୟସ୍ତ। ଯେପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୁଏ, ଜନସାଧାରଣଙ୍କୁ ଶାନ୍ତି ଏବଂ ସ୍ଥିରତାର ଭ୍ରମ ଦିଆଯାଏ। କିନ୍ତୁ ନିର୍ବାଚନ ସମାପ୍ତ ହେବା ପରେ, ବାସ୍ତବତା ଉଭା ହୁଏ – ମୂଲ୍ୟ ବୃଦ୍ଧି, ସୀମା ବିବାଦ ଏବଂ ଅନ୍ତର୍ଜାତୀୟ ଚାପ। ଅରୁଣାଚଳ ପ୍ରଦେଶର ପରିସ୍ଥିତି ମଧ୍ୟ ଏହି ରାଜନୀତିର ଶିକାର। ସରକାର ସମ୍ଭବତଃ ବିଶ୍ୱାସ କରନ୍ତି ଯେ ଚୀନ୍ ସହିତ ସିଧାସଳଖ ମୁକାବିଲା କରିବା ଆର୍ଥିକ ଏବଂ କୂଟନୈତିକ ଭାବରେ କ୍ଷତିକାରକ ହେବ। କିନ୍ତୁ ଏହି ଚିନ୍ତାଧାରା ଜନସାଧାରଣଙ୍କ ମନରେ ଏହି ପ୍ରଶ୍ନ ଛାଡିଥାଏ: କ'ଣ କେବଳ କୂଟନୈତିକ ସନ୍ତୁଳନ ଉପରେ ଆଧାରିତ ଆମର ସୀମାକୁ ସୁରକ୍ଷା ଦେଉଛି ?

ଆଉ ଏକ କାରଣ ହୋଇପାରେ ଯେ ଭାରତର ବୈଦେଶିକ ନୀତି ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଅଛି। ଆମେରିକା, ରୁଷ ଏବଂ ୟୁରୋପ ସହିତ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରୁଥିବା ବେଳେ ଚୀନ୍ ସହିତ ସିଧାସଳଖ ମୁକାବିଲାକୁ ଏଡ଼ାଇ ଦିଆଯାଉଛି। କିନ୍ତୁ ଏହି ନୀତିକୁ ଜନସାଧାରଣଙ୍କୁ ବୁଝାଇବା କଷ୍ଟକର। ଯେତେବେଳେ ସୈନିକମାନେ ସୀମାରେ ଠିଆ ହୋଇଥାନ୍ତି ଏବଂ ଶତ୍ରୁ ସେମାନଙ୍କ ସାମ୍ନାରେ ଥାଆନ୍ତି, ସେତେବେଳେ ଜନସାଧାରଣ କେବଳ ସରକାରଙ୍କ ନୀରବତା ଦେଖନ୍ତି। ଏହି ନୀରବତା ସୈନିକମାନଙ୍କ ମନୋବଳକୁ ମଧ୍ୟ ପ୍ରଭାବିତ କରେ। ସେମାନେ ଜାଣନ୍ତି ଯେ ସେମାନଙ୍କ ବଳିଦାନ ପାଇଁ ରାଜନୈତିକ ସମର୍ଥନ ଯେତିକି ସ୍ପଷ୍ଟ ହେବା ଉଚିତ ତାହା ନୁହେଁ।

ତୃତୀୟ ଦିଗ ହେଉଛି ଅର୍ଥନୈତିକ। ଚୀନ୍ ଭାରତର ଏକ ପ୍ରମୁଖ ବାଣିଜ୍ୟିକ ଅଂଶୀଦାର। ଇଲେକ୍ଟ୍ରୋନିକ୍ସ ଠାରୁ ଶିଳ୍ପ ଉପକରଣ ପର୍ଯ୍ୟନ୍ତ, ଭାରତର ଅର୍ଥନୀତି ଅନେକ କ୍ଷେତ୍ରରେ ଚୀନ୍ ଉପରେ ନିର୍ଭରଶୀଳ। ଏହି ନିର୍ଭରଶୀଳତା ଯୋଗୁଁ ସରକାର କଠୋର ପଦକ୍ଷେପ ନେବାରୁ ବଞ୍ଚିତ ହେଉଥିବାର ସମ୍ଭାବନା ରହିଛି। କିନ୍ତୁ ଏହି ଯୁକ୍ତି ଜନସାଧାରଣଙ୍କ ପାଇଁ ଗ୍ରହଣୀୟ ନୁହେଁ। ସେମାନଙ୍କ ପାଇଁ ସୀମା ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। ଆର୍ଥିକ ସମ୍ପର୍କକୁ ପରେ ସମାଧାନ କରାଯାଇପାରିବ, କିନ୍ତୁ ସାର୍ବଭୌମତ୍ୱ ସହିତ ଆପତ୍ତି କରାଯାଇପାରିବ ନାହିଁ।

ଅରୁଣାଚଳ ପ୍ରଦେଶର ଲୋକମାନେ ଏହି ପରିସ୍ଥିତିକୁ ସବୁଠାରୁ ଗଭୀର ଭାବରେ ଅନୁଭବ କରନ୍ତି। ସେମାନେ ଜାଣନ୍ତି ଯେ ସେମାନଙ୍କ ଭୂମି ଉପରେ ବାହ୍ୟ ଚାପ ବୃଦ୍ଧି ପାଉଛି। ସେମାନଙ୍କର ସଂସ୍କୃତି, ସେମାନଙ୍କର ପରିଚୟ ଏବଂ ସେମାନଙ୍କର ଅସ୍ତିତ୍ୱ ବିପଦରେ ଅଛି। ଯେତେବେଳେ ସେମାନେ ଦେଖନ୍ତି ଯେ ଦିଲ୍ଲୀର କର୍ତ୍ତୃପକ୍ଷ ନୀରବ, ସେମାନେ ପ୍ରଶ୍ନ କରନ୍ତି ଯେ କେହି ସେମାନଙ୍କ କଥା ଶୁଣିବେ କି ନାହିଁ। ଏହି ଅସୁରକ୍ଷା କେବଳ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସାରା ଦେଶରେ ବ୍ୟାପିଛି। ପ୍ରତ୍ୟେକ ନାଗରିକ ଭାବିବାକୁ ଆରମ୍ଭ କରନ୍ତି ଯେ ଯଦି ସରକାର ସୀମାରେ ନୀରବ ରହିପାରିବେ, ତେବେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ନୀରବ ରହିପାରିବେ।

ଇତିହାସ ଆମକୁ କୁହେ ଯେ ଯେତେବେଳେ କୌଣସି ରାଷ୍ଟ୍ର ତାର ସୀମା ସୁରକ୍ଷା କରିବାରେ ଶିଥିଳ ହୋଇଛି, ତାହାର ପରିଣାମ ଭୟଙ୍କର ହୋଇଛି। ୧୯୬୨ ଯୁଦ୍ଧ ଏବେ ବି ଆମ ସ୍ମୃତିରେ ତାଜା। ସେତେବେଳେ ଚୀନ୍ ହଠାତ୍ ଆକ୍ରମଣ କରିଥିଲା, ଏବଂ ଭାରତ ପ୍ରସ୍ତୁତ ନଥିଲା। ଯଦି ଆଜି ସମାନ ପରିସ୍ଥିତି ପୁନରାବୃତ୍ତି ହୁଏ, ତେବେ ଏହା କେବଳ ଇତିହାସର ପୁନରାବୃତ୍ତି ନୁହେଁ ବରଂ ଆମର ନୀତିର ବିଫଳତାର ପ୍ରମାଣ ହେବ। ଲୋକମାନେ ଚାହାନ୍ତି ଯେ ସରକାର ସେହି ଇତିହାସରୁ ଶିକ୍ଷା ଗ୍ରହଣ କରନ୍ତୁ ଏବଂ ଏହାର ନୀରବତା ଭଙ୍ଗ କରନ୍ତୁ।

କେତେକ ସରକାରଙ୍କ ନୀରବତାକୁ ଏକ ରଣନୈତିକ ନୀରବତା ବୋଲି କୁହନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ଖୋଲାଖୋଲି ଭାବରେ ଚୀନକୁ ଚ୍ୟାଲେଞ୍ଜ କରିବା ପରିସ୍ଥିତିକୁ ଆହୁରି ଖରାପ କରିପାରେ। କିନ୍ତୁ ଏହି ଯୁକ୍ତି ଜନସାଧାରଣଙ୍କ ପାଇଁ ଯଥେଷ୍ଟ ନୁହେଁ। ଜନସାଧାରଣ ଚାହାନ୍ତି ଯେ ସରକାର ଅତି କମରେ ସ୍ୱୀକାର କରନ୍ତୁ ଯେ ବିପଦ ପ୍ରକୃତ ଏବଂ ଏହାର ସମାଧାନ ପାଇଁ ଠୋସ୍ ପଦକ୍ଷେପ ନିଆଯାଉଛି। ନୀରବତା କେବଳ ଦ୍ୱନ୍ଦ୍ୱ ସୃଷ୍ଟି କରେ। ଏହି ଦ୍ୱନ୍ଦ୍ୱ ଶତ୍ରୁକୁ ଶକ୍ତିଶାଳୀ କରେ ଏବଂ ଜନସାଧାରଣଙ୍କୁ ଦୁର୍ବଳ କରେ।

ଅରୁଣାଚଳ ପ୍ରଦେଶ ପ୍ରସଙ୍ଗ କେବଳ ଏକ ସୀମା ସମସ୍ୟା ନୁହେଁ। ଏହା ଭାରତର ଆତ୍ମାର ପ୍ରଶ୍ନ। ଯେତେବେଳେ କୌଣସି ଦେଶ ତାର ସୀମାକୁ ସୁରକ୍ଷା ଦେବାରେ ବିଫଳ ହୁଏ, ତା'ର ସଂସ୍କୃତି, ପରିଚୟ ଏବଂ ଭବିଷ୍ୟତ ବିପଦରେ ପଡ଼ିଯାଏ। ଆଜି, ଭାରତକୁ ନିଷ୍ପତ୍ତି ନେବାକୁ ପଡିବ ଯେ ସେ ନୀରବ ରହିବ ଏବଂ ତାର ସାର୍ବଭୌମତ୍ୱକୁ ବିପଦରେ ପକାଇବ କି କଥା କହି ତାର ପରିଚୟକୁ ରକ୍ଷା କରିବ। ଜନସାଧାରଣଙ୍କ ଆଶା ସ୍ପଷ୍ଟ – ସେମାନେ ଚାହାଁନ୍ତି ଯେ ସରକାର ଦୃଢ଼ ଭାବରେ ଠିଆ ହେଉ ଏବଂ ଚୀନକୁ ଏକ ସ୍ପଷ୍ଟ ବାର୍ତ୍ତା ପଠାଉ ଯେ ଭାରତର ସୀମା ଅତୁଟ।

ଏହି ସମଗ୍ର ପରିସ୍ଥିତିରେ ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ସରକାର ଜନସାଧାରଣଙ୍କ ସହିତ ସ୍ୱଚ୍ଛ ହେବାକୁ ମନା କରୁଛନ୍ତି। ଯଦି କୌଣସି ବିପଦ ଅଛି, ତେବେ ଏହାକୁ ସ୍ୱୀକାର କରାଯିବା ଉଚିତ। ଯଦି କୌଣସି ରଣନୀତି ଅଛି, ତେବେ ତାହାକୁ ବ୍ୟାଖ୍ୟା କରାଯିବା ଉଚିତ। କିନ୍ତୁ ନୀରବତା କେବଳ ଅବିଶ୍ୱାସକୁ ଜନ୍ମ ଦିଏ। ଏହି ଅବିଶ୍ୱାସ ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ବିପଦ। ଗଣତନ୍ତ୍ର ଲୋକଙ୍କ ସ୍ୱର ଉପରେ ଆଧାରିତ, ଏବଂ ଯେତେବେଳେ ଲୋକମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସ୍ୱର ଶୁଣାଯାଉନାହିଁ, ସେତେବେଳେ ଗଣତନ୍ତ୍ର ଦୁର୍ବଳ ହୋଇଯାଏ। ଅରୁଣାଚଳ ପ୍ରଦେଶ ଆଜି ଏକ ପ୍ରତୀକ ପାଲଟିଛି। ଏହା ଭାରତକୁ ଏହାର ସାର୍ବଭୌମତ୍ୱ ରକ୍ଷା ପାଇଁ କରିବାକୁ ପଡ଼ିଥିବା ସଂଘର୍ଷର ପ୍ରତୀକ। ଏହା ସରକାରଙ୍କ ଠାରୁ ଲୋକଙ୍କ ଆଶାର ପ୍ରତୀକ। ଏବଂ ଏହା ପ୍ରତ୍ୟେକ ନାଗରିକଙ୍କ ମନରେ ଉଠୁଥିବା ପ୍ରଶ୍ନର ପ୍ରତୀକ: ସୀମାରେ ବିପଦ ଆସିଲେ ସରକାର କାହିଁକି ନୀରବ ରହେ ? କେବଳ ସରକାର ହିଁ ଏହି ପ୍ରଶ୍ନର ଉତ୍ତର ଦେଇପାରିବ, କିନ୍ତୁ ଯଦି ଏହା ନୀରବ ରହେ, ତେବେ ଇତିହାସ ଏହାର କଠୋର ବିଚାର କରିବ।

ତେଣୁ, ଆଜି ଭାରତକୁ ଏହାର ନୀରବତା ଭାଙ୍ଗିବାକୁ ପଡିବ। ଜନସାଧାରଣଙ୍କୁ ଆଶ୍ୱସ୍ତ କରନ୍ତୁ ଯେ ଏହାର ସୀମା ସୁରକ୍ଷିତ। ସୈନିକମାନଙ୍କୁ ଏକ ବାର୍ତ୍ତା ପଠାନ୍ତୁ ଯେ ସେମାନଙ୍କ ବଳିଦାନ ବ୍ୟର୍ଥ ହେବ ନାହିଁ। ଏବଂ ବିଶ୍ୱକୁ ଦେଖାନ୍ତୁ ଯେ ଭାରତ ଏହାର ସାର୍ବଭୌମତ୍ୱ ସହିତ ସାଲିସ କରିବ ନାହିଁ। ଅରୁଣାଚଳ ପ୍ରଦେଶର ପାହାଡ଼ରୁ ଉଠିଥିବା ଏହି କ୍ରନ୍ଦନ କେବଳ ଗୋଟିଏ ଅଞ୍ଚଳର ନୁହେଁ, ବରଂ ସମଗ୍ର ଦେଶର କ୍ରନ୍ଦନ। ଯଦି ସରକାର ଏହି ଡାକରେ କର୍ଣ୍ଣପାତ କରନ୍ତି, ତେବେ ଭାରତ ଆହୁରି ଶକ୍ତିଶାଳୀ ହେବ। ଯଦି ଏହା ନୀରବ ରହେ, ତେବେ ସେହି ନୀରବତା ଇତିହାସରେ ଏକ ଗଭୀର କ୍ଷତ ଭାବରେ ଲିପିବଦ୍ଧ ହୋଇଯିବ।

ମୋ-୯୪୩୭୨୮୮୦୨୮

## ନାକଟିଦେଉଳ ମାଟିର ଝିଅଙ୍କୁ ମିଳିଲା ଡିଜିପି ଡିସ୍କ ଓ କ୍ରାଇମବ୍ରାଞ୍ଚ ସମ୍ବର୍ଦ୍ଧନା

ରେଢ଼ାଖୋଲ,୧୭।୮ (ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରି ଗ୍ରାମର ଜଣେ ଯୁବତୀ ଡିଜିପି ଡିସ୍କ ସମ୍ମାନ ଲାଭ କରିଛନ୍ତି। ଉକ୍ତ ଗ୍ରାମର ବରୁଣ ମାଝୀ ଓ ଲଛମା ମାଝୀଙ୍କ ଝିଅ କୁମୁଦିନୀ ମାଝୀ (ଦିପା) କଟକ ସିଆଇଡି କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ବିଭାଗରେ କନେଷ୍ଟବଳ ଭାବରେ କାର୍ଯ୍ୟରତ ଅଛନ୍ତି। ତେବେ କର୍ତ୍ତବ୍ୟନିଷ୍ଠା, ଉଲ୍ଲେଖନୀୟ ସେବା ଓ କାର୍ଯ୍ୟଦକ୍ଷତା ପାଇଁ ଚଳିତ ବର୍ଷ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କରେ ସମ୍ମାନିତ କରାଯାଇଛି।



ବୁଧବାର ପୁଲିସ ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି। ଏଥିରେ ୧୨ ଜଣ ଆଇପିଏସ ଅଧିକାରୀ,୩ ଜଣ ଅତିରିକ୍ତ ଏସପି, ୨ ଡେପୁଟି କମାଣ୍ଡାଣ୍ଟ, ୩ ଜଣ ଡିଏସପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ,୮ ଜଣ ଇନ୍ସପେକ୍ଟର ,୪ ଜଣ ସବ ଇନ୍ସପେକ୍ଟର ,୪ ଜଣ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର,୫ ଜଣ ହାବିଲଦାର, ଜଣେ ଡ୍ରାଇଭର ସମେତ ୧୩ ଜଣ କନଷ୍ଟେବଲ/ଓଏପିଏଫ/ସିପାହୀଙ୍କୁ ସମ୍ମାନୀତ କରାଯାଇଛି। ସୂଚନଯୋଗ୍ୟ, ୯୧ ତମ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ କୁମୁଦିନୀ ମାଝୀ ମଧ୍ୟ ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଅତିରିକ୍ତ ଆରକ୍ଷୀ ମହା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦକ ପ୍ରଦାନ ସମାରୋହ ହୋଇଥିଲା। ସ୍ୱାଧୀନତା ଦିବସ ଉପଲକ୍ଷେ କଟକ ପୋଲିସ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଆଇଡି କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ତପନ କୁମାର ନାୟକ ପୁଷ୍ପମାଲ୍ୟ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି କୁମୁଦିନୀ ମାଝୀଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି ।

# ତାଳଚେର ସହର ବିକାଶରେ ପ୍ରତିବନ୍ଧକ ହେବନି ଅର୍ଥ

## ସମସ୍ତେ ମିଳିମିଶି ବିକାଶ କାର୍ଯ୍ୟ ସାମିଲ ହେବା ପାଇଁ ସାଂସଦ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ତାଳଚେର,୧୭।୮(ନିପ୍ର); ତାଳଚେର ସହର ନିଜ ଜନ୍ମ ମାଟିରେ ଆଜି ତାଳଚେର ପୌର ପରିଷଦ ଅଞ୍ଚଳ ରେ ଅନେକ ବିକାଶ କାର୍ଯ୍ୟର ଭିତ୍ତି ପ୍ରସ୍ତର ଓ ଶୁଭ ଉଦଘାଟନ ସମାରୋହର ମୁଖ୍ୟ ଅତିଥି ଭାବେ ତାଳଚେର ମାଟିର ସୁଯୋଗ୍ୟ ସନ୍ତାନ ତଥା ଅଂଚଳର ଗର୍ବ ଗୌରବ ପୂର୍ବତନ କେନ୍ଦ୍ରମନ୍ତ୍ରୀ ,ସାଂସଦ ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ତାଳଚେର ଏକ ପୁରାତନ ସହରରେ ସେ ଜନ୍ମ ଗ୍ରହଣ କରିଥିବାରୁ କୁ ସେ ନିଜକୁ ଗୌରବ ମନେ କରିବା ସହ ଏହି ମାଟି ତାଙ୍କୁ ସବୁ କିଛି ସିଖାଇଛି ବୋଲି କହିଥିଲେ । ଏବଂ ତାଳଚେରର ବିକାଶ ମୂଳକ କାର୍ଯ୍ୟ ପାଇଁ ଅର୍ଥ କେବେ ବି ପ୍ରତିବନ୍ଧକ ହେବନି ବୋଲି ପ୍ରକାଶ କରିଥିଲେ। ଏଥି ସହ ତାଳଚେରକୁ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ିବା ପାଇଁ ତାଙ୍କର ଆଗ୍ରହ ଥିବା କଥା କହିବା ସହ ୬୦୦ ଏକର ବିଶିଷ୍ଟ ରାଣୀ ପାର୍କ ଜାଗାରେ ଏକ ଚିଡ଼ିଆ ଖାନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଏବଂ କିପରି ଏହାକୁ ସାକାର କରାଯିବ ସେଥିପାଇଁ ପ୍ରୟାସ କରିବା ପାଇଁ ମଞ୍ଚରେ ଉପସ୍ଥିତ ଥିବା ଜିଲ୍ଲାପାଳ ଏମ୍ ଏକ୍ତରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବଂ ତାଳଚେର କୁ ବିକାଶ ପଥରେ ଆଗେଇ ନେବାକୁ ହେଲେ ତାଳଚେର ସହର କୁ ସଂଯୋଗ କରୁଥିବା କିଛି ନୂତନ ରାସ୍ତା ନିର୍ମାଣ କରିବାକୁ ହେବ ଓ କିଛି ସଂଲଗ୍ନ ଅଞ୍ଚଳକୁ ତାଳଚେର ପୌର ପରିଷଦରେ ମିଶାଇ ନୂଆ ତାଳଚେର ଗଠନ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରସ୍ତାବ ରଖିଥିଲେ। ବିଶେଷ କରି ତାଳଚେର ମଣ୍ଡାପାଳ ଛକ ଠାରୁ ସନ୍ତପଡ଼ାକୁ ସଂଯୋଗ କରିବା ପାଇଁ ନଦୀ କୂଳେ କୂଳେ ନୂତନ ରାସ୍ତା ନିର୍ମାଣ, ତାଳଚେର ରାଜବାଟି ଠାରୁ ନାଳକୋ, ଭୋଗବେରେନି ଷ୍ଟେସନ ଠାରୁ ଥର୍ମାଲ ଦେଇ ଷ୍ଟେସନ ପାଇଁ ନୂତନ ରାସ୍ତା ଏବଂ ଏହିପରି ସହର ସହିତ ଅନୁଗୁଳକୁ ଯୋଡ଼ିବା ପାଇଁ କିଛି ନୁଆ ରାସ୍ତାକୁ ନିର୍ମାଣ



କରିବା ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଜିଲ୍ଲାପାଳଙ୍କୁ କହିଥିଲେ। ତେବେ ଏଥିପାଇଁ ଦଳରୁ ଉର୍ଦ୍ଧ୍ୱରେ ରହି ତାଳଚେରର ବିକାଶ ମୂଳକ କାର୍ଯ୍ୟରେ ସମସ୍ତେ ଏକ ହୋଇ କାମ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ। ତାଳଚେର ବସ୍ ଷ୍ଟାଣ୍ଡ ନିକଟରେ ଆୟୋଜିତ ଆଜିର ଏହି ସମାବେଶ ରେ ଜନପ୍ରିୟ ନଗର ପାଳ ପବିତ୍ର ଭୂତିଆ ସଭାପତିତ୍ୱ କରି ବିଗତ ସରକାର ସମୟରେ ତାଳଚେର ପ୍ରତି ହୋଇଥିବା ଅବହେଳା ଓ ବିଶେଷ କରି ତାଙ୍କୁ ମିଳିଥିବା କଷ୍ଟକୁ ବଖାଣି ବା ସହ ଅତୀତ କୁ ମନେ ପକାଇ ବର୍ତ୍ତମାନ ପୂର୍ବତନ ମିଳିଥିବା ଅନୁଦାନର ତୁଳନା କରି ଏଥିପାଇଁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମାତ୍ର ୭ମାସରେ ଶ୍ରୀ ପ୍ରଧାନଙ୍କ ଉଦ୍ୟମରେ ପ୍ରାୟ ୬୨କୋଟି ଟଙ୍କାର ୧୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସମ୍ଭବ ହୋଇପାରିଥିବା କଥା ନଗର ପାଳ ପବିତ୍ର ଭୂତିଆ ପ୍ରକାଶ କରିବା ସହ ଏହାର ସମସ୍ତ ଶ୍ରେୟ ସାଂସଦ ଶ୍ରୀ ପ୍ରଧାନଙ୍କୁ ଦେଇଥିଲେ । ବିଶେଷ କରି ଅବସର ପ୍ରାପ୍ତ କର୍ମଚାରୀ ଙ୍କ ବକେୟା ପାଉଣା ପାଇଁ ୪.୫୫ କୋଟି ଟଙ୍କା ମଞ୍ଜୁର କରାଇ ଦୁଃଖୀ କର୍ମଚାରୀ ଙ୍କ ମୁଖରେ ହସ ଫୁଟାଇ ଥିବା କାରଣରୁ ନଗରପାଳ ଶ୍ରୀ ଭୂତିଆ ବହୁତ ଖୁସି ଓ ସାଂସଦ ଶ୍ରୀ ପ୍ରଧାନଙ୍କୁ ଧନ୍ୟବାଦ କୃତଜ୍ଞତା ଜଣାଇଥିଲେ।ଓ ଆଗକୁ ଆହୁରି ଅନେକ ପ୍ରସ୍ତାବ କୁ ସାକାର କରିବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଢ଼େଙ୍କାନାଳ ଲୋକସଭା ସଭ୍ୟ ରୁଦ୍ର ନାରାୟଣ ପାଣି ତାଳଚେରର ବିକାଶ ଦ୍ରୁତ ଗତି ରେ ବଢୁଛି ଓ ଆଗକୁ ବଢାଇବାର ପ୍ରୟାସ ଜାରି ରହିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ତାଙ୍କ ସରକାର ସମୟରେ ମଧ୍ୟ ବିକାଶ ହୋଇଛି ଓ ତାଳଚେରର ବିକାଶ ଖଣି ଖାଦାନ ପ୍ରଭାବିତ ଅଞ୍ଚଳରେ ହେବା ତାଳଚେରର ଅଧିକାର ଓ ହକ ବୋଲି କହିଥିଲେ, ଅନ୍ୟତମ ଅତିଥି ଭାବରେ ଅଶୋକ ମହାନ୍ତି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ପାଲଲହଡା, ବିଭୂତି ପ୍ରଧାନ ବିଧାୟକ ପରଜଙ୍ଗ, ପ୍ରତାପ ଚନ୍ଦ୍ର ପ୍ରଧାନ ବିଧାୟକ ଅନୁଗୋଳ, ଅଗସ୍ତି ବେହେରା ବିଧାୟକ ଛେଣ୍ଡିପଦା, ଏମ୍ ଏଖତର ଜିଲ୍ଲାପାଳ ଅନୁଗୋଳ , ରାହୁଲ୍ ଜେନ୍ ଏସ ପି ଅନୁଗୁଳ ମଞ୍ଚରେ ଉପସ୍ଥିତ ଥିଲେ। ତେବେ ଏଠାରେ ସୂଚନା ଯୋଗ୍ୟ ଯେ ତାଳଚେରର ବିଭିନ୍ନ ୱାର୍ଡରେ ବିକାଶ ମୂଳକ କାର୍ଯ୍ୟ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୨୫ କୋଟି ଓ ମୁଖ୍ୟମନ୍ତ୍ରୀ ସହରୀ ଯୋଜନାରେ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୫୦ଟି ପ୍ରକଳ୍ପ ଆଜି ଭୂମି ପୂଜନ ଓ ଉଦ୍ଘାଟନ ଶିଳାନ୍ୟାସ କରିଥଲେ । ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୮୦ କୋଟି ଟଙ୍କା ଅନୁଦାନ ଆଣିବାରେ ସଫଳ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୬୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ନୂଆଁ ବସ ଷ୍ଟାଣ୍ଡ ନିମିତ୍ତ ୫ କୋଟି ୧୮ଲକ୍ଷ, ତାଳଚେର ଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ଡିଭାଇଡର ରାସ୍ତା ନିର୍ମାଣ ଓ ଆକୋକି କରଣ ପାଇଁ ୨୩ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି ଶ୍ରୀ ପ୍ରଧାନ ଏହା ସହ ଆହୁରି ଅନେକ କାମ ସହରର ଡ୍ରେନେଜ୍ ବ୍ୟବସ୍ଥା, ପୋଲ ନିର୍ମାଣ,ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଏବଂ ଆଗକୁ ଟାଉନ ହତା ସମସ୍ୟାକୁ ସମାଧାନ ନିମିତ୍ତ ସାହାଯ୍ୟ ସହଯୋଗ ମିଳିବ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ବୋଲି ସୂଚନା ମିଳିଛି।

## ଯୋଗାଣ ମନ୍ତ୍ରୀଙ୍କ ସହ ରେଢ଼ାଖୋଲ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଆଲୋଚନା

### ଉପଖଣ୍ଡରେ ଧାନ ମିଲ୍ ଓ ଶୀତଳ ଭଣ୍ଡାର ପାଇଁ କଲେ ଦାବି

ରେଢ଼ାଖୋଲ,୧୭।୮(ନିପ୍ର):ଓଡ଼ିଶା ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ପ୍ରସାଦ ପତ୍ରଙ୍କ ସହ ରେଢ଼ାଖୋଲ ଡାକ ବଙ୍ଗଳାଠାରେ ରେଢ଼ାଖୋଲ ଉପଖଣ୍ଡର ବିଜେପି କାର୍ଯ୍ୟକର୍ତ୍ତାମାନେ ଏକ ଆଲୋଚନା କରିଛନ୍ତି। ଆଲୋଚନା ବେଳେ କାର୍ଯ୍ୟକର୍ତ୍ତାମାନେ ରେଢ଼ାଖୋଲ ଉପଖଣ୍ଡରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା , ଏକ ଧାନ ମିଲ୍ ସ୍ଥାପନ, ଏନ୍ ଏ



ସି ଅଞ୍ଚଳରେ ରାସନ କାର୍ଡ ଟାର୍ଗେଟ ସଂଖ୍ୟା ବୃଦ୍ଧି, ଏବଂ ଏନ୍ ଏ ସି ଅଞ୍ଚଳରେ ରାସନ ସାମଗ୍ରୀ ବଣ୍ଟନ ପାଇଁ ଡିଲର ସଂଖ୍ୟା ବୃଦ୍ଧି କରିବା ପାଇଁ ଦାବି ରଖିଥିଲେ। ମନ୍ତ୍ରୀ ଶ୍ରୀ ପତ୍ର ସମସ୍ତ ଦାବିକୁ ଗୁରୁତ୍ୱର ସହ ବିବେଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେର, ଉପ ସଭାପତି ବିଚିତ୍ରା ନନ୍ଦ ସାହୁ , ନଗର ସଭାପତି ସୁଷମା ମୁଣ୍ଡା, ସାଧାରଣ ସମ୍ପାଦକ ଅନିଲ ପୃଷ୍ଟି, ଚାରମାଳ ମଣ୍ଡଳ ସଭାପତି ଧରିଣୀଧର ସାହୁ , ଯୁବ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ପ୍ରକାଶ ମହାପାତ୍ର, ଜିଲ୍ଲା ଉପ ସଭାପତି ରାଜା ସିଂ, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠାରୁ , ରାମାନୁଜ ମହାପାତ୍ର, ସୌମ୍ୟ ରଞ୍ଜନ ଶାସନିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଅନେକ ପୋଲ ଉପରେ ବନ୍ୟାଜଳ ପ୍ରବାହିତ, ଯାତାୟାତ ଠପ୍

କୁଚିଣ୍ଡା,୧୭।୮ (ନିପ୍ର): ଶନିବାର ରାତିସାରା ପ୍ରବଳ ବର୍ଷା ଯୋଗୁଁ କୁଚିଣ୍ଡା ବ୍ଲକର ବିଭିନ୍ନ ନଦୀରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଫଳରେ ରବିବାର ଦିନ ୧୨ଟା ପର୍ଯ୍ୟନ୍ତ ଯାତାୟାତ ଠପ୍ ହୋଇଯାଇଥିଲା। ଖର୍ଲାନଦୀର ବନ୍ୟା ଓ ବିଭିନ୍ନ ଝରଣା ଜଳ ଆସ୍ୱି ଯୋଗୁଁ କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର ଚକଦରହ ଶିବମନ୍ଦିର ଅଧାବୁଡ଼ିଯାଇଥିଲା। ସକାଳୁ ମନ୍ଦିର ଚାରିପଟେ ହଠାତ୍ ବନ୍ୟାଜଳ ବଢ଼ୁଥିବା ଦେଖି ମନ୍ଦିରରେ ରହୁଥିବା ପୂଜକ ମିତ୍ରଭାନୁ ପଟେଲ ଓ ତାଙ୍କ ସ୍ତ୍ରୀ ଦୁତିଆ ପଟେଲ ଭୟଭୀତ ହୋଇ ମନ୍ଦିର ଉପରକୁ ଚଢ଼ିଯାଇ ଯାଇଥିଲେ। ସେମାନେ ବ୍ୟାକୁଳ ଓ ଭୟଭୀତ ହୋଇ ଉଦ୍ଧାର ପାଇଁ ଗ୍ରାମବାସୀ ଏବଂ ପରିବାର ଲୋକଙ୍କୁ ଫୋନରେ ଆକୁଳ ନିବେଦନ କରିଥିଲେ। ପରେ କୁଚିଣ୍ଡାରୁ ଦମକଳ ବାହିନୀ ପହଞ୍ଚି ପୂଜକ ପଟେଲ ଦମ୍ପତିଙ୍କୁ ୮ଘଣ୍ଟା ପରେ ସୁରକ୍ଷିତ ଉଦ୍ଧାର କରିଥିଲେ। ଖବରପାଇ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ସହ ଚକଦରହ ଶିବ ମନ୍ଦିର ପହଞ୍ଚି ବନ୍ୟା ସ୍ଥିତି ପରଖିବା ସହ ପୂଜକ ପଟେଲ



ଦମ୍ପତିଙ୍କୁ ରିଲିଫ ପ୍ରଦାନ କରିଥିଲେ। ଲଗାଣ ବର୍ଷାରେ ଖର୍ଲା ନଦୀର ଟାଇଁସର-କୁ.ଜମନକିରା ପୋଲ ଉପରେ ୧୦ ଫୁଟର ବନ୍ୟାଜଳ ପ୍ରାହ ଯୋଗୁଁ ଦୀର୍ଘ ୧୦ଘଣ୍ଟା ଧରି ଯାତାୟାତ ବନ୍ଦ ହୋଇଯାଇଥିଲା। ସେହିପରି କୁସୁମୀ-ଗୁଦଗୁଦା ରାସ୍ତାର ଟନମୁରା ପୋଲ ଉପରେ ୬ଫୁଟର ବନ୍ୟାଜଳ ପ୍ରବାହିତ ହେବାରୁ ପ୍ରାୟ ୭/୮ଘଣ୍ଟା ଧରି ଯାତାୟାତ ଠପ୍ ସୋଇଯାଇଥିଲା। କୁଚିଣ୍ଡା ବ୍ଲକର ବଗ୍ଧମା-ଠାକୁରନିକ୍ତିମାଲ ନଦୀ ମାନଙ୍କ ପୋଲ ଉପରେ ବନ୍ୟାଜଳ ପ୍ରାହ ଯୋଗୁଁ ଦୀର୍ଘ ସମୟ ଧରି ଯିବାଆସିବାରେ ଅସୁବିଧା ହୋଇଥିଲା। ଚନ୍ଦନୀମାଲ ପଞ୍ଚାୟତର ବସା ଟୁଙ୍ଗୁରୀପଡା ପୋଲ ଉପରେ ବନ୍ୟା ଯୋଗୁଁ ରବିବାର ଦିନ ୧୨ଟା ପର୍ଯ୍ୟନ୍ତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ତିହାଡିପାଲି ଶିବ ମନ୍ଦିର ବି ବନ୍ୟାଜଳରେ ଅଧା ବୁଡ଼ି ଯାଇଥିଲା। ଖର୍ଲା ନଦୀରେ ବନ୍ୟାଜଳ ପ୍ରବାହ ଯୋଗୁଁ କୁଚିଣ୍ଡା ଏନଏସି ୱାର୍ଡ ନଂ.୮ ଘୋଷା ଗ୍ରାମକୁ ବନ୍ୟାଜଳ ପଶିଯାଇଥିଲା। ଫଳରେ ଘୋଷା-ଲାଡଙ୍ଗମାଲ ରାସ୍ତା ଉପରେ ୫/୬ଫୁଟ ପାଣି ଯୋଗୁଁ ଯାତାୟାତ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ହୋଇଯାଇଥିଲା। ମନ୍ତ୍ରୀ ନାଏକ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବାସ୍ତବସ୍ଥିତି ସ୍ଥିତି ପରଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

## ରାସ୍ତାକାର୍ଯ୍ୟ ଅଧାପନ୍ତରିଆକୁ ନେଇ ଜନଅସନ୍ତୋଷ

ଭାପୁର,୧୭।୮(ନିପ୍ର): ଭାପୁର ବ୍ଲକ ଶାଳପଡା ଗ୍ରାମର ମଙ୍ଗଳାଙ୍କ ମନ୍ଦିରଠାରୁ ମନ୍ଦାରବେରେଣୀ - ଖଇରଗାଡ଼ିଆ -ନିହଲପ୍ରସାଦ -ମହୁଲିଆ -ଏଲପଡା - ମରୀଚିଆ ଗ୍ରାମ ଛକ ପର୍ଯ୍ୟନ୍ତ ୬.୨୦୦ କିମି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ । ଏହି ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି।



ଏହି ରାସ୍ତା ନିର୍ମାଣ ପାଇଁ ୪ ବର୍ଷ ତଳେ ୨ କୋଟି ୮୯ ଲକ୍ଷ ଟଙ୍କାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଠାରୁ ଫୁଲବାଣୀର ଏକ ସଂସ୍ଥା ଟେଣ୍ଡର ଆଣି କାର୍ଯ୍ୟ ଆରମ୍ଭ କରିଥିଲେ। ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରି ପ୍ରତ୍ୟେକ ଗ୍ରାମ ମୁଣ୍ଡରେ ଡଷ୍ଟ ଓ୍ ଅଧାପନ୍ତରିଆ ମେଣ୍ଟାଲ ପକେଇ ଛାଡି ଦେଇଥିବାରୁ ବର୍ତ୍ତମାନ ବର୍ଷାଦିନେ ପାଣି ଜମି ରହି ବାଟୋଇଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଯାତାୟାତ ପାଇଁ ଅନୁପଯୋଗୀ ହୋଇଥିବାରୁ ଗ୍ରାମବାସୀ ରାସ୍ତାରୋକ ପାଇଁ ସଜବାଜ ହେଉଥିବା ଜଣାପଡିଛି।ବିଶେଷକରୀ,ଏଲପଡା ଗ୍ରାମର ବୈଦ୍ୟନାଥଙ୍କ ଶିବ ମନ୍ଦିର ନିକଟ ରାସ୍ତା ଉପରେ ୩ ଫୁଟର ଖାଲ ହୋଇ ପାଣି ଜମି ରହୁଥିବାରୁ ବାଟୋଇ ମାନେ ନ ଜାଣିପାରି ସାଇକେଲ ଓ୍ ବାଇକ ରେ ପଡି ଆହତ ହେଉଛନ୍ତି। ଏହି ରାସ୍ତା ସହିତ ଶାଳପଡା - ମିଟୁଆଣୀ ରାସ୍ତା ଏବଂ ବିଜିପୁର - ଭାପୁର ରାସ୍ତା ଠିକାଦାର ଅଧାପନ୍ତରିଆ ଭାବରେ କାହିଁକି ଛାଡିଲା ତାର କାରଣ ଅସ୍ପଷ୍ଟ ରହିଥିବାବେଳେ ବର୍ଷାଦିନ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଏସ.ଡି.ଓ୍. ଦିଲ୍ଲୀପ କୁମାର ବରାଳଙ୍କ ଠାରୁ ପ୍ରକାଶ।

## ୧୪ ବର୍ଷରୁ କମ୍‌ରେ ସିଦ୍ଧାର୍ଥ ବିଜେତା

ଭୁବନେଶ୍ୱର, ୧୮।୮ : ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ସହାୟତାରେ ଓଡ଼ିଶା ଟେନିସ୍ ଆସୋସିଏସନ୍ ତଥା ଓଟିଏ ୧୪ ଅଗଷ୍ଟରୁ ୧୬ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କମ୍ପ୍ଲେକ୍ସରେ ଏଆଇଟିଏ - ଓଟିଏ ଚାମ୍ପିଅନସିପ୍ ସିରିଜ୍ ଅଣ୍ଡର ୧୪ ଟେନିସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୩ ରାଜ୍ୟ ଆନ୍ଧ୍ର ପ୍ରଦେଶ,




ତେଲେଙ୍ଗାନା ଏବଂ ଓଡ଼ିଶାରୁ ୨୫ ଜଣ ଥିଲେ। ବାଳକ ଅଣ୍ଡର ୧୪ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ସିଦ୍ଧାର୍ଥ ଦାସ ଓଡ଼ିଶାର ଆୟାଂଶ ପଟ୍ଟନାୟକଙ୍କୁ ୬-୪, ୬-୩ରେ ପରାସ୍ତ କରିଥିଲେ । ସମ୍ବିତ ପଟ୍ଟନାୟକ ଯୁଗ୍ମ ସଚିବ ଓଟିଏ ଫାଇନାଲିଷ୍ଟଙ୍କୁ ଟ୍ରଫି ବଣ୍ଟନ କରିଥିଲେ।

## ଶ୍ରାବଣ ତୃତୀୟ ସୋମବାର,ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ

ରାୟଗଡା,୧୭।୮ (ନିପ୍ର): ଶ୍ରାବଣ ତୃତୀୟ ସୋମବାର,ଶିବ ମନ୍ଦିର ମାନଙ୍କରେ ଭାରି ମାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼। ଓଁ ନମଃ ଶିବାୟ ପଞ୍ଚାକ୍ଷରୀ ମନ୍ତ୍ରରେ ପ୍ରତିଧ୍ୱନିତ ହୋଇ ଉଠିଥିଲା ବିଶାଳ ଶିବ ମନ୍ଦିର । ରାୟଗଡାର ପ୍ରତିଟି ଶିବ ମନ୍ଦିରରେ ବଡି ଭୋରରୁ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିବା ବେଳେ ଦେବ ଦେବ ମହାଦେବଙ୍କ ଶିବଲିଙ୍ଗରେ ଜଳାଭିଷେକ, ଏବଂ କ୍ଷୀରାଭିଷେକ କରିବା ପାଇଁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।ପ୍ରବଳ ଗରମ ଗୁଳୁଗୁଳି ଅନୁଭୂତ ହେଉଥିବା ସତ୍ତ୍ୱେ ସେଥିପ୍ରତି ଭ୍ରୁକ୍ଷେପ ନକରି ଭକ୍ତ ଅପେକ୍ଷା କରି ରହିଥିଲେ ଦେବ ଦେବ ମହାଦେବଙ୍କ ଦର୍ଶନ ପାଇଁ।

ଅନୁରୂପ ଭାବେ ଖିନକ୍ଷିଣା ପାହାଡ଼ ଶିଖର ଦେଶରେ ପୂଜାପାଉଥିବା ବାଲୁଙ୍କେଶ୍ୱର ମନ୍ଦିରରେ ମଧ୍ୟ ଭକ୍ତ ଆଉ ଭଗବାନଙ୍କ ଅପୂର୍ବ ମିଳନ ଦେଖିବାକୁ ମିକିଥିଲା।

## ଆସିକାରେ କଂଗ୍ରେସର ବିଏଲଏ-୨ ପ୍ରଶିକ୍ଷଣ ଶିବିର

ଆସିକା,୧୭।୮ (ନିପ୍ର); ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଆସିକା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ବିଏଲଏ-୨ ମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭୋଟର ତାଲିକାରେ ନୂଆ ନାମ ସାମିଲ କରିବା, ତାଲିକାରେ ଥିବା ତ୍ରୁଟି ସଂଶୋଧନ କରିବା ଏବଂ ମୃତ ଭୋଟରଙ୍କ ନାମ ବାଦ ଦେବାର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ କଂଗ୍ରେସ ସଭାପତି ଦଣ୍ଡପାଣି ପାତ୍ର ଯୋଗଦେଇ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରେ ରହିବା ନିଶ୍ଚିତ କରିବା ଦଳର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ବିଏଲଏ-୨ ମାନେ ତୃଣମୂଳ ସ୍ତରରେ ସକ୍ରିୟ ହୋଇ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡା ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ସହ ଦଳୀୟ କର୍ମୀମାନେ ଅଧିକ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆସିକା ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ରାଉତ, ଶିବ ଶଙ୍କର ସିଅ, ଶତ୍ରୁଘନ ପରିଡା, ସପନା ବିଷୋୟୀ, ବଳରାମ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିବିରରେ ଆସିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ପରି ଶେଷରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକୁ ଶୀଘ୍ର ଓ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଏଲଏ-୨ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# ଗୁଣପୁରରେ ଗାନ୍ଧିଜୀଙ୍କୁ ସମାନ ଦେବାରେ ଭୁଲିଗଲା ପ୍ରଶାସନ

ରାୟଗଡା,୧୮।୮(ନିପ୍ର); ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣପୁର ବ୍ଲକ ଦୀର୍ଘ ଅଢେଇ ବର୍ଷ ହେଲା ବାରମ୍ବାର ଅବଗତ କରିବା ସତ୍ତ୍ୱେ ଗୁଣପୁର ପୌର ପ୍ରଶାସନ ଜାତୀୟ ଦିବସ ଗୁଡ଼ିକରେ ଉପଜିଲ୍ଲାପାଳଙ୍କ ବାସଭବନ

## ସାଧାରଣ ଲୋକ ସୃଷ୍ଟି କଲେ ଉଦାହରଣ

ନିକଟରେ ଥିବା ମହାତ୍ମା ଗାନ୍ଧୀଜି ଏବଂ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି (ଦାଣ୍ଡିଯାତ୍ରା)କୁ ଫୁଲ ମାଳ ପକେଇ ଶ୍ରଦ୍ଧାଞ୍ଜଳି ଜଣେଇବାକୁ ଭୁଲିଯାଇଛନ୍ତି। ଗତକାଲି ଶନିବାର ଦିନ ସ୍ୱାଧୀନତା ଦିବସ ପାଳନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହେବାରୁ ବାଧହୋଇ ସିପିଆଇ ଏମ ଏଲ ଲିବରେସନର ଜିଲ୍ଲା ସମ୍ପାଦକ ତିରୁପତି ଗମାଙ୍ଗ, ୧୩ ନମ୍ବର ୱାର୍ଡ କାଉନସିଲର ଭାଗୀରଥି ବିଷୋୟୀ, ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ନାତି ଗୌରବ ବିଷୋୟୀ ପ୍ରତିମୂର୍ତ୍ତି ଗୁଡିକୁ ଫୁଲମାଳ ପିନ୍ଧାଇ ଉଦାହରଣ ସୃଷ୍ଟି କରିଛନ୍ତି। ଏହିଭଳି ଭଲ କାର୍ଯ୍ୟକୁ ଉଦ୍ୟୋକ୍ତାଙ୍କୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଅଢେଇ ବର୍ଷ ଧରି ପ୍ରତିମୂର୍ତ୍ତି ଗୁଡିକୁ ଖୋଲା ମେଲାରେ ଛାଡି ଦେଇ ଅବହେଳା ପ୍ରଦର୍ଶନ କରି ଆସୁଥିବା ପୌର ପ୍ରଶାସନର କାର୍ଯ୍ୟ କଳାପକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହି ଘଟଣା ପରେ ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ କାଉନିସିଲର ଭାଗୀରଥି ବିଷୋୟୀଙ୍କୁ ଫୋନରେ ଉଦ୍‌ଘାଟନ ହୋଇନଥିବା ପ୍ରତିମୂର୍ତ୍ତି ଗୁଡିକୁ କେମିତି ଫୁଲ ମାଳ ପକେଇଲ ବୋଲି ପ୍ରଶ୍ନ କରିଥିଲେ। ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ମଧ୍ୟ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ଗୁଡିକୁ ଅଢେଇ ବର୍ଷ ହେଲା ଉଦ୍‌ଘାଟନ ନକରି କାହିଁକି ଖୋଲା ମେଲାରେ ଛାଡି ଦିଆଯାଇଥିଲା ବୋଲି କାଉନସିଲର ଶ୍ରୀ ବିଷୋୟୀ ଉପାଧ୍ୟକ୍ଷଙ୍କୁ ପାଲଟା ପ୍ରଶ୍ନ କରିଥିଲେ। ଉଦ୍‌ଘାଟନ ହୋଇନଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡିକୁ ଜରି କିମ୍ବା କପଡ଼ାରେ ସୁରକ୍ଷିତ ରୂପେ ଗୁଡେଇ ରଖିବାର ବିଧେୟ ରହିଛି। କିନ୍ତୁ ପୌର ପ୍ରଶାସନ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା । ଏହି ସମ୍ପର୍କରେ ଜନ ସାଧାରଣ ବାରମ୍ବାର ପ୍ରଶ୍ନ କରିବା ସହ ଗଣ ମାଧ୍ୟମରେ ଅନେକ ଥର ଖବର ପ୍ରସାରଣ ପରେ ମଧ୍ୟ



ପୌର ପ୍ରଶାସନ ଶୁଣି ନଥିଲା। ତେଣୁ ଶନିବାର ଦିନ ସ୍ୱାଧୀନତା ଦିବସରେ ମଧ୍ୟ ଅବହେଳିତ ଅବସ୍ଥାରେ ରହିବା ଦେଖି ଫୁଲମାଳ ପିନ୍ଧା ଯାଇଥିବା ନେଇ ଶ୍ରୀ ବିଷୋୟୀ ପୌର ଉପାଧ୍ୟକ୍ଷଙ୍କୁ ଜବାବ ଦେଇଥିଲେ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଗୁଣପୁର ଉପ ଜିଲ୍ଲାପାଳଙ୍କ ବାସ ଭବନକୁ ଲାଗି ଅଢେଇ ବର୍ଷ ତଳେ ମୁକ୍ତା ଯୋଜନାରେ ସୌନ୍ଦର୍ଯ୍ୟକରଣ ସହ ଏକ ଛୋଟିଆ ପାର୍କର ପରିକଳ୍ପନା କରାଯାଇ ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ମହାପୁରୁଷଙ୍କ ଦାଣ୍ଡି ଯାତ୍ରାର ପ୍ରତିମୂର୍ତ୍ତି, ଅରଟ, ତିନୋଟି ମାଙ୍କଡ଼ର ପ୍ରତି ମୂର୍ତ୍ତି ଏବଂ ପାଣି କୁଣ୍ଡ ସ୍ଥାପନ କରାଯାଇଥିଲା। ଦୀର୍ଘ ଦିନ ଧରି ବର୍ଷା ଖରାରେ ପଡି ରହିବା ଯୋଗୁ ପ୍ରତିମୂର୍ତ୍ତି ଗୁଡ଼ିକୁ ଅଣାଯାଇଥିବା ବେଳେ ଗୁଡା ଯାଇଥିବା ଜରି ଚିରି ନଷ୍ଟ ହୋଇଯାଇଥିଲା। ଗତ ଦେଢ଼ ବର୍ଷ ହେଲା ପ୍ରତିମୂର୍ତ୍ତି ଗୁଡିକୁ ଆଉ ସୁରକ୍ଷିତ ଭାବେ କପଡ଼ାରେ ନଗୁଡ଼େଇ ସୌନ୍ଦର୍ଯ୍ୟ କରଣ କାମ ସରିଯାଇଥିଲେ ମଧ୍ୟ କୌଣସି କାରଣରୁ ଉଦଘାଟନ ନକରି ପ୍ରତିମୂର୍ତ୍ତି ଗୁଡିକୁ ଖୋଲା ମେଲା ରେ ଛାଡି ଦିଆଯାଇଛି। ସୂଚନାଯୋଗ୍ୟ ଯେ କାହାରି ଜଣକର ନିର୍ଦ୍ଦେଶରେ ତତ୍କାଳୀନ ନିର୍ବାହୀ ଅଧିକାରୀ ବିନା ଟେଣ୍ଡର ଓ କାର୍ଯ୍ୟଦେଶରେ ଉକ୍ତ ପ୍ରକଳ୍ପ ଏବଂ ପ୍ରତିମୂର୍ତ୍ତି ଗୁଡିକ କ୍ରୟ କରାଯାଇଥିଲା। ତେବେ ମୁକ୍ତା ଯୋଜନା ବନ୍ଦ ହୋଇଯାଇଥିବାରୁ ଏହାପରେ ଦାୟିତ୍ୱ ନେଇଥିବା ନିର୍ବାହୀ ଅଧିକାରୀ ଠିକା ସଂସ୍ଥାର ବିଲ ପଇଠ କରିବାକୁ ମନା କରି ଦେଇଥିଲେ। ସେହିପରି ଭାଜପା ସରକାର ଗତ ଦୁଇ ବର୍ଷ ହେଲା ମୁକ୍ତା ଯୋଜନାକୁ ବନ୍ଦ କରି ଦେବା ପରେ ବିନା ଟେଣ୍ଡରରେ ପ୍ରତିମୂର୍ତ୍ତି ଓ ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷ ଯୋଗାଇଥିବା ଘରୋଇ ଠିକା ସଂସ୍ଥାକୁ ପ୍ରାୟ ୪୦ ଲକ୍ଷ ଟଙ୍କା ବକେୟା ଦିଆଯାଇପାରିନଥିଲା। ବର୍ତ୍ତମାନ ସମସ୍ତ ସୌନ୍ଦର୍ଯ୍ୟ ଓ ଆଲୋକୀରଣ କାମ ଦୀର୍ଘ ମାସ ହେଲା ଶେଷ ହୋଇଯାଇଥିବା ବେଳେ ଗତକାଲିର ଘଟଣା ପରେ ଆସନ୍ତା ଅଗଷ୍ଟ ୩୧ ତାରିଖ ସ୍ୱୟତ୍ତ ଶାସନ ଦିବସରେ ପ୍ରତିମୂର୍ତ୍ତି ଗୁଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାକୁ ଯୋଜନା କରିଥିବା ଶୁଣିବାକୁ ମିଳିଛି।

## ପ୍ରିୟଦର୍ଶିନୀ ଓ ସୌମ୍ୟାଶ୍ରୀଙ୍କୁ ବାଇଧର ମୁଦୁଲି ସ୍ମୃତି ସମ୍ମାନ

କଣ୍ଟିଲୋ,୧୭।୮ (ନିପ୍ର); ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଂସ୍କୃତ ଶିକ୍ଷକ ବାଇଧର ମୁଦୁଲିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳିତବର୍ଷ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ୨ ଛାତ୍ରୀ ପ୍ରିୟଦର୍ଶିନୀ ମୁଦୁଲି ଓ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀଙ୍କୁ ବାଇଧର ମୁଦୁଲି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଜରିଆରେ ଉଭୟ ଛାତ୍ରୀଙ୍କୁ ମିଳିତ ଭାବେ ନଗଦ ୫ ହଜାର ଅର୍ଥ ରାଶି ସହ ଉତ୍ତରୀୟ ଓ ପ୍ରଶଂସାପତ୍ର ପ୍ରଦାନ



କରାଯାଇଥିଲା। ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁମ୍ଭାରପଡା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ମୋ ସ୍କୁଲ ଅଭିଯାନର ସଭାପତି ଅଖିଳ କୁମାର ପଣ୍ଡା, ସମିତିସଭ୍ୟ ନରେନ୍ଦ୍ର ନାଥ ଦାଶ,ପଲ୍ଲୀକବି ପ୍ରଭାତ କୁମାର ଖୁଣ୍ଟିଆ,ପରିଚାଳନା କମିଟିର ଅଧ୍ୟକ୍ଷ ସନ୍ତୋଷ କୁମାର ପ୍ରଧାନ,ଉପାଧ୍ୟକ୍ଷା କାନ୍ତିଲତା ବାରିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଙ୍କୁ ଏହି ଉପହାର ପ୍ରଦାନ କରି ଉତ୍ସାହିତ କରିଥିଲେ।ପ୍ରକାଶଥାଉକି ସ୍ମୃତି ପରିଷଦ ପକ୍ଷରୁ ଗତ ୨୦୨୨ ମସିହାରୁ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଥିବା ଅନୁଷ୍ଠାନର ସଦସ୍ୟମାନଙ୍କ ଠାରୁ ପ୍ରକାଶ।

## ପରମାଣୁ ଦୁର୍ଘଟଣାରେ...

# ନ୍ୟାୟସଙ୍ଗତ କ୍ଷତିପୂରଣ ଦେଇପାରିବେ କି କୋର୍ଟ ?



**ନୂଆଦିଲ୍ଲୀ, ୧୭/୮:** ପରମାଣୁ ଦୁର୍ଘଟଣା ଘଟିଲେ ପୀଡ଼ିତଙ୍କୁ 'ନ୍ୟାୟସଙ୍ଗତ ଓ ଉଚିତ' କ୍ଷତିପୂରଣ ଦେବାରେ ସଂସଦ ନିର୍ଦ୍ଧାରଣ କରିଥିବା ଦାୟିତ୍ୱ ସୀମା କୋର୍ଟଙ୍କ କ୍ଷମତାକୁ ରୋକିପାରିବ କି ନାହିଁ, ସେନେଇ କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି ସୁପ୍ରିମ୍‌କୋର୍ଟ। ସୋମବାର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ନୋଟିସ୍ ଜାରି କରିଛନ୍ତି। ଏହି ମାମଲା ୨୦୨୫ର 'ସଷ୍ଟେନେବଲ୍ ହାର୍ଣ୍ଣେସିଂ ଆଣ୍ଡ ଆଡ୍‌ଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫର୍ମିଂ ଇଣ୍ଡିଆ' (ଶାନ୍ତି) ଆଇନର ବିଭିନ୍ନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନ ସହ ଜଡ଼ିତ। ପୂର୍ବତନ ଅମଲା ଇଏଏସ୍ ଶର୍ମାଙ୍କ ନେତୃତ୍ୱରେ କିଛି ପ୍ରଫେସର ଓ ବୈଜ୍ଞାନିକ ଏହି ଆବେଦନ କରିଛନ୍ତି। ଆବେଦନକାରୀମାନେ ଦାବି କରିଛନ୍ତି ଯେ ଏହି ଆଇନ ସମ୍ବିଧାନର ଧାରା ୧୪, ୧୯ ଓ ୨୧ ଅଧୀନରେ ଥିବା ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ନେହା ରାଠୀ ଯୁକ୍ତି ରଖିଥିଲେ। ଭୂଷଣ କହିଥିଲେ, ଶାନ୍ତି ଆଇନ ପରମାଣୁ ଦୁର୍ଘଟଣା ଘଟିଲେ ପ୍ଲାଣ୍ଟ ଚଳାଉଥିବା କମ୍ପାନିର ଦାୟିତ୍ୱକୁ ସୀମିତ କରିଛି। ସବୁଠାରୁ ବଡ଼ ପ୍ଲାଣ୍ଟ ପାଇଁ ଅପରେଟରଙ୍କ ଦାୟିତ୍ୱ ସର୍ବାଧିକ ୩,୦୦୦ କୋଟି ଟଙ୍କାରେ ସୀମିତ ଥିବା ସେ ଦର୍ଶାଇଥିଲେ। ଚେର୍ଣ୍ଣୋବିଲ୍ ଓ ଫୁକୁସିମା ଭଳି ପରମାଣୁ ଦୁର୍ଘଟଣାର କ୍ଷତି ଲକ୍ଷ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ସେ ଯୁକ୍ତି ଦେଇଥିଲେ। ଏହାର ଜବାବରେ ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ, ସଂସଦ ଅପରେଟରଙ୍କ ଦାୟିତ୍ୱରେ ସୀମା ଧାର୍ଯ୍ୟ କରିଥିଲେ ମଧ୍ୟ ଏହା କୋର୍ଟଙ୍କୁ ନ୍ୟାୟସଙ୍ଗତ କ୍ଷତିପୂରଣ ଦେବାରୁ ବାରଣ କରେ ନାହିଁ। ଅପରେଟରଙ୍କ ଦାୟିତ୍ୱ ସୀମିତ କରିବାର ଉଦ୍ଦେଶ୍ୟ ପରମାଣୁ କ୍ଷେତ୍ରରେ ନିବେଶ ଓ ପ୍ରକଳ୍ପକୁ ଉତ୍ସାହିତ କରିବା ବୋଲି କେନ୍ଦ୍ରର ଯୁକ୍ତି ଥିଲା। ଭୂଷଣ ଆଶଙ୍କା ପ୍ରକାଶ କରି କହିଥିଲେ, ଦାୟିତ୍ୱ ସୀମିତ ଥିବାରୁ ସୁରକ୍ଷା ବ୍ୟବସ୍ଥାରେ ଅବହେଳା କରିବାକୁ ଅପରେଟରମାନେ ଉତ୍ସାହିତ ହୋଇପାରନ୍ତି। ମାମଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପରମାଣୁ ନିୟାମକ ସଂସ୍ଥାର ସ୍ୱାଧୀନତା। 'ଶାନ୍ତି' ଆଇନର ଧାରା ୧୭(୪) ଅନୁଯାୟୀ ଆଟମିକ୍ ଏନର୍ଜି ରେଗୁଲେଟରି ବଡିର ସଦସ୍ୟ ନିଯୁକ୍ତି ପାଇଁ ଆଟମିକ୍ ଏନର୍ଜି କମିସନ୍ ଦ୍ୱାରା ଗଠିତ ସର୍ଚ୍ଚ ଓ ସିଲେକ୍ସନ୍ ପ୍ୟାନେଲ୍ ସୁପାରିସ କରିବ। ଭୂଷଣଙ୍କ ଯୁକ୍ତି ହେଉଛି, ଆଟମିକ୍ ଏନର୍ଜି କମିସନ୍ ନିଜେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ଚଳାଉଥିବାରୁ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ୱାର୍ଥ ସଂଘାତର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ମଧ୍ୟ ସୁପ୍ରିମ୍‌କୋର୍ଟ କେନ୍ଦ୍ରର ଜବାବ ମାଗିଛନ୍ତି। ସୂଚନାଯୋଗ୍ୟ, 'ଶାନ୍ତି' ଆଇନ ୨୦୧୦ର ପରମାଣୁ କ୍ଷତି ପାଇଁ ସିଭିଲ ଲାୟେବିଲିଟି ଆଇନକୁ ବଦଳାଇଛି। ଏହା ଅନୁଯାୟୀ, ଘରୋଇ କମ୍ପାନିଗୁଡ଼ିକୁ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନର ଅନୁମତି ମିଳିଛି ଏବଂ ଦୁର୍ଘଟଣା ଘଟିଲେ ଅପରେଟରଙ୍କ ଦାୟିତ୍ୱ ୩,୦୦୦ କୋଟି ଟଙ୍କାରେ ସୀମିତ କରାଯାଇଛି। ଏହି ଆଇନକୁ ନେଇ ମେ ୧୯ରେ ମଧ୍ୟ ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ଅର୍ଥନୈତିକ ନୀତି ସହ ଜଡ଼ିତ। ଏବେ କୋର୍ଟଙ୍କ ନୋଟିସ୍ ପରେ କେନ୍ଦ୍ରର ସ୍ପଷ୍ଟୀକରଣ ଉପରେ ମାମଲାର ପରବର୍ତ୍ତୀ ଶୁଣାଣିର ଦିଗ ନିର୍ଭର କରିବ।

# ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି



**ନୂଆଦିଲ୍ଲୀ, ୧୭/୮:** କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ସୁପ୍ରିମକୋର୍ଟରୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମିଳିଛି। ସୋମବାର ଶୀର୍ଷକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ଉଭୟ ଏଜେନ୍ସିକୁ ଅଭିଯୋଗଗୁଡ଼ିକର ତଦନ୍ତ ଏବଂ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କୁ ଅଗଷ୍ଟ ୨୦ ତାରିଖରେ ହେବାକୁ ଥିବା ଶୁଣାଣିକୁ ସ୍ଥଗିତ ରଖିବାକୁ କହିଛନ୍ତି। ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଏହି ମାମଲାରେ ସିବିଆଇ ଏବଂ ଇଡି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାହୁଲଙ୍କ ଆବେଦନର ଏକ କପି ଅଭିଯୋଗକାରୀଙ୍କୁ ଦିଆଯାଉ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଯେଉଁଥିରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଭି. ମୋହନା ମଧ୍ୟ ସାମିଲ ଥିଲେ। ସୁପ୍ରିମକୋର୍ଟ ସିବିଆଇ ଏବଂ ଇଡିକୁ ବର୍ତ୍ତମାନ ପାଇଁ ଏହି ମାମଲାରେ କୌଣସି ରିପୋର୍ଟ ଦାଖଲ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ନ୍ୟାୟର ନୀତିଗୁଡ଼ିକ ଉପରେ ଗୁରୁତ୍ୱାରୋପ କରି ଏପରି କାର୍ଯ୍ୟ ନ୍ୟାୟ ଏବଂ ନିରପେକ୍ଷତାର ନୀତି ପାଳନ କରିବା ଆବଶ୍ୟକ ବୋଲି ସୂଚିତ କରିଛନ୍ତି। କର୍ଣ୍ଣାଟକ ବିଜେପି କର୍ମୀ ଏସ. ଭିଗ୍ନେଶ ଶିଶିରଙ୍କ ଦ୍ୱାରା ଦାୟର ଏହି ଆବେଦନରେ ଅଭିଯୋଗ କରାଯାଇଥିଲା ଯେ ରାହୁଲ ଗାନ୍ଧୀଙ୍କ ଜ୍ଞାତ ଆୟ ଉତ୍ସ ଠାରୁ ଅଧିକ ସମ୍ପତ୍ତି ଅଛି। ଏହି ଅଭିଯୋଗଗୁଡ଼ିକର ତଦନ୍ତ ଦାବି କରାଯାଇଥିଲା।

## ହାତୀଙ୍କ ଯିବାଆସିବା ବାଟରେ...

# ବାଧା ଦେଇପାରିବେ ନାହିଁ ରାଜ୍ୟ ସରକାର



**ନୂଆଦିଲ୍ଲୀ, ୧୭/୮:** ହାତୀ କରିଡର ସମ୍ପର୍କରେ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ କହିଛନ୍ତି ଯେ, ହାତୀ ଫସଲ କ୍ଷତି କରୁଥିବାର ବାହାନା ଦେଖାଇ ସେମାନଙ୍କ ଯିବା ଆସିବା ବାଟରେ ବାଧା ସୃଷ୍ଟି କରାଯାଇପାରିବ ନାହିଁ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ବନ୍ୟପ୍ରାଣୀଙ୍କ ପାଇଁ କୌଣସି ବାଧା ସୃଷ୍ଟି ହେବା ଉଚିତ୍ ନୁହେଁ। ହାତୀ ପଲ ବହୁତ ଦୂର ଯାତ୍ରା କରନ୍ତି, ଏବଂ ଏହା ସେମାନଙ୍କର ସ୍ୱାଭାବିକ ଅଭ୍ୟାସ। ହାତୀ ଫସଲ ନଷ୍ଟ କରୁଥିବା କାରଣରୁ କୌଣସି ରାଜ୍ୟ ସରକାର ସେମାନଙ୍କ ପଥ ଅବରୋଧ କରିବାକୁ ଅନୁମତି ଦେଇପାରିବେ ନାହିଁ। ସୁପ୍ରିମକୋର୍ଟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଦେଶର ବିଭିନ୍ନ ରାଜ୍ୟରେ ହାତୀ କରିଡରର ନୂତନ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରଣାଳୟକୁ ଏହି ରାସ୍ତାଗୁଡ଼ିକରେ ଯେକୌଣସି ପ୍ରତିବନ୍ଧକ ଏବଂ ହାତୀଙ୍କ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ରିପୋର୍ଟ କରିବାକୁ ପଡିବ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପରିବେଶ ମନ୍ତ୍ରଣାଳୟ ପୂର୍ବରୁ ହାତୀଙ୍କ ନିରାପଦ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରିସାରିଛନ୍ତି। ମାତ୍ର ସ୍ଥାନୀୟ କାରଣଗୁଡ଼ିକ ଯୋଗୁଁ ଅନେକ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ହାତୀ ଘଉଡ଼ାଇବା ପାଇଁ କେଉଁଠାରେ ଏବଂ କିପରି ଗୁଳିଚାଳନା କିମ୍ବା ଅନ୍ୟାନ୍ୟ କଠୋର ପଦ୍ଧତି ବ୍ୟବହାର କରାଯାଉଛି ତାହାର ସୂଚନା ଦେବାକୁ ମଧ୍ୟ ସୁପ୍ରିମକୋର୍ଟ ମନ୍ତ୍ରଣାଳୟକୁ କହିଛନ୍ତି। ଶୁଣାଣି ସମୟରେ, ଆଇନଜୀବୀ କହିଥିଲେ ବେଳେବେଳେ ଲୋକଙ୍କ ଭିଡ଼ ଦ୍ୱାରା ହାତୀମାନଙ୍କୁ ଘଉଡ଼ା ଯାଇଥାଏ, ଯାହା ପରିସ୍ଥିତିକୁ ଆହୁରି ଖରାପ କରିଥାଏ। ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ ହାତୀମାନଙ୍କ ସ୍ୱାଭାବିକ ଗତିବିଧି ସମୟରେ ଗୁଳିଚାଳନା ଭଳି ପଦ୍ଧତି ବ୍ୟବହାରକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ହାତୀ ଘଉଡ଼ାଇବା ପାଇଁ ବାଜା ବଜାଇ ନିଆଁ ହୁଳା ଧରି ଲୋକଙ୍କ ଭିଡ଼ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ରହିଥିବା ମଧ୍ୟ ସେ କହିଥିଲେ।

# ଯୋଗଗୁରୁ ରାମଦେବଙ୍କ ଭବିଷ୍ୟବାଣୀ

## ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନ ପୁଣି ଭାରତରେ ସାମିଲ ହେବେ !

**ନୂଆଦିଲ୍ଲୀ, ୧୭/୮:** ଯୋଗଗୁରୁ ସ୍ୱାମୀ ରାମଦେବ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋରଦାର । ଏହି ଭବିଷ୍ୟବାଣୀଟି ହେଉଛି - ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନ ପୁଣିଥରେ ଭାରତରେ ସାମିଲ ହେବେ । ସେ ଲୋକମାନଙ୍କୁ ଦାବି ପୂର୍ବକ କହିଛନ୍ତି , କେବଳ ଟିକିଏ ଧୈର୍ଯ୍ୟ ରଖିବାର ଆବଶ୍ୟକତା ଅଛି । ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜର୍ଦ୍ଦାରୀଙ୍କ ହିନ୍ଦୁମାନଙ୍କୁ ନେଇ ଦେଇଥିବା ବକ୍ତବ୍ୟ ଉପରେ ରାମଦେବ ପାଲଟା ଆକ୍ରମଣ କରିଛନ୍ତି। ଆଉ ଏଭଳି ବିବୃତ୍ତି ଦେଇଛନ୍ତି । ଉଲ୍ଲେଖନୀୟ ଯେ, ଛତିଶଗଡ଼ର ରାୟପୁରରେ ମିଡିଆ ସହ କଥାବାର୍ତ୍ତା ବେଳେ ସ୍ୱାମୀ ରାମଦେବ ନିଜର ପ୍ରତିକ୍ରିୟା ରଖି ଥିଲେ। ସେ ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜରଦାରୀଙ୍କ ଟିପ୍ପଣୀକୁ ନେଇ କହିଥିଲେ, ଭାରତରେ ହିନ୍ଦୁ ଧର୍ମ, ଇସଲାମ କିମ୍ବା ଖ୍ରୀଷ୍ଟିଆନ ଧର୍ମ ବିପଦରେ ନାହିଁ, ବରଂ ଦେଶର ସମ୍ମାନ ଓ ଗୌରବ ବାଜିରେ ଲାଗିଛି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ , ବାବା ରାମଦେବ କହିଛନ୍ତି, ବାଂଲାଦେଶ ଓ ପାକିସ୍ତାନରେ ହିନ୍ଦୁମାନଙ୍କୁ 'ଶୋଷଣ ଓ ଅନ୍ୟାୟ'ର ଶିକାର କରାଯାଇଛି। ରାମଦେବ କହିଛନ୍ତି, ପାକିସ୍ତାନ - ବାଂଲାଦେଶରେ ହିନ୍ଦୁମାନଙ୍କୁ ଯେଉଁ ଅତ୍ୟାଚାର ଓ ଅନ୍ୟାୟ ସହିବାକୁ ପଡ଼ିଛି, ତାହା ମାନବ ସଭ୍ୟତାର ସବୁଠାରୁ ବଡ଼ ଅତ୍ୟାଚାର ଗୁଡ଼ିକ ମଧ୍ୟରୁ ଅନ୍ୟତମ। ସେ ଜର୍ଦ୍ଦାରୀଙ୍କୁ ନେଇ କହିଛନ୍ତି ଯେ, ଯେଉଁମାନେ ଏହି ସବୁ ପାଇଁ ଦାୟୀ, ସେମାନେ ଏପରି ବକ୍ତବ୍ୟରୁ ଦୂରେଇ ରହିବା



ଉଚିତ୍। ସେ କହିଛନ୍ତି ଯେ ଆମକୁ ଧୈର୍ଯ୍ୟ ରଖିବାକୁ ହେବ, ଦିନେ ପାକିସ୍ତାନ, ବାଂଲାଦେଶ ଭଳି ଦେଶ ପୁଣିଥରେ ଭାରତରେ ସାମିଲ ହେବେ। ରାୟପୁରର ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ରାମଦେବ କହିଛନ୍ତି , ସନାତନ ଧର୍ମରେ କୌଣସି ଅଭାବ ନାହିଁ ଯେ, କାହାକୁ ଇସଲାମ କିମ୍ବା ଖ୍ରୀଷ୍ଟିଆନ ଧର୍ମ ଆପଣାଇବାକୁ ପଡ଼ିବ। ସେ କହିଛନ୍ତି, ସନାତନ ସଂସ୍କୃତି ଓ ଧର୍ମ ପ୍ରାଚୀନ। ଏଥିରେ ଏପରି କେଉଁ ଅଭାବ ଅଛି ଯାହା ଆମକୁ ମୁସଲିମ କିମ୍ବା ଖ୍ରୀଷ୍ଟିଆନ ହେବାକୁ ବାଧ କରିବ ? କିଛି ମୁସଲିମ୍ ଖଣ୍ଡା , ଲୋଭ ଓ ଚମତ୍କାରିତାର ଭ୍ରାନ୍ତ ଧାରଣା ପ୍ରସାର କରି,ଆମର ସନାତନୀ ହିନ୍ଦୁ ଭାଇ ମାନଙ୍କୁ ଇସଲାମରେ ବଦଳାଇ ଦେଲେ । ରାମଦେବ କହିଛନ୍ତି - ଆମେ ତଥାପି ଶାନ୍ତ ରହିଲୁ। ଖ୍ରୀଷ୍ଟିଆନମାନେ ଲୋକଙ୍କୁ ଧର୍ମାନ୍ତରିତ କଲା ବେଳେ ବି ଆମେ ନୀରବ ରହିଲୁ। ସନାତନ ଧର୍ମରେ ସାମାଜିକ ଭେଦଭାବ ଅଭିଯୋଗ ଉପରେ ସେ କହିଛନ୍ତି, କେବଳ କିଛି ନିର୍ଦ୍ଦିଷ୍ଟ ଲୋକ ବିକୃତ ମାନସିକତାର ଶିକାର। ସନାତନୀ ହେବାର ଅର୍ଥ ହେଉଛି ପ୍ରଭୁ ରାମଙ୍କ ମର୍ଯ୍ୟାଦା, ଯୋଗ ଏବଂ ଭଗବାନ କୃଷ୍ଣଙ୍କ କର୍ମକୁ ଆପଣାଇବା ଓ ଭଗବାନ ଶିବଙ୍କ ପବିତ୍ରତା ଏବଂ ସତ୍ୟ ସହ ଯୋଡ଼ି ହୋଇ ରହିବା। ଯଦି ଏହି ମୂଲ୍ୟବୋଧଗୁଡ଼ିକୁ ପାଳନ କରାଯାଏ, ତେବେ ଧର୍ମାନ୍ତରଣର ପ୍ରଶ୍ନ ହିଁ ଉଠିବ ନାହିଁ।' ଏଠାରେ କହି ରଖୁଛୁ କି , ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜର୍ଦ୍ଦାରୀ ନିକଟରେ ପାକିସ୍ତାନର ସ୍ୱାଧୀନତା ଦିବସ ଅବସରରେ କହିଥିଲେ, ଭାରତୀୟଙ୍କ ଚିନ୍ତାଧାରା ଅଲଗା।

# ଚୀନ୍ ସହ କ'ଣ ଚାଲିଛି ବିବାଦ

## ସରକାରଙ୍କୁ ଓୱେସିଙ୍କ ୫ ପ୍ରଶ୍ନ



ନୂଆଦିଲ୍ଲୀ, ୧୭/୮ : ଅରୁଣାଚଳ ପ୍ରଦେଶରେ ଭାରତ-ଚୀନ୍ ସୀମା ପରିସ୍ଥିତିକୁ ନେଇ କେନ୍ଦ୍ର ସରକାରଙ୍କୁ ୫ଟି ପ୍ରଶ୍ନ ପଚାରିଛନ୍ତି ଅଲ୍ ଇଣ୍ଡିଆ ମଜଲିସ୍-ଇ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମ୍ ଆଇଏମ୍) ଅଧ୍ୟକ୍ଷ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଓୱେସି। ସୋମବାର ସେ 'ଏକ୍ସ'ରେ ପୋଷ୍ଟ କରି ଅରୁଣାଚଳ ପ୍ରଦେଶରେ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଚୀନ୍‌ର ପିପୁଲ୍ସ ଲିବରେସନ ଆର୍ମି (ପିଏଲ୍ଏ)ର କାର୍ଯ୍ୟକଳାପ ସମ୍ପର୍କରେ ସରକାରଙ୍କଠାରୁ ସ୍ପଷ୍ଟତା ମାଗିଛନ୍ତି। ନିକଟରେ ଗଣମାଧ୍ୟମରେ କିଛି ଉତ୍ତେଜନା ଖବର ପ୍ରକାଶ ପାଇବା ପରେ ଓୱେସି ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ଓୱେସିଙ୍କ ପ୍ରଥମ ପ୍ରଶ୍ନ ହେଉଛି, ଯେଉଁ ଅଞ୍ଚଳରେ ଭାରତୀୟ ସେନା ପୂର୍ବରୁ ନିୟମିତ ଭାବେ ପାଟ୍ରୋଲିଂ କରୁଥିଲା, ସେଠାକୁ ଯିବାରୁ ଚୀନ୍ ସେନା ନିକଟରେ ଭାରତୀୟ ସେନାକୁ ରୋକିଛି କି? ଦ୍ୱିତୀୟରେ, ଭାରତୀୟ ପାଟ୍ରୋଲିଂ ଦଳ ସେହି ଅଞ୍ଚଳରେ ତିଆରି କରିଥିବା ଏକ ଅସ୍ଥାୟୀ ଢାଞ୍ଚାକୁ ଚୀନ୍ ସେନା ନଷ୍ଟ କରିଛି କି? ତୃତୀୟ ପ୍ରଶ୍ନରେ ଓୱେସି ପଚାରିଛନ୍ତି, ଭାରତର ଅଞ୍ଚଳ ଭାବେ ସ୍ପଷ୍ଟ ଚିହ୍ନିତ ସ୍ଥାନରେ ପିଏଲ୍ଏ ନିଜର ଟେଣ୍ଟ ପକାଇଛି କି ? ଚତୁର୍ଥ ପ୍ରଶ୍ନରେ ସେ ଜାଣିବାକୁ ଚାହିଛନ୍ତି ଯେ, ଆସନ୍ତା ମାସରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସମ୍ଭାବ୍ୟ ଭାରତ ଗସ୍ତ ପୂର୍ବରୁ ଦୁଇ ଦେଶର ସମ୍ପର୍କକୁ 'ସ୍ୱାଭାବିକ' ଦେଖାଇବା ପାଇଁ ଭାରତୀୟ ସେନାକୁ ପାଟ୍ରୋଲିଂ ଅଧିକାର ନେଇ ଅଧିକ ଜୋର ନ ଦେବାକୁ କୁହାଯାଉଛି କି ? ପଞ୍ଚମ ପ୍ରଶ୍ନରେ ଓୱେସି ୨୦୧୭ର ଡୋକଲାମ ଓ ୨୦୨୦ର ଲଦାଖ ସୀମା ବିବାଦର ଉଦାହରଣ ଦେଇ ପଚାରିଛନ୍ତି, ଏଥର ମଧ୍ୟ ଅରୁଣାଚଳ ପ୍ରଦେଶର ବାସ୍ତବ ସ୍ଥିତି ସମ୍ପର୍କରେ ଦେଶବାସୀଙ୍କୁ ଅନ୍ଧାରରେ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି କି? ଓୱେସି କହିଛନ୍ତି, ସରକାର ଓ ପ୍ରଧାନମନ୍ତ୍ରୀ ଆସନ୍ତି-ଯାଆନ୍ତି, କିନ୍ତୁ ଦେଶର ଆଞ୍ଚଳିକ ଅଖଣ୍ଡତା ଓ ସାର୍ବଭୌମତ୍ୱ ସହ କୌଣସି ସାଲିସ୍ କରାଯାଇପାରିବ ନାହିଁ। ସୀମାର ପ୍ରକୃତ ସ୍ଥିତି ନେଇ ସରକାର ଦେଶବାସୀଙ୍କୁ ଭରସା ଦେବା ସହ ସତ୍ୟ ସାମ୍ନାକୁ ଆଣିବା ଉଚିତ।

# ଆମେରିକା-ଇରାନ ଶାନ୍ତି ଚୁକ୍ତି ଅବଧି ଶେଷ:ପୁଣି ଯୁଦ୍ଧ ଆଶଙ୍କା

ୱାସିଂଟନ, ୧୭/୮: ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଶେଷ କରି ଶାନ୍ତି ଚୁକ୍ତିରେ ପହଞ୍ଚିବା ପାଇଁ ଧାର୍ଯ୍ୟ ୬୦ ଦିନର ସମୟସୀମା ସୋମବାର ଶେଷ ହୋଇଛି। ଜୁନ୍‌ରେ ଭର୍ସାଇଲ୍‌ସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାକ୍ଷର କରିଥିବା ବୁଝାମଣାପତ୍ରରେ ଏହି ସମୟସୀମା ଧାର୍ଯ୍ୟ ହୋଇଥିଲା। ଏହି ସମୟ ମଧ୍ୟରେ ଯୁଦ୍ଧ ସ୍ଥାୟୀ ଭାବେ ଶେଷ କରିବା ସହ ଇରାନର ପରମାଣୁ କାର୍ଯ୍ୟକ୍ରମ ନେଇ ଚୁକ୍ତି ହେବାର ଲକ୍ଷ୍ୟ ରହିଥିଲା। କିନ୍ତୁ ସମୟସୀମା ଶେଷ ହୋଇଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ମତଭେଦ ଆହୁରି ଗଭୀର ହୋଇଛି। ଜୁନ୍‌ର ଅନ୍ତରୀଣ ବୁଝାମଣାରେ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଓ ଇରାନ ଉପରେ ଆମେରିକାର ନୌସେନା ଅବରୋଧ ହଟାଇବା ପ୍ରମୁଖ ସର୍ତ୍ତ ଥିଲା। ଏହାସହ ଦୁଇ ଦେଶର ପରମାଣୁ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବାର ଥିଲା। କିନ୍ତୁ ହର୍ମୁଜ୍ ପ୍ରଣାଳୀ ଖୋଲିବା ନେଇ ଏପର୍ଯ୍ୟନ୍ତ କୌଣସି ସହମତି ହୋଇନାହିଁ ଏବଂ ପରମାଣୁ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ମଧ୍ୟ ଆରମ୍ଭ ହୋଇପାରିନାହିଁ। ଚୁକ୍ତି ସ୍ୱାକ୍ଷରର ପ୍ରାୟ ଏକ ସପ୍ତାହ ପରେ ଇରାନ ଓମାନ ଉପକୂଳ ନିକଟ ଏକ ସମୁଦ୍ରପଥରେ ଯାଉଥିବା ଜାହାଜଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ପଥ ଆମେରିକାର ସାମରିକ ନିରୀକ୍ଷଣରେ ଥିଲା ଏବଂ ଇରାନର ନିୟନ୍ତ୍ରଣକୁ ଏଡ଼ାଇବା ପାଇଁ ବ୍ୟବହୃତ ହେଉଥିଲା। ଏହାର ଜବାବରେ ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲା। ପରେ ଇରାନ ଜୋର୍ଡାନ, କୁଏତ୍ ଓ ବାହାରିନ ଭଳି ଦେଶରେ ଥିବା ଆମେରିକୀୟ ସାମରିକ ଘାଟିକୁ ଆକ୍ରମଣ କରିଥିଲା। ଏହା ପରେ ଆମେରିକା ଇରାନର ତୈଳ ବିକ୍ରି ପାଇଁ ଦେଇଥିବା ଅନୁମତି ପ୍ରତ୍ୟାହାର କରିବା ସହ ଇରାନର ବନ୍ଦରଗୁଡ଼ିକ ଉପରେ ଅବରୋଧ ପୁଣି ଲାଗୁ କରିଥିଲା। ଉଭୟ ଦେଶ ପରସ୍ପର ବିରୋଧରେ ଜୁନ୍ ଚୁକ୍ତି ଉଲ୍ଲଂଘନର ଦୋଷ ଲଦିଛନ୍ତି। ଏବେ ହର୍ମୁଜ୍ ପ୍ରଣାଳୀକୁ ନେଇ ମତଭେଦ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଇରାନ ଆମେରିକାର ଅବରୋଧ ହଟାଇବା, ଇରାନ ଚାରିପାଖରୁ ଆମେରିକୀୟ ସେନା ପ୍ରତ୍ୟାହାର ଏବଂ ଯୁଦ୍ଧରେ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଦାବି କରୁଛି। ଏହା ସହ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ରହିବ ଏବଂ ଭବିଷ୍ୟତରେ ଜାହାଜଗୁଡ଼ିକରୁ ଶୁଳ୍କ ଆଦାୟ କରାଯାଇପାରେ ବୋଲି ଇରାନ କହୁଛି। ଟ୍ରମ୍ପ ଏହି ଦାବିଗୁଡ଼ିକୁ ଖାରଜ କରିଛନ୍ତି। ତାଙ୍କ ମତରେ ଯୁଦ୍ଧ ପାଇଁ ଇରାନକୁ ହିଁ କ୍ଷତିପୂରଣ ଦେବାକୁ ପଡ଼ିବ ଏବଂ ହର୍ମୁଜ୍ ଉପରେ ଆମେରିକାର ନିୟନ୍ତ୍ରଣ ରହିଛି। ଏପଟେ ଇରାନ ଉପରେ ଯୁଦ୍ଧ ଓ ଆର୍ଥିକ ଅବରୋଧର ପ୍ରଭାବ ବଢ଼ିଛି। ଦେଶର ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି ଏବଂ ଆର୍ଥିକ ସଙ୍କଟ ଯୋଗୁଁ ପୁଣି ସରକାର ବିରୋଧୀ ବିକ୍ଷୋଭ ଦେଖାଦେବାର ଆଶଙ୍କା ରହିଛି। ହର୍ମୁଜ୍ ଦେଇ ତୈଳ ଓ ଅନ୍ୟ ସାମଗ୍ରୀ ପରିବହନ ଯୁଦ୍ଧ ପୂର୍ବ ସ୍ତରକୁ ଫେରିନାହିଁ। ଫଳରେ ଇନ୍ଧନ ଓ ଅନ୍ୟ ଜିନିଷର ଦର ଆହୁରି ବଢ଼ିବା ଆଶଙ୍କା ରହିଛି।

# ଧୀରଜ ସେଠଙ୍କୁ ନେପାଳର ଅବୈତନିକ ଜେନେରାଲ ସମ୍ମାନ



**କାଠମାଣ୍ଡୁ,** ୧୭/୮ : ଭାରତର ସ୍ଥଳସେନା ମୁଖ୍ୟ ଜେନେରାଲ ଧୀରଜ ସେଠଙ୍କୁ ନେପାଳ ସେନାର ଅବୈତନିକ ଜେନେରାଲ ପାହ୍ୟା ପ୍ରଦାନ କରାଯାଇଛି। କାଠମାଣ୍ଡୁଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପେଡ଼େଲ ତାଙ୍କୁ ସୋମବାର ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏଥିରେ ନେପାଳ ଉପରାଷ୍ଟ୍ରପତି ରାମ ସହାୟ ପ୍ରସାଦ ଯାଦବ, ବିଦେଶ ମନ୍ତ୍ରୀ ଶିଶିର ଖାନଲ, ଭାରତର ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ଜେନେରାଲ ସେଠ ଆଜି ନେପାଳ ସେନାକୁ ସାମରିକ ଓ ଡାକ୍ତରୀ ଉପକରଣ ପ୍ରଦାନ କରିଛନ୍ତି। ନେପାଳ ସେନା ମୁଖ୍ୟାଳୟରେ ଚାରା ରୋପଣ କରିବା ସହ ଗାର୍ଡ ଅଫ୍ ଅନର ଗ୍ରହଣ କରିଛନ୍ତି। ନେପାଳ ସେନାମୁଖ୍ୟ ଜେନେରାଲ ଅଶୋକ ରାଜ୍ ସିଗଡେଲ୍‌ଙ୍କ ନିମନ୍ତ୍ରଣକ୍ରମେ ଜେନେରାଲ ସେଠ୍ ରବିବାରଠାରୁ ୪ ଦିନିଆ ନେପାଳ ଗସ୍ତରେ ଅଛନ୍ତି। ଉଲ୍ଲେଖଯୋଗ୍ୟ, ଉଭୟ ନେପାଳ ଓ ଭାରତ ପରସ୍ପରର ସେନାମୁଖ୍ୟଙ୍କୁ ସେନାମୁଖ୍ୟ ସମ୍ମାନ ପ୍ରଦାନ ପରମ୍ପରା ୧୯୫୦ ମସିହାରୁ ଚାଲି ଆସିଛି।

### ସ୍ଥାୟୀ ଡିଜିପି: ସୁପ୍ରିମକୋର୍ଟରେ ରାୟ ଆଜି !

ନୂଆଦିଲ୍ଲୀ, ୧୭ ।୮ : ଓଡ଼ିଶାର ସ୍ଥାୟୀ ଡିଜିପି ଚୟନ ପ୍ରକ୍ରିୟା ଏବେ ସୁପ୍ରିମକୋର୍ଟରେ ଅଟକି ରହିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୟୁପିଏସସି କମିଟି ଡିଜିପି ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖିଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପରେ ହିଁ ଚୟନ ପ୍ରକ୍ରିୟା ଆଗକୁ ବଢ଼ିବ । ମଙ୍ଗଳବାର ଆସିପାରେ ରାୟ ବୋଲି କୁହାଯାଉଛି। ଏହାପରେ ରାଜ୍ୟ ସରକାର ଜଣେ ଅଧିକାରୀଙ୍କୁ ସ୍ଥାୟୀ ଡିଜିପି ଭାବେ ନିଯୁକ୍ତି ଦେବେ । ସ୍ଥାୟୀ ଡିଜିପି ନିଯୁକ୍ତି ନେଇ ମାମଲା ସୁପ୍ରିମକୋର୍ଟରେ ରହିଥିବାରୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ଚୟନ ହୋଇପାରିନାହିଁ । ବାଧ୍ୟ ହୋଇ ରାଜ୍ୟ ସରକାର ୱାଇ.ବି. ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦେଇଛନ୍ତି ।

### ତାରାପୀଠ ଅଗ୍ନିକାଣ୍ଡ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି

କୋଲକାତା, ୧୭ ।୮ : ବୀରଭୂମ ଜିଲ୍ଲାର ତାରାପୀଠରେ ଥିବା ହୋଟେଲ 'ବିଦେଶିନୀ' ରେ ସୋମବାର ସକାଳେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ୭ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ମାମଲାରେ ପୋଲିସ ହୋଟେଲ ମାଲିକ କଲ୍ୟାଣ ପାଲଙ୍କୁ ଗିରଫ କରିଛି । ହୋଟେଲର ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୁରକ୍ଷା ମାନଦଣ୍ଡ ଏବଂ ନିୟମାବଳୀର ଅନୁପାଳନକୁ ପୋଲିସ ଯାଂଚ୍ କରୁଛି ।ସୋମବାର ଭୋର୍ ପ୍ରାୟ ୪ଟା ୩୦ ମିନିଟରେ ତାରାପୀଠ ଥାନା ନିକଟରେ ଥିବା ଏହି ହୋଟେଲରେ ନିଆଁ ଲାଗିଯାଇଥିଲା ।

## ରାମମନ୍ଦିର ଦାନ ଅର୍ଥ ହେରଫେର ମାମଲା

# ଶୀଘ୍ର ତଦନ୍ତ ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୭ ।୮ : ଅଯୋଧ୍ୟାର ରାମମନ୍ଦିରରେ ଭକ୍ତମାନଙ୍କ ଦାନ ଅର୍ଥ ହେରଫେର ଅଭିଯୋଗର ତଦନ୍ତ ଶୀଘ୍ର ଶେଷ କରି ଯୁକ୍ତିସଙ୍ଗତ ନିଷ୍କର୍ଷରେ ପହଞ୍ଚିବାକୁ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ସୋମବାର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ତଦନ୍ତର ଅଗ୍ରଗତି ସମ୍ପର୍କିତ ସ୍ଥିତି ରିପୋର୍ଟ ବନ୍ଦ ଲଫାପାରେ ଦାଖଲ କରିବାକୁ ଏସ୍‌ଆଇଟିକୁ କହିଛନ୍ତି। ତଦନ୍ତକୁ ଅଧିକ ଗୁଣାତ୍ମକ ଓ ସ୍ୱଚ୍ଛ କରିବା ପାଇଁ ବିଭିନ୍ନ ପକ୍ଷ ଦେଇଥିବା ପ୍ରସ୍ତାବଗୁଡ଼ିକୁ ନିରପେକ୍ଷ ଭାବେ ବିଚାର କରିବାକୁ ମଧ୍ୟ ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଟିର ରିପୋର୍ଟ ଯାଞ୍ଚ କରିବା ପରେ ଭକ୍ତମାନେ ମନ୍ଦିରକୁ ଦେଉଥିବା ଦାନ ପରିଚାଳନା ବ୍ୟବସ୍ଥାରେ ସଂସ୍କାର ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇପାରେ ବୋଲି କୋର୍ଟ କହିଛନ୍ତି। ଏହି ମାମଲାରେ ଏବେ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ତଦନ୍ତ କରୁଛି। ଜୁଲାଇ ୨୭ରେ ସୁପ୍ରିମ୍‌କୋର୍ଟ ଆଇଜିପି କିରଣ ଏସ୍‌ଙ୍କ ନେତୃତ୍ୱରେ ୪ ଜଣିଆ ଏସ୍‌ଆଇଟି ଗଠନ ଉପରେ ଜୋର ଦେଇଥିଲେ। ତଦନ୍ତ ଦଳରେ ଜଣେ ଫରେନ୍‌ସିକ୍ ଅଡିଟରଙ୍କୁ ମଧ୍ୟ ସାମିଲ କରିବାକୁ ଉତ୍ତରପ୍ରଦେଶ ସରକାରଙ୍କୁ କୁହାଯାଇଥିଲା। ମାମଲାରେ ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ଏବଂ ଦାନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ଖଣ୍ଡପୀଠ କହିଥିଲେ। ଏସ୍‌ଆଇଟିକୁ ଦୁଇ ସପ୍ତାହ ମଧ୍ୟରେ ସ୍ଥିତି ରିପୋର୍ଟ ଦେବାକୁ ମଧ୍ୟ କୁହାଯାଇଥିଲା। ଏହାପୂର୍ବରୁ ଜୁଲାଇ ୨୦ରେ ସୁପ୍ରିମ୍‌କୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ଅଭିଯୋଗର ତଦନ୍ତ ପାଇଁ ଏସ୍‌ଆଇଟି ଗଠନର ସମ୍ଭାବନା ସମ୍ପର୍କରେ ଜଣାଇବାକୁ କହିଥିଲେ। ଜୁଲାଇ ୧୩ରେ ଉତ୍ତରପ୍ରଦେଶ ପୁଲିସକୁ ମଧ୍ୟ ମାମଲାର ସ୍ଥିତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହ ନିରପେକ୍ଷ ଓ ସମୟବଦ୍ଧ ତଦନ୍ତ ଦାବି କରି ଦାଖଲ ହୋଇଥିବା ଆବେଦନ ଉପରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ଜାରି କରାଯାଇଥିଲା। ଦାନ ପରିଚାଳନାରେ ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିବା ପରେ ଅନେକ ଆବେଦନକାରୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆରଜେଡି ସାଂସଦ ସୁଧାକର ସିଂହ ମଧ୍ୟ ଅଛନ୍ତି। ସେମାନେ ମାମଲାରେ ସିବିଆଇ ତଦନ୍ତ ସହ ମନ୍ଦିର ଟ୍ରଷ୍ଟର ଆର୍ଥିକ କାରବାରର ଫରେନ୍‌ସିକ୍ ଅଡିଟ୍ ଦାବି କରିଛନ୍ତି।

### ନରେନ୍ଦ୍ର ସାହୁଙ୍କୁ ଅପହରଣ ପରେ ନିର୍ଯାତନା ମାମଲା

# ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ କୋର୍ଟଚାଲାଣ

ବଲାଙ୍ଗିର(ନିପ୍ର): ବଲାଙ୍ଗିରର ବିଶିଷ୍ଟ ବ୍ୟବସାୟୀ ଗୁଣ୍ଡା ଓରଫ୍ ନରେନ୍ଦ୍ର ସାହୁ (୬୨)ଙ୍କୁ ଅପହରଣ, ବନ୍ଦୀ କରି ରଖିବା, ମାଡ଼ ମାରିବା, ମୁକ୍ତିପଣ ଦାବି କରିବା ଏବଂ ଅପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିବା ଘଟଣାରେ ପୁଇଁତଲା ପୋଲିସ ଏକ ମାମଲା (ପୁଇଁତଲା ଥାନା ମାମଲା ନଂ ୨୨୧/୨୦୨୬) ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ୧୪.୦୮.୨୦୨୬ ତାରିଖରେ, ଏକ ପୂର୍ବ-ପରିକଳ୍ପିତ ଷଡ଼ଯନ୍ତ୍ର ଅନୁଯାୟୀ ପୀଡ଼ିତଙ୍କୁ ବଲାଙ୍ଗୀରର ରଣ୍ଡା ଛକକୁ ଡକାଯାଇଥିଲା ଏବଂ କ୍ଷିତିଶ ଚନ୍ଦ୍ର ସାହୁ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଜବରଦସ୍ତ ଅପହରଣ କରିନେଇଥିଲେ। ତାଙ୍କୁ ଭୁବନେଶ୍ୱର ନିଆଯାଇ ବନ୍ଧୁକ ମୁନରେ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା ଏବଂ ୧୦ କୋଟି ଟଙ୍କାର ମୁକ୍ତିପଣ ଦାବି କରାଯାଇଥିଲା। ଏହା ପରେ ପୀଡ଼ିତଙ୍କୁ ଭୁବନେଶ୍ୱରର ସନରାଇଜ୍ ଲଜ୍‌ରେ ବନ୍ଦୀକରି ରଖାଯାଇଥିଲା। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିବା ସହ ଜବରଦସ୍ତ ଏପରି ଫଟୋ ଓ ଭିଡିଓ ରେକର୍ଡ କରିଥିଲେ ଯେଉଁଥିରେ ସେ ଏକ ପିସ୍ତଲ ଧରି ଥିବାର ଦେଖାଯାଉଥିଲେ; ଏହାର ଉଦ୍ଦେଶ୍ୟ ଥିଲା ମିଥ୍ୟା ପ୍ରମାଣ ସୃଷ୍ଟି କରି ତାଙ୍କୁ ଅସ୍ତ୍ରଶସ୍ତ୍ର ଆଇନ୍ ସମ୍ବନ୍ଧୀୟ ଏକ ମିଥ୍ୟା ମାମଲାରେ ଫସାଇବା। ତତ୍ପରେ, ପୀଡ଼ିତଙ୍କୁ ଖଣ୍ଡଗିରି ଥାନାକୁ ନିଆଯାଇଥିଲା। ସେଠାରେ ସଞ୍ଜୟ କୁମାର ଜେନା ନାମକ ଜଣେ ଗଣମାଧ୍ୟମ ବ୍ୟକ୍ତି ନିଜକୁ ପୋଲିସ ଏସ୍.ଆଇ. ଭାବେ ପରିଚୟ ଦେଇ ପୀଡ଼ିତଙ୍କୁ ଭୟଭୀତ କରିଥିଲେ ଏବଂ ୫୦ ଲକ୍ଷ ଟଙ୍କା ପ୍ରଦାନ/ମୀମାଂସା ସମ୍ବନ୍ଧୀୟ ଏକ ଲିଖିତ ପ୍ରତିଶ୍ରୁତିନାମା ହାସଲ କରିଥିଲେ। ଖଣ୍ଡଗିରି ଥାନାରେ ଏସ୍.ଆଇ. ସ୍ନେହ ମଞ୍ଜରୀ ସାହୁ ଉପସ୍ଥିତ ଥିଲେ ଏବଂ କ୍ଷିତିଶ ସାହୁ ଓ ସଞ୍ଜୟ ଜେନାଙ୍କ ସହ କ୍ରମାଗତ ଭାବେ ଯୋଗାଯୋଗରେ ଥିଲେ। ତଦନ୍ତରୁ ପ୍ରାଥମିକ ଭାବେ ଜଣାପଡ଼ିଛି ଯେ, ପୀଡ଼ିତଙ୍କୁ ଧମକାଇବା, ମିଥ୍ୟା ମାମଲାରେ ଫସାଇବା ଏବଂ ଟଙ୍କା ଆଦାୟ କରିବା ପୀଡ଼ିତ ବ୍ୟକ୍ତି ନିଖୋଜ ହେବା ସମ୍ପର୍କରେ ସୂଚନା ପାଇବା ମାତ୍ରେ ବଲାଙ୍ଗୀର ପୋଲିସ ତଦନ୍ତ ଆରମ୍ଭ କରିଥିଲା, ଯେଉଁଥିରେ ସିସିଟିଭି ଯାଞ୍ଚ ଏବଂ ବୈଷୟିକ ନଜରଦାରି ଅନ୍ତର୍ଭୁକ୍ତ ଥିଲା। ୧୫.୦୮.୨୦୨୬ ରିଖରେ ଖଣ୍ଡଗିରି ଥାନା ଅଞ୍ଚଳରୁ ପୀଡ଼ିତଙ୍କୁ ଠାବ କରାଯାଇ ଉଦ୍ଧାର କରାଯାଇଥିଲା। ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତଙ୍କ ଡାକ୍ତରୀ ପରୀକ୍ଷା ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ୧୬ଟି ଆଘାତ ଚିହ୍ନ ଥିବା ଜଣାପଡ଼ିଥିଲା। ତଦନ୍ତ ସମୟରେ ପୋଲିସ ବର୍ତ୍ତମାନ ସୁଦ୍ଧା କ୍ଷିତିଶ ଚନ୍ଦ୍ର ସାହୁ (ଓରଫ ବୁଲୁ), ସଞ୍ଜିତ ବେହେରା, ସଞ୍ଜୟ କୁମାର ଜେନା ଏବଂ ଏସଆଇ ସ୍ନେହ ମଞ୍ଜରୀ ସାହୁଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ ସହ ଛଅ ରାଉଣ୍ଡ ଜୀବନ୍ତ ଗୁଳି, ପୀଡ଼ିତଙ୍କ ଜିମ୍ନି ଗାଡ଼ି, ଅପହରଣରେ ବ୍ୟବହୃତ ହୋଇଥିବା ଅଭିଯୁକ୍ତଙ୍କ ଏମଜି ହେକ୍ଟର ଗାଡ଼ି ଏବଂ ସମସ୍ତ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗୁଣ୍ଡା ସାହୁଙ୍କୁ ଅସ୍ତ୍ରଶସ୍ତ୍ର ଆଇନ ସମ୍ବନ୍ଧୀୟ ଏକ ମିଥ୍ୟା ମାମଲାରେ ଫସାଇବା ଉଦ୍ଦେଶ୍ୟରେ ଲେଖାଯାଇଥିବା ଏକ ମିଥ୍ୟା ଏଫଆଇଆର୍ ମଧ୍ୟ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଜେନାଙ୍କ ମୋବାଇଲ୍ ଫୋନରୁ ଉଦ୍ଧାର କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଓ ଗିରଫ କରିବା ଏବଂ ଷଡ଼ଯନ୍ତ୍ର, ଅପହରଣ, ମାରପିଟ୍, ମିଥ୍ୟା ମାମଲାରେ ଫସାଇବା ଓ ଦାଦାବଟି ଆଦାୟ ସମ୍ବନ୍ଧୀୟ ଅଧିକ ପ୍ରମାଣ ସଂଗ୍ରହ କରିବା ପାଇଁ ତଦନ୍ତ ଜାରି ରହିଛି। ପୁଇଁତଲା ଥାନାରେ ମାମଲା ନଂ ୨୨୧, ତାରିଖ ୧୬.୦୮.୨୦୨୬ (ଧାରା ୧୪୦(୨)/୧୪୦(୩)/୧୦୯(୧)/୬୧(୨)/୩୧୦(୨)/୨୪୮/୩(୫) ବିଏନଏସ ଏବଂ ଧାରା ୨୫(୧)(ଏ)/୨୭(୧) ଅସ୍ତ୍ରଶସ୍ତ୍ର ଆଇନ୍)। ରେ ମୋକଦ୍ଦମା ରୁଜୁ କରାଯାଇ ଆଜି ପୋଲିସ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



## ଯୁବତୀଙ୍କୁ ଅସଦାଚରଣ ଓ ଦୋକାନ ଉପରେ ଆକ୍ରମଣ

ପିପିଲି(ନିପ୍ର): ସୋମବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ରଥପୁରୁଷୋତ୍ତମପୁର ପଞ୍ଚାୟତ ନୂଆହାଟ ଛକଠାରେ ଦୋକାନରେ କାମ ସାରି ଘରକୁ ଫେରୁଥିବା ଜଣେ ଯୁବତୀଙ୍କୁ ଏକ ତରଫା ପ୍ରେମକୁ କେନ୍ଦ୍ରକରି ଜଣେ ଯୁବକ ଅସଦାଚରଣ କରିବା ସହ ଯୁବତୀ କାମ କରୁଥିବା ଦୋକାନୀକୁ ଆକ୍ରମଣ ହୋଇଛି। ଏନେଇ ଯୁବତୀଙ୍କ ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ୨୪ବର୍ଷୀୟା ଯୁବତୀ ଝାଗେଡା ସାହି ମୁଣ୍ଡରେ ଥିବା ଏକ ଦୋକାନରେ କାମ କରନ୍ତି। ସୋମବାର ମଧ୍ୟାହ୍ନ ସମୟରେ ଯୁବତୀ ଜଣଙ୍କ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ନୂଆହାଟ ସେଠୀ ସାହିର ଜଣେ ବିବାହିତ ଯୁବକ ଯୁବତୀଙ୍କ ବାଟ ଓଗାଳି ତାଙ୍କୁ ଫୋନ ନମ୍ବର ମାଗିଥିଲା। ଯୁବତୀ ଜଣଙ୍କ କଣ ପାଇଁ ଫୋନ ନମ୍ବର ଦେବି ବୋଲି ପଚାରିବାରୁ ତତେ ଗୋଟେ ବଡ଼ ମୋବାଇଲ ଫୋନ ଦେବି ଆମେ କଥା ହେବା ବୋଲି କହିଥିଲା । ଯୁବତୀ ଜଣଙ୍କ ପ୍ରତିବାଦ କରିବା ସହ ସେଠାରୁ ଚାଲିଯିବାକୁ ବସିଥିବା ବେଳେ ଯୁବକ ଜଣଙ୍କ ହଠାତ୍ ତାଙ୍କୁ ଅସଦାଚରଣ କରିଥିଲା। ଯୁବତୀ ଜଣଙ୍କ ସେଠାରୁ କୌଣସି ମତେ ଖସି ଆସି କାମ କରୁଥିବା ଦୋକାନୀଙ୍କୁ ସମସ୍ତ କଥା କାନ୍ଦି କାନ୍ଦି କହିଥିଲେ। ଫଳରେ ଦୋକାନୀ ଜଣଙ୍କ ଯୁବତୀଙ୍କୁ ସାଥିରେ ଧରି ଯୁବକଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଓ ଗ୍ରାମ ମୁଖିଆଙ୍କ ନିକଟରେ ଜଣାଇଥିଲେ। କିଛି ସମୟ ପରେ ଦୋକାନୀ ଜଣଙ୍କ ଦୋକାନରେ କାମ କରୁଥିବା ବେଳେ ଯୁବକ ଜଣଙ୍କ ସେଠାରେ ପହଞ୍ଚି କଣ ପାଇଁ ଆମ ଘରକୁ ଯାଇଥିଲୁ ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଦୋକାନୀଙ୍କୁ ଯୁବକ କବଳରୁ ଉଦ୍ଧାର କରିଥିଲେ। ଯୁବକ ଜଣଙ୍କ ଘରକୁ ଗଲା ବେଳେ ଉଭୟଙ୍କୁ ଦେଖିନେବ ବୋଲି ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

## ହତ୍ୟା ଅଭିଯୋଗରେ ଯୁବକ ଗିରଫ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ହେହୁରିପଡାର ସୁଜାତା ଭେଙ୍ଗରା ନାମ୍ନୀ ଯୁବତୀଙ୍କୁ ତାଙ୍କ ସହିତ ବିବାହ ଠିକ ହୋଇଥିବା ଜଣେ ଯୁବକ ହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଥାନା ବୁଣ୍ଡକାମାଲ ଗ୍ରାମର ଅନୁଜ ଲୁଗୁନ। ମୃତ ଯୁବତୀଙ୍କ ମା' ଲିଲିମା ଭେଙ୍ଗରାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଧାରା ୧୦୩(୧)ବିଏନଏସ (ନଂ.୧୨୪/୨୬)ରେ ମାମଲା ରୁଜୁ କରି ଅନୁଜ ଲୁଗୁନ(୩୪)ଙ୍କୁ ଗିରଫ କରି ସୋମବାର କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ତାଙ୍କ ଝିଅ ସୁଜାତା ଭେଙ୍ଗରା ବିବାହ ନିର୍ଦ୍ଧାରିତ ଯୁବକ ଅନୁଜ ଲୁଗୁନଙ୍କ ସହ ଚାଲି ଚାଲି ତାଙ୍କ ବଣ୍ଡକାମାଲ ଘରକୁ ଯାଇଥିଲେ। ରବିବାର ଅପରାହ୍ନ ପ୍ରାୟ ୨ଟା ୩୦ ସମୟରେ ଅନୁଜ ଲୁଗୁନ ତାଙ୍କୁ ଫୋନ୍ କରି ସୁଜାତାଙ୍କ ମୃତ୍ୟୁ ସମ୍ପର୍କରେ ଜଣାଇଥିଲେ। ଲିଲିମା ଅଭିଯୋଗକାରୀ ଲିଲିମା ଝିଅର ମୃତ୍ୟୁ ଖବର ପାଇ ତୁରନ୍ତ ଘଟଣାସ୍ଥଳକୁ ଯାଇ ସୁଜାତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତର ଚିହ୍ନ ଦେଖିଥିଲେ। ଏହାପରେ ସେ ଝିଅର ମୃତ୍ୟୁ ଘଟଣାରେ ଅନୁଜ ଲୁଗୁନଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ଆଧାରରେ ମାମଲା ରୁଜୁକରି ଆଇଆଇସି ପଦ୍ମାଳୟା ସାହୁ ଗଡପୋଷ ଫାଣ୍ଡି ଅଧିକାରୀ ଏସଆଇ ଫିରୋଜ ଏକ୍କା ତଦନ୍ତ କରିଥିଲେ। ଝାରସୁଗୁଡ଼ାରୁ ସାଇଣ୍ଟିଫିକ ଟିମ୍ ଆସି ଯାଞ୍ଚପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଉପଖଣ୍ଡ ମେଡ଼ିକାଲକୁ ପଠାଇଥିଲା।




## ହୃଦ୍‌ଘାତରେ କାଉଡ଼ିଆଙ୍କ ମୃତ୍ୟୁ

ଆସିକା(ନିପ୍ର): ଗଂଜାମ ଜିଲ୍ଲା କବିସୂର୍ଯ୍ୟନଗର ତହସିଲ ଅଧୀନ ଯୁମୁନାଗିରି ପାହାଡ ଉପରେ ଥିବା ଶ୍ରାବଣ ସୋମବାରରେ ପ୍ରସିଦ୍ଧ ଶୈବପୀଠ ସିଦ୍ଧେଶ୍ୱର ମନ୍ଦିରରେ ଜଳାଭିଷେକ କରି ତଳକୁ ଫେରିଲାବେଳେ ଅଧା ପାହାଚରେ ହୃଦଘାତରେ ଜଣେ ବୋଲବମ୍ ଭକ୍ତଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଡୋଡିଙ୍ଗିଆ ପଞ୍ଚାୟତର ସ୍ୱର୍ଗତ କିଶୋର ବିନ୍ଧାଣିଙ୍କ ୩୫ ବର୍ଷିୟ ପୁଅ ଲିଟୁ ବିନ୍ଧାଣୀ । ସେ ଓ ତାଙ୍କର କେତେ ଜଣ ସହଯୋଗୀ ମିଶି ବୋଲବମ ଆସିଥିଲେ । ଯୁମୁନାଗିରି ପାହାଡ ଉପରେ ଥିବା ପ୍ରସିଦ୍ଧ ଶୈବପୀଠ ସିଦ୍ଧେଶ୍ୱର ମନ୍ଦିରକୁ ଜଳାଭିଷେକ କରିବାକୁ ଯାଇଥିଲେ । ୧୨ଶହ ପାହାଚ ଅତିକ୍ରମ କରି ମୁଖ୍ୟ ପୀଠରେ ପହଞ୍ଚି ଜଳାଭିଷେକ କରି ତଳକୁ ଖସିବା ସମୟରେ ଅଧା ପାହାଚରେ ଲିଟୁ ହୃଦଘାତର ଶିକାର ହୋଇ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ସେଠାରୁ ଆମ୍ବୁଲାନ୍ସ ସହାୟତାରେ ତାଙ୍କ ସହଯୋଗୀ ମାନେ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଘଟଣା ସମ୍ପର୍କରେ ଲିଟୁ ବିନ୍ଧାଣୀଙ୍କ ଭାଇ ସଂନ୍ଦୀପ ବିନ୍ଧାଣି ଆସିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସ ୨୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

## ଘରୁ ଲକ୍ଷାଧିକ ଟଙ୍କା ଚୋରି, ସ୍ୱାମୀ-ସ୍ତ୍ରୀ ଗିରଫ

ଭୁବନେଶ୍ୱର(ନି.ପ୍ର) : ମାଲିକଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ରଦୀପ ନାଥ ଓରଫ କିଶୁ ଓ ପତ୍ନୀ ଚନ୍ଦ୍ରଶିଖା ନାଥ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ରୋଜାଲିନ୍ ମିଶ୍ର ଏବଂ ତାଙ୍କ ସ୍ୱାମୀ କର୍ମଜୀବୀ ହୋଇଥିବାରୁ ଘରେ ତାଙ୍କର ବୃଦ୍ଧା ଶାଶୁ ଦିନବେଳା ଏକୁଟିଆ ରହୁଥିଲେ। ଗତ ୨୦୨୫ ମସିହା ଜାନୁଆରୀ ମାସରୁ ଅଭିଯୁକ୍ତ ପ୍ରଦୀପ ଏବଂ ତାଙ୍କ ସ୍ତ୍ରୀ ଚନ୍ଦ୍ରଶିଖା, ସେମାନଙ୍କ ଘରେ ଘରୋଇ ସହାୟକ ଭାବେ କାମ କରୁଥିଲେ। ଏହାର ସୁଯୋଗ ନେଇ ସେମାନେ ଘରୁ ପ୍ରାୟ ୧,୫୦,୦୦୦/-ଟଙ୍କା ନଗଦ ଏବଂ ୪ରୁ ୫ଭରି ସୁନା ଅଳଙ୍କାର ଚୋରି କରିଥିଲେ। ଏଥିସହ ବୃଦ୍ଧାଙ୍କ ପେନସନ୍ ଆକାଉଣ୍ଟର ଏସବିଆଇ ଏଟିଏମ୍ କାର୍ଡକୁ ଚୋରି କରି ଆଇଆରସି ଭିଲେଜ, ବଡ଼ଚଣା ଏବଂ ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ୩ରୁ ୪ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଗତ ୧୩.୦୬.୨୦୨୬ ତାରିଖରେ ନିଜ ଗାଁକୁ ଯାଉଛି କହି ଅଭିଯୁକ୍ତ ମହିଳା ଜଣକ ସେଠାରୁ ଫେରାର ହୋଇଯାଇଥିଲେ। ପରେ ବ୍ୟାଙ୍କ ପାସବୁକ୍ ଅପଡେଟ୍ କଲା ପରେ ପରିବାର ଲୋକେ ଏହି ବଡ଼ ଧରଣର ଠକେଇ ଓ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ନୟାପଲ୍ଲୀ ପୋଲିସ ଯାଜପୁର ଜିଲ୍ଲା ବଡ଼ଚଣା ପୋଲିସ ସହାୟତାରେ ଅଭିଯୁକ୍ତଙ୍କ ଗାଁରେ ଚଢ଼ାଉ କରି ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ କାବୁ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ଅଭିଯୋଗକାରିଣୀଙ୍କ ପରିବାରର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କାର୍ଡ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଉଭୟଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଯୁବକଙ୍କୁ ଅପହରଣ ଓ ହତ୍ୟା ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ଯୁବକଙ୍କୁ ଅପହରଣ ଓ ଆକ୍ରମଣ ଘଟଣାରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶେଖ ଇଲାଇସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୫.୦୭.୨୦୨୬ ତାରିଖ ରାତି ପ୍ରାୟ ୧୧.୦୦ ଟା ସମୟରେ ଅଭିଯୋଗକାରୀ ସୟଦ ଅନସାର ଅଲ୍ଲୀଙ୍କ ଭାଇ ଫାରୁକ୍ ଏକ ସ୍କୁଟିରେ ଡୁମଡୁମା ହାଉସିଂ ବୋର୍ଡ ମାର୍କେଟରୁ ନିଜ ଘରକୁ ଫେରୁଥିଲେ। ବାଟରେ ଏକ ଅଜଣା କାର୍ ତାଙ୍କୁ ପଛପଟୁ ଧକ୍କା ଦେଇ ତଳେ ପକାଇଦେଇଥିଲା। ଏହାପରେ କାର୍ ଭିତରୁ ହାଫିଜ୍ ଖାନ୍, ରାଜା ଖାନ୍, ଦୀପକ, ସଲିମ୍, ଅସଲମ୍ ଖାନ୍ ଏବଂ ଅନ୍ୟ ୩ରୁ ୪ ଜଣ ଦୁର୍ବୃତ୍ତ ବାହାରି ଫାରୁକଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ସେମାନେ ଫାରୁକଙ୍କୁ ଜୋରଜବରଦସ୍ତ କାରରେ ବସାଇ ପିପିଲି ଆଡ଼କୁ ଅପହରଣ କରି ନେଇଯାଇଥିଲେ। ଖବରପାଇ ଖଣ୍ଡଗିରି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ପିପିଲି ଅଞ୍ଚଳରେ ଚଢ଼ାଉ କରି ଗୁରୁତର ଅବସ୍ଥାରେ ଫାରୁକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ବାଇକ ଚୋର ରାକେଟ ଠାବ, ୩ ଗିରଫ

ଭୁବନେଶ୍ୱର(ନି.ପ୍ର) : ରାଜଧାନୀ ଓ ଉପକଣ୍ଠ ଅଂଚଳରେ ବାଇକ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ତମାଣ୍ଡୋ ଥାନା ପୁଲିସ ଠାବ କରିଛି। ଗ୍ୟାଙ୍ଗର ୩ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ରାକେଶ ରାଉତରାୟ, ଅବିନାଶ ଦଳାଇ ଓ ଗୌତମ ପ୍ରଧାନ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୫.୦୮.୨୦୨୬ ତାରିଖ ରାତି ପ୍ରାୟ ୧୦.୦୦ ଟାରେ ଅଭିଯୋଗକାରୀ ବାବୁଲ ମଲ୍ଲ ଏବଂ ତାଙ୍କ ସାଙ୍ଗଙ୍କ ଭାଇ ନାରଗୋଦା ସ୍ଥିତ ନିଜ ଘର ଆଗରେ ଗୋଟିଏ ରୟାଲ୍ ଏନଫିଲ୍ଡ ବୁଲେଟ୍ ଓ ଗୋଟିଏ ପଲସର ୨୨୦ବାଇକ୍ ପାର୍କିଂ କରି ଶୋଇବାକୁ ଯାଇଥିଲେ। ପରଦିନ ସକାଳ ୬.୦୦ ଟାରେ ଉଠି ଦେଖିଲା ବେଳକୁ ଉଭୟ ଗାଡ଼ି ଚୋରି ହୋଇଯାଇଥିଲା। ସିସିଟିଭି ଫୁଟେଜ୍ ଏବଂ ବିଶ୍ୱସ୍ତ ସୂଚନା ଆଧାରରେ ତମାଣ୍ଡୋ ପୋଲିସ ଏକ ସଂଘବଦ୍ଧ ବାଇକ୍ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି। ପୋଲିସ ସୁବୁଦ୍ଧିପୁର ଅଞ୍ଚଳରେ ଚଢ଼ାଉ କରି ତିନି ଜଣ ପେସାଦାର ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି।

## ପୂର୍ବତନ ସମିତିସଭ୍ୟଙ୍କୁ ଆକ୍ରମଣ ଘଟଣାରେ ୯ ଜଣଙ୍କୁ କୋର୍ଟ ଚାଲାଣ

ଭାପୁର(ନିପ୍ର): ଚଳିତ ମାସ ୪ ତାରିଖ ମଙ୍ଗଳବାର ଅପରାହ୍ନ ସମୟରେ ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଭୀମସେନ ସାମଲଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ୧୪ ଦିନ ପରେ ଫତେଗଡ଼ ପୋଲିସ ଅପରାଧୀ ନିକଟରେ ପହଞ୍ଚି ୯ ଜଣଙ୍କୁ କୋର୍ଟ ଚାଲାଣ କରି ଜେଲ ହାଜତକୁ ପଠାଇଛି। ଘଟଣାରୁ ପ୍ରକାଶ, ଶ୍ରୀ ସାମଲ ନିଜ ଗ୍ରାମରୁ ବାଇକ ଯୋଗେ ଭାପୁର ଆସୁଥିବା ବେଳେ ରାକମା ଗ୍ରାମର ମହାଦେବଙ୍କ ପୋଖରୀ ରାସ୍ତାରେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମୁଖାବାନ୍ଧି ବୁଲେଟ ମଟର ସାଇକେଲରେ ଆସି ସାମଲଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ଶ୍ରୀ ସାମଲ ହାତ ଦେଖେଇ ଦେବାରୁ ଖଣ୍ଡା ଚୋଟ ହାତରେ ବାଜିବାରୁ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ଫତେଗଡ଼ ପୋଲିସ ଗୁରୁତର ସହ ବିଚାରକୁ ନେଇ ମାମଲା ନଂ ୨୬୪/୨୬ରେ ସିସି କ୍ୟାମେରା ଫୁଟେଜ ତଥା ଅନ୍ୟାନ୍ୟ ଦିଗ ତଥା ତଦନ୍ତକୁ ନେଇ ସଫଳତା ପାଇଛି। ଫତେଗଡ଼ ଥାନା ଅଞ୍ଚଳ ପାର୍ବତୀପୁର ଗ୍ରାମର ନିରଞ୍ଜନ ବେହେରା(ସୁବାସ), ଏଲୋପଡା ଗ୍ରାମର ଶାନ୍ତନୁ ବଳବନ୍ତରାୟ (ଅନୁଜ), ଜିତୁ ନାୟକ, କଳଟାଙ୍ଗୀ ଗ୍ରାମର ପ୍ରଫୁଲ୍ଲ ଜାଲ, ରଣପୁର ବ୍ଲକ ଡିହଗାଁ ଗ୍ରାମର ଆକାଶ ସାମନ୍ତରାୟ, ବାଙ୍କୀ ଥାନା ବାଉଁଶପୁଟ ଗ୍ରାମର ପିଣ୍ଟୁ ସେନାପତି ଗତ ୧୬ ତାରିଖରେ କୋର୍ଟ ଚାଲାଣ ହୋଇଥିବାବେଳେ ୧୪ ତାରିଖରେ କଳଟାଙ୍ଗୀ ଗ୍ରାମର ବିକାଶ ମୁକୁଟ, ମହୁଲବେରେଣା ଗ୍ରାମର ଆଲୋକ ନାୟକ ଏବଂ ଭୋଗଡା ଗ୍ରାମର ପ୍ରଦୀପ ରାଉତ କୋର୍ଟ ଚାଲାଣ ହୋଇଥିବା ନେଇ ଥାନା ଅଧିକାରୀ ଅଜୟ ସାହୁ ପ୍ରକାଶ କରିଛନ୍ତି।

## ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା କ୍ୟାମ୍ପ ଉପରେ ବୋମାମାଡ଼, ୫ ଅଫୁଟା ବୋମା ଜବତ

ବାଙ୍କୀ(ନିପ୍ର): ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାର କ୍ୟାମ୍ପ ଉପରେ ବୋମାମାଡ଼ ହୋଇଥିବା ଖବର ମିଳିଛି। ବାଙ୍କୀ ଥାନା ଅନ୍ତର୍ଗତ କନ୍ତପହଁରା ଗ୍ରାମ ନିକଟ ପଡ଼ିଆରେ ଥିବା ନୂଆଦିଲ୍ଲୀର ଭିଆରଏସ୍ ନାମକ ଘରୋଇ ନିର୍ମାଣକାରୀ ସଂସ୍ଥାର କ୍ୟାମ୍ପ ଉପରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୪ଟି ବୋମା ମାଡ଼କରି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଆହୁରି ୫ଟି ଅଫୁଟା ବୋମା ଜବତ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଫୁଟା ବୋମାଗୁଡ଼ିକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ଖବର ପାଇ ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର, ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ସମ୍ବିତ୍ କୁମାର ସ୍ୱାଇଁଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ତେବେ ବୋମା ମାଡ଼ରେ କମ୍ପାନୀ କିମ୍ବା ସୁରକ୍ଷାକର୍ମୀଙ୍କ କୌଣସି ବଡ଼ କ୍ଷତି ହୋଇନଥିବା ଜଣାପଡ଼ିଛି। କିନ୍ତୁ ଘଟଣା ପରେ କ୍ୟାମ୍ପରେ କାର୍ଯ୍ୟରତ କର୍ମଚାରୀ ମାନେ ଭୟଭୀତ ହୋଇ ପଡ଼ିଛନ୍ତି। ସୁରକ୍ଷା କର୍ମୀଙ୍କ ପକ୍ଷରୁ ସୁବର୍ଣ୍ଣପୁର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହ ଘଟଣାସ୍ଥଳ ଉପରେ ନଜର ରଖିଛି। ଦାଦାବଟି ଆଦାୟ ଉଦ୍ଦେଶ୍ୟରେ ଏହି ବୋମାମାଡ଼ ହୋଇଥାଇପାରେ ବୋଲି ପ୍ରାଥମିକ ଭାବେ ଆଶଙ୍କା କରାଯାଉଛି। ତେବେ ଘଟଣାର ପ୍ରକୃତ କାରଣ ଓ ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

## ଗୁହିରାଘାଟ ଗୁଳିକାଣ୍ଡରେ ସମ୍ପୃକ୍ତ ଆଉ ତିନି ଜଣଙ୍କୁ ବାନ୍ଧିଲା ପୁଲିସ

ତରଭା(ନିପ୍ର): ରବିବାର ସନ୍ଧ୍ୟାରେ ତରଭା ଥାନା ଅନ୍ତର୍ଗତ ଗୁହିରାଘାଟରେ ସଂଗଠିତ ଗୁଳିକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ତରଭା ପୁଲିସ ଆଉ ୩ଜଣଙ୍କୁ ବାନ୍ଧିଛି। ଗତକାଲି ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ତରଭା ତଅଁଳାପଡାର ଦବିସେନ ନାଏକ (୨୩)କୁ ପୁଲିସ ଅଟକ ରଖି ପଚରା ଉଚରା କରିଥିଲା। ସୋମବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉକରି କଣ୍ଟାମାଲ ଥାନା ଅନ୍ତର୍ଗତ ବଡଛପାପାଲିର ସାନନ୍ଦ ସାହୁ (୨୨),ତରଭା ବ୍ଲକପଡାର ସାଗର ମହାନନ୍ଦ(୨୩),ସିଂହାରି ପଞ୍ଚାୟତ ଅନ୍ତର୍ଗତ ଟିଠେଇପାଲିର ଦୀପକ ଷାଣ୍ଢ(୨୦)କୁ ଗିରଫ କରିଛି। ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ତରଭା ଥାନା ଅନ୍ତର୍ଗତ ବନ୍ଧପାଲିର ହରି ବଗର୍ତ୍ତୀ ଓ ଅନ୍ୟ ମାନେ ଫେରାର ହୋଇଯାଇଥିବା ତରଭା ଆଇଆଇସି ଡୋଳାମଣି ନାଏକ କହିଛନ୍ତି। ଗୁହିରାଘାଟରେ ହରି ବଗର୍ତ୍ତୀ ଗୁଳି ଚଳାଇଥିବା କୁହାଯାଇଛି। ଘଟଣାରେ ବ୍ୟବହୃତ ଗୋଟିଏ ସ୍କୁଟି ନମ୍ବର ଓଡି ୨୭ ଡି ୨୯୨୩ କୁ ପୁଲିସ ଜବତ କରିଛି। ସୂଚନା ଯୋଗ୍ୟଯେ, ସୋମବାର ସନ୍ଧ୍ୟାରେ ୩ଟି ମୋଟର ସାଇକେଲରେ ୯ ଜଣ ଯୁବକ କଣ୍ଟାମାଲ ଥାନା ଅନ୍ତର୍ଗତ ଟିକିରାପଡାର ଶୁଭମ ସାହୁ (୨୨)ଙ୍କୁ ଗୁଞ୍ଜିମୁଣ୍ଡାରୁ ଦୌଡାଇବାରୁ ଶୁଭମ ଗୁହିରାଘାଟର ପୂର୍ଣ୍ଣନନ୍ଦ ସାହୁଙ୍କ ପାନ ଦୋକାନକୁ ପଶି ଯାଇଥିଲା। ଗୋଡାଉ ଥିବା ଯୁବକମାନେ ମଧ୍ୟ ପାନ ଦୋକାନକୁ ପଶି ଆସିବାରୁ ଗାଁ ଲୋକେ ଘଟଣା ବିଷୟରେ ଜାଣିବାକୁ ଆସିବାରୁ ହରି ବଗର୍ତ୍ତୀ ୭ ଏମଏମ ପିସ୍ତଲରୁ ୩ ରାଉଣ୍ଡ ଗୁଳି ଚଳାଇବାରୁ ଗ୍ରାମର ସୁରଦୀପ ସାହୁଙ୍କ ବାମପଟ ତଳି ପେଟରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ବଲାଙ୍ଗୀର ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ବର୍ତ୍ତମାନ ତାଙ୍କର ଅବସ୍ଥା ସ୍ଥିର ଥିବା ଜଣାଯାଇଛି।

## ଆଇଡି ମାର୍କେଟରେ ମାରଣାସ୍ତ୍ର ଦେଖାଇ ଲୁଟ ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ଆଇଡି ମାର୍କେଟରେ ଖଣ୍ଡା ଦେଖାଇ ଲୁଟପାଟ ଉଦ୍ୟମ କରୁଥିବା ବେଳେ ନୂଆ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରଂଜିତ ପ୍ରଧାନ ଓରଫ ରବି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗତକାଲି ତା ୧୬.୦୮.୨୦୨୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟରେ ନୟାପଲ୍ଲୀ ପୋଲିସ ଟିମ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ସୂଚନା ଦେଇଥିଲେ ଯେ, ଆଇଡି ମାର୍କେଟ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ହାତରେ ଏକ ବଡ଼ ଖଣ୍ଡା ଧରି ସାଧାରଣ ଲୋକଙ୍କୁ ଭୟଭୀତ କରୁଛନ୍ତି ଏବଂ ଡରାଇ ଧମକାଇ ଟଙ୍କା ଆଦାୟ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ଏକ ସିଲଭର ରଙ୍ଗର ଟିଭିଏସ୍ ଜୁପିଟର ସ୍କୁଟିରେ ଆସିଛନ୍ତି। ଖବରପାଇ ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସର ତ୍ୱରିତ ପଦକ୍ଷେପକୁ ଦେଖି ଦୁର୍ବୃତ୍ତମାନେ ଭୟଭୀତ ହୋଇ ସେମାନେ ଆସିଥିବା ଏକ ସିଲଭର ରଙ୍ଗର ଟିଭିଏସ୍ ଜୁପିଟର ସ୍କୁଟି ଏବଂ ଏକ ୩୨ଇଞ୍ଚ ଲମ୍ବର ଧାରୁଆ ଖଣ୍ଡାକୁ ସେଠାରେ ଛାଡ଼ି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୋଲିସ ତୁରନ୍ତ ଉକ୍ତ ମାରଣାସ୍ତ୍ରକୁ ଜବତ କରିବା ସହ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ନୟାପଲ୍ଲୀ ପୋଲିସ ଆଜି ବସ୍ତି ବିକାଶ ପରିଷଦ ନିକଟରେ ଚଢ଼ାଉ କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ରଞ୍ଜିତ ପ୍ରଧାନକୁ ଗିରଫ କରିବାରେ ସଫଳ ହୋଇଛି।

# ରାସ୍ତା ଖୋଲିବାକୁ ନେଇ ଗ୍ରାମବାସୀ ଓ ଜମି ମାଲିକଙ୍କ ମଧ୍ୟରେ ବିବାଦ



ଡାବୁଗାଁ(ନିପ୍ର): ବୋରିପଦର ଦେଇ ଯାଇଥିବା କେରଣ୍ଡି ରାସ୍ତାକୁ ଜଣେ ଜମି ମାଲିକ ଖୋଲି ଦେଇଛନ୍ତି । ଫଳରେ ଡାବୁଗାଁ ବ୍ଲକ ସହ ପାପଡ଼ାହାଣ୍ଡି ବ୍ଲକକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଡାବୁଗାଁଠାରୁ ମାତ୍ର ୩ କିମି ଦୂରରେ ଥିବା କେରଣ୍ଡି ଗ୍ରାମବାସୀଙ୍କୁ ଅଧିକ ୮ କିମି ବୁଲି ଯିବାକୁ ପଡୁଛି। ସୂଚନା ଅନୁଯାୟୀ, ଡାବୁଗାଁ ସଦର ବୋରିପଦର ଗ୍ରାମ ନିକଟରୁ କେରଣ୍ଡି ଗ୍ରାମକୁ ଦୀର୍ଘବର୍ଷ ହେଲା ରାସ୍ତା ରହିଛି। ଏହି ରାସ୍ତା ମଝିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଅଙ୍ଗି ନଦୀରେ ପୋଲ ନିର୍ମାଣ କରାଯାଇଛି। ଏହି ରାସ୍ତା ଉପରେ ପାପଡ଼ାହାଣ୍ଡି ବ୍ଲକର ହାତୀବେଡ଼ା ପଞ୍ଚାୟତ ସହ ଡାବୁଗାଁ ବ୍ଲକର ବଡ଼ଓଲମା ପଞ୍ଚାୟତବାସୀ ପ୍ରତିଦିନ ଡାବୁଗାଁକୁ ଯିବାଆସିବା କରିଥାନ୍ତି । ସ୍କୁଲ ଛାତ୍ରଛାତ୍ରୀ ସହ ସରକାରୀ କର୍ମଚାରୀ ଓ ବ୍ୟବସାୟ ଉପରେ ନିର୍ଭର କରୁଥିବା ଲୋକଙ୍କ ଏହା ପ୍ରମୁଖ ମାର୍ଗ। ତେବେ ବୋରିପଦର ଗ୍ରାମର ଜଣେ ଚାଷୀଙ୍କ ଜମିରେ ଏହି ରାସ୍ତା ନିର୍ମାଣ ହୋଇଥିବାରୁ ଚାଷୀ ଜଣଙ୍କ ବହୁବାର ରାସ୍ତାର ଗତିପଥ ବଦଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇ ନଥିଲେ। ଫଳରେ ଚାଷୀ ଜଣଙ୍କ ଅପରାହ୍ନରେ କେରଣ୍ଡି ଅଙ୍ଗି ନଦୀ ପୋଲ ନିକଟ ରାସ୍ତାକୁ ଖୋଳି ଦେଇଥିବା ଜଣାପଡ଼ିଛି । କିନ୍ତୁ ବର୍ଷ ବର୍ଷ ଧରି ଯାତାୟାତ କରୁଥିବା କେରଣ୍ଡି ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି କେରାଣ୍ଡୀ ଗ୍ରାମବାସୀ ଏବଂ ଜମି ମାଲିକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲା ଏବଂ ଡାବୁଗାଁ ପୋଲିସର ହସ୍ତକ୍ଷେପ ପରେ ଏହା ଅସ୍ଥାୟୀ ଭାବରେ କିଛି ଦିନ ପାଇଁ ସମାଧାନ ହୋଇଛି। ବର୍ତ୍ତମାନ ଏବେ ଦେଖିବାକୁ ବାକିରହିଲା ଏହି ରାସ୍ତାର ସ୍ଥାୟୀ ସମାଧାନ କେବେ ହେବ।

### ବିଧବାଙ୍କୁ ଅସଦାଚରଣ ମାମଲା

## ମାମଲା ପ୍ରତ୍ୟାହାର ପାଇଁ ଅଭିଯୁକ୍ତର ଧମକ



ପିପିଲି(ନିପ୍ର): ଅସଦାଚରଣ ମାମଲା ପ୍ରତ୍ୟାହାର ନ କଲେ ଜଣେ ବିଧବା ମହିଳାଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଜୋରଦାର ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଗତ ମାସ ୭ତାରିଖ ସନ୍ଧ୍ୟାରେ ଏହି ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ବିଧବା ମହିଳା ବଳଙ୍ଗାରୁ ଘରକୁ ଚାଲି ଚାଲି ଫେରୁଥିଲା ବେଳେ ସେହି ଗ୍ରାମର ସମ୍ପର୍କୀୟ ଦିଅର ବାଇକରେ ଲିଫ୍ଟ ଦେଇ ବାଟରେ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ମାଡ ମାରିବା ସହ ବାହାରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେବେ ମହିଳା ଜଣଙ୍କ ଘଟଣାର ପରଦିନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ କରାଯାଇ ଥିଲା। ଗତ ଶନିବାର ସନ୍ଧ୍ୟାରେ ମହିଳା ଜଣଙ୍କ ଘରକୁ ଏକୁଟିଆ ଆସୁଥିଲା ବେଳେ ଅଭିଯୁକ୍ତ ଜଣଙ୍କ ବାଇକରେ ଆସି ତାଙ୍କ ନାମରେ କୋର୍ଟରେ କରିଥିବା ମାମଲା ପ୍ରତ୍ୟାହାର କରିବାକୁ କହି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ମାମଲା ନ ଉଠାଇଲେ ଘରେ ନିଆଁ ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ମାମଲାର ୧ମାସ ବିତି ଯାଇଥିଲେ ମଧ୍ୟ ତଦନ୍ତ କାରି ଅଫିସର ପକ୍ଷରୁ ଆଜି ମହିଳାଙ୍କ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ସେପଟେ ତଦନ୍ତକାରି ଅଫିସରଙ୍କ ବୟାନ ରେକର୍ଡ ବିଳମ୍ବ ଯୋଗୁ ଅଭିଯୁକ୍ତ ସରଳତାର ସୁଯୋଗ ନେଇ ଏଭଳି ହୋଇଥିବା ସୂଚନା ମିଳିଛି ।

# ୨୨ରୁ ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ ସିଲଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍



**ଭୁବନେଶ୍ୱର,୧୭/୮(ନିପ୍ର):** ବିଶ୍ୱସ୍ତରୀୟ ଆଥଲେଟ୍‌ଙ୍କ ଉପସ୍ଥିତିରେ ଚଳଚଞ୍ଚଳ ହେବ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍। ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ ଇଣ୍ଡିଆନ୍ ଓପନ୍ ୱାର୍ଲ୍ଡ ଆଥଲେଟିକ୍ସ ସିଲଭର ଲେଭଲ୍ କଣ୍ଟିନେଣ୍ଟାଲ୍ ଟୁର୍ ୨୦୨୬। ଗତବର୍ଷ କାଂସ୍ୟ ପଦକ ପାଇଁ ଏହା ଖେଳା ଯାଇଥିବା ବେଳେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଏହା ରୌପ୍ୟ ପଦକ ପାଇଁ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ମେଗା କ୍ରୀଡ଼ା ଇଭେଣ୍ଟରେ ୨୮ଟି ଦେଶରୁ ମୋଟ ୧୮୮ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ଏଥିରେ ଭାରତର ୮୮ ଜଣ ପ୍ରତିଯୋଗୀ ସାମିଲ ହେବେ। ମହିଳା ଓ ପୁରୁଷ ବର୍ଗରେ ମୋଟ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ।ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ଶ୍ରୀଶଙ୍କର, ଏସୀୟ ସଟ୍‌ପୁଟ୍ ଚାମ୍ପିଅନ୍ ରୋହିତ ଯାଦବ ଏବଂ ଓଡ଼ିଆ ଧାବକ ଅନିମେଷ କୁଜୁର୍ଙ୍କ ଉପରେ ବିଶେଷ ନଜର ରହିବ। ଅନ୍ତର୍ଜାତୀୟ ମଞ୍ଚରେ ନିଜର ପରିଚୟ ସୃଷ୍ଟି କରିଥିବା ବ୍ରାଜିଲ୍ ଓ ନାଇଜେରିଆ ସମେତ ବିଭିନ୍ନ ଦେଶର ଆଥଲେଟ୍‌ଙ୍କ ଅଂଶଗ୍ରହଣ ପ୍ରତିଯୋଗିତାକୁ ଆହୁରି ରୋମାଞ୍ଚକର କରିବ।୪୦୦ ମିଟର ଦୌଡ଼, ସଟ୍‌ପୁଟ୍, ଡିସ୍କସ୍, ଜାଭେଲିନ୍ ଥ୍ରୋ ଏବଂ ହର୍ଡଲ୍ସ ଭଳି ଇଭେଣ୍ଟରେ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ବିଶେଷକରି ଭାରତୀୟ ଓ ଓଡ଼ିଆ ଆଥଲେଟ୍‌ମାନେ ଘରୋଇ ପରିବେଶର ଫାଇଦା ନେଇ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି। ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଆଥଲେଟ୍ ମାନଙ୍କ ପାଇଁ ଆର୍ଥିକ ପୁରସ୍କାର ମଧ୍ୟ ରହିଛି। ପ୍ରଥମ ସ୍ଥାନ ଅଧିକାରୀଙ୍କୁ ୧୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧୨୦୦ ଡଲାର ଏବଂ ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର ପୁରସ୍କାର ଦିଆଯିବ। ସେହିପରି ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ଥିବା ଆଥଲେଟ୍‌ଙ୍କୁ ଯଥାକ୍ରମେ ୬୦୦, ୪୦୦ ଓ ୨୦୦ ଡଲାର ପ୍ରଦାନ କରାଯିବ।ଏନେଇ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ତଥା ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମୁଖପାତ୍ର ଆଦିଲି ସୁମେରୀବାଲା, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲା ଏବଂ କ୍ରୀଡ଼ା ସଚିବ ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।



ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ କସପା ପଞ୍ଚାୟତ ଓ ତରପଦା ପଞ୍ଚାୟତଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖିଲେ (ଫଟୋ-ଦିନଲିପି)

## ହାଇକୋର୍ଟରେ ବିଚାରପତି ଅଭାବ ନେଇ ବାର୍ ଆସୋସିଏସନର କ୍ଷୋଭ



**କଟକ, ୧୭/୮(ନିପ୍ର):** ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ଅଭାବକୁ ନେଇ ହାଇକୋର୍ଟ ବାର ଆସୋସିଏସନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଦୀର୍ଘଦିନ ଧରି ଅନେକ ବିଚାରପତି ପଦ ଖାଲି ପଡ଼ିଥିବାରୁ ମାମଲାର ଶୁଣାଣି ଓ ଫଇସଲା ପ୍ରକ୍ରିୟା ପ୍ରଭାବିତ ହେଉଥିବା ଆସୋସିଏସନ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ହାଇକୋର୍ଟରେ ମୋଟ ୩୩ ଜଣ ବିଚାରପତିଙ୍କ ସ୍ଥାନରେ ବର୍ତ୍ତମାନ ମାତ୍ର ୧୭ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ଫଳରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ିବା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ ହେଉଛି। ତେଣୁ ଖାଲିଥିବା ବିଚାରପତି ପଦଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ହାଇକୋର୍ଟ ବାର୍ ଆସୋସିଏସନ ଦାବି କରିଛି। ଏନେଇ ଆସୋସିଏସନ ପକ୍ଷରୁ ରାଷ୍ଟ୍ରପତିଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଥିବା ଜଣାପଡିଛି । ତେବେ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସୋନିଆ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

**ହିଞ୍ଜିଳିକାଟୁ, ୧୭।୮(ନିପ୍ର):** ସ୍ୱାଧୀନତା ଦିବସ ପାଳନ ଅବସରରେ ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ, ଲୋକସଭା ସାଂସଦ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେ ଜାତୀୟ ଗୀତ ବନ୍ଦେ ମାତରଂକୁ ଅପମାନିତ କରିବା ଓ ଗୀତକୁ ଅଧାରୁ ବନ୍ଦ କରିବା ପାଇଁ ହୀନ ପ୍ରୟାସ କରିଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ହିଞ୍ଜିଳି ବିଜେପି ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ବିଜେପି ସଭାପତି ସୁଧାଂଶୁ ଶେଖର ସାବତଙ୍କ ଅଧ୍ୟକ୍ଷତାରେ ବହୁ ବିଜେପି କର୍ମୀ ହିଞ୍ଜିଳି ଥାନାରେ ପହଞ୍ଚିଥିଲେ।

## ‘ସତ୍ୟନିଷ୍ଠା ରୁ ସମୃଦ୍ଧି’ ସତର୍କତା ସଚେତନତା




**ଭୁବନେଶ୍ୱର, ୧୭/୮(ନିପ୍ର):** ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼(ନାଲକୋ) ପକ୍ଷରୁ ଆଗାମୀ ତିନି ମାସ ଯାଏ ଚାଲିବାକୁ ଥିବା ସତର୍କତା ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ‘ସତ୍ୟନିଷ୍ଠାରୁ ସମୃଦ୍ଧି’ ବିଷୟବସ୍ତୁ ଆଧାରିତ ଏହି ଅଭିଯାନକୁ ସିଏମଡି ବିଜେନ୍ଦ୍ର ପ୍ରତାପ ସିଂ ଆଜି କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ(ଉତ୍ପାଦନ), ଜଗଦୀଶ ଅରୋରା, ନିର୍ଦ୍ଦେଶକ(ପ୍ରକଳ୍ପ ଓ ବୈଷୟିକ), ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ମାନବ ସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ(ବିତ୍ତ), ପ୍ରଣବଜ୍ୟୋତି ନାଥ, ଭା.ପ୍ର.ସେ, ମୁଖ୍ୟ ସତର୍କତା ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ମଧ୍ୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପ କେନ୍ଦ୍ରୀୟ ସତର୍କତା ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ ଆରମ୍ଭ କରାଯାଇଛି ଏବଂ ଏଥିରେ କ୍ଷମତା ନିର୍ମାଣ, ଡିଜିଟାଲ୍ ପଦକ୍ଷେପ ଏବଂ ଚୁକ୍ତି ପରିଚାଳନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବ।

## ଓଲା-ଉବର ଧର୍ମଘଟରେ କମିଶନରେଟ୍ ପୁଲିସର ବଡ଼ ପଦକ୍ଷେପ

# ଜରୁରୀ ସେବା ପାଇଁ ପିସିଆର ଗାଡ଼ି ନିୟୋଜିତ



**ଭୁବନେଶ୍ୱର, ୧୭।୮(ନିପ୍ର):** ରାଜଧାନୀରେ ଓଲା ଏବଂ ଉବର ଭଳି ଅନଲାଇନ୍ କ୍ୟାବ୍ ସେବା ବନ୍ଦ ରହିଛି । ଯାହା ସାଧାରଣ ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ଏହି ଧର୍ମଘଟକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଅନଲାଇନ୍ ଟ୍ରାନ୍ସପୋର୍ଟ ସେବା ବନ୍ଦ ଥିବା କାରଣରୁ ସାଧାରଣ ଜନତାଙ୍କୁ ଜରୁରୀକାଳୀନ ସେବା ଯୋଗାଇ ଦେବା ପାଇଁ ପିସିଆର୍ ଭ୍ୟାନଗୁଡ଼ିକୁ ମୈଦାନକୁ ଅଣାଯାଇଥିଲା । କମିଶନରେଟ୍ ପୁଲିସର ସୂଚନା ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଚିକିତ୍ସାଜନିତ ଜରୁରୀ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ଏବଂ ବିମାନବନ୍ଦରରେ ପହଞ୍ଚିବା ପରେ ହସ୍ପିଟାଲ୍ ଯିବାକୁ ଗାଡ଼ି ପାଉନାହାଁନ୍ତି, ତେବେ ପୁଲିସ ସେମାନଙ୍କୁ ସହଯୋଗ କରିବ । ବିମାନବନ୍ଦରରୁ ରୋଗୀ କିମ୍ବା ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ଯାତ୍ରୀମାନଙ୍କୁ ଠିକ୍ ସମୟରେ ହସ୍ପିଟାଲ୍ ପହଞ୍ଚାଇବା ପାଇଁ ପୁଲିସ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କୁ ସମସ୍ୟାରୁ ମୁକ୍ତି ଦେବା ପାଇଁ ଭୁବନେଶ୍ୱର ବିମାନବନ୍ଦର ପରିସରରେ ମୁତୟନ କରାଯାଇଥିବା ପିସିଆର୍ ଗାଡ଼ିଗୁଡ଼ିକର ସହାୟତା ନେବାକୁ କମିଶନରେଟ୍ ପୁଲିସ ପକ୍ଷରୁ ବିଶେଷ ଭାବେ ଅନୁରୋଧ କରାଯାଇଛି । ଯେକୌଣସି ଜରୁରୀ ପରିସ୍ଥିତିରେ ଯାତ୍ରୀମାନେ ସେଠାରେ ଥିବା ପୁଲିସ କର୍ମଚାରୀଙ୍କ ସହ ଯୋଗାଯୋଗ କରି ଏହି ସେବାର ଲାଭ ଉଠାଇପାରିବେ । ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ପ୍ୟାକ୍ସର ପୂର୍ବତନ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ

**ଭୁବନେଶ୍ୱର, ୧୭।୮ :** ଧାନ ସଂଗ୍ରହରେ ଦୁର୍ନୀତି ଓ ୪୨.୩୧ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ତୁଷୁରା ପ୍ୟାକ୍ସର ପୂର୍ବତନ ସମ୍ପାଦକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ତୁଷୁରା ପ୍ରାଥମିକ କୃଷି ସମବାୟ ସମିତି ର ପୂର୍ବତନ ସମ୍ପାଦକ ସନୋଜ କୁମାର ମିଶ୍ର। ତୁଷୁରା ପ୍ୟାକ୍ସର ତତ୍କାଳୀନ ସମ୍ପାଦକ ସନୋଜ ମିଶ୍ର ସ୍ଥାନୀୟ ଚାଷୀଙ୍କଠାରୁ ଧାନ ସଂଗ୍ରହ ପରିଚାଳନା କରିବା ଏବଂ କଷ୍ଟମ୍ ମିଲିଂ ପାଇଁ ନିର୍ଦ୍ଦିଷ୍ଟ (ଟ୍ୟାଗ୍ ହୋଇଥିବା) ଚାଉଳ ମିଲର ମାନଙ୍କୁ ସମୟାନୁସାରେ ପଠାଯିବା ଦାୟିତ୍ୱରେ ଥିଲେ।

## ଝାଡ଼ଖଣ୍ଡ ସରକାର ଛାତ୍ରଙ୍କ ଦାବି ଗ୍ରହଣ କଲେ

**ରାଞ୍ଚି,୧୭।୮:** ପରୀକ୍ଷା ବାତିଲ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିବା ଛାତ୍ର ନେତା ଦେବେନ୍ଦ୍ର ନାଥ ମାହାତୋ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଝାଡ଼ଖଣ୍ଡ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।ଝାଡ଼ଖଣ୍ଡ ସରକାର ପ୍ରତିବାଦକାରୀଙ୍କ ପ୍ରମୁଖ ଦାବି ଗ୍ରହଣ କରିବା ଏବଂ ଜେଏସଏସସି-ସିଜିଏଲ୍ ସମେତ ଆଉଟସୋର୍ସଡ୍ ଏଜେନ୍ସି, ଟିଏସଆର ଡାଟା ପ୍ରୋସେସିଂ ପ୍ରାଇଭେଟ୍



ଲିମିଟେଡ୍ ଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷା ବାତିଲ କରିବା ପରେ ରାଞ୍ଚିରେ ଛାତ୍ରଙ୍କ ପ୍ରତିବାଦ ସ୍ଥଳରେ ଉତ୍ସବ ଆରମ୍ଭ ହୋଇଥିଲା।ଝାଡ଼ଖଣ୍ଡ ପବ୍ଲିକ୍ ସର୍ଭିସ୍ କମିଶନ ଏବଂ ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ୍ କମିଶନ ଦ୍ୱାରା ପରିଚାଳିତ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ରାଞ୍ଚିରେ ଛାତ୍ରଙ୍କ ପ୍ରତିବାଦ ସୋମବାର ୨୪ତମ ଦିନରେ ପହଞ୍ଚିଛି।ରାଜ୍ୟ ସରକାର ସେମାନଙ୍କ ଦାବି ଗ୍ରହଣ କରିବା ପରେ ଆଶାୟୀମାନେ ଉତ୍ସବ ପାଳନ କରିବା ସମୟରେ ଭାବପ୍ରବଣ ହୋଇଥିବା ଦେଖାଯାଇଥିଲା। ଜେଏସଏସସି-ସିଜିଏଲ ପରୀକ୍ଷା ବାତିଲ କରିବା ପ୍ରତିବାଦକାରୀଙ୍କ ଏକ ପ୍ରମୁଖ ଦାବି ହୋଇଛି।

## ଲଗାଣ ବର୍ଷାରେ ଭୁଶୁଡ଼ି ପଡିଲା କାନ୍ଥ

### ଆଈ ଓ ନାତିଙ୍କର ମୃତ୍ୟୁ

**ଜଳେଶ୍ୱର,୧୭।୮ :** ଲଗାଣ ବର୍ଷାରେ ବିଳମ୍ବିତ ରାତିରେ କାନ୍ଥ ଭୁଶୁଡ଼ିପଡ଼ିବାରୁ ଶୋଇଥିବା ଅବସ୍ଥାରେ ଘଟଣାସ୍ଥଳରେ ଆଇ ଏବଂ ନାତିଙ୍କର ମୃତ୍ୟୁ ହୋଇଛି। ନାତୁଣୀ ଗୁରୁତର ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ କପାସୁଦା ଗାଁରେ ଘଟିଛି ଅଭାବନୀୟ ଘଟଣା । ବିଳମ୍ବିତ ରାତିରେ ଲଗାଣ ବର୍ଷା ଓ ଜଳବନ୍ଦୀ ଯୋଗୁଁ ଘରର ମାଟିକାନ୍ଥ ଭୁଶୁଡ଼ି ପଡିଥିଲା । ସମସ୍ତେ କାନ୍ଥ ତଳେ ଚାପି ହୋଇଯାଇଥିଲେ । ମୃତକ ଆଇ ହେଲେ ରାଧିକା ଜେନା ଓ ନାତି ଜ୍ୟୋତିପ୍ରକାଶ ସ୍ୱାଇଁ ଏବଂ ଗୁରୁତର ନାତୁଣୀ ହେଲେ ସ୍ମୃତିରେଖା ସ୍ୱାଇଁ । ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି । ଦୁଇ ଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।



## ୨ ଦିନିଆ ଲିଙ୍ଗ ସମ୍ବେଦନଶୀଳତା ଏବଂ ପିଓଏସଏଚ୍ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର, ୧୭/୮(ନିପ୍ର):** ଲିଙ୍ଗ ସମ୍ବେଦନଶୀଳତା ଉପରେ ସଚେତନତାକୁ ସୁଦୃଢ଼ କରିବା ଏବଂ ଏକ ସୁରକ୍ଷିତ, ସମ୍ମାନଜନକ ଏବଂ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପିଓଏସଏଚ ବୋଙ୍ଗାଇଗାଓଁ ଅଗଷ୍ଟ ୧୧ ଏବଂ ୧୨, ୨୦୨୬ ରେ ଦୁଇ ଦିନିଆ ଲିଙ୍ଗ ସମ୍ବେଦନଶୀଳତା ଏବଂ ପିଓଏସଏଚ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏନଟିପିସି ବୋଙ୍ଗାଇଗାଓଁର ଏଗ ଅନୁରାଗ ଗୁପ୍ତାଙ୍କ ଉପସ୍ଥିତିରେ ଏବଂ ଏନଟିପିସିର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଂଶୀଦାର ଗୋଷ୍ଠୀ ପାଇଁ ଚାରୋଟି କେନ୍ଦ୍ରିତ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। କର୍ମଚାରୀମାନଙ୍କ ପାଇଁ ପିଓଏସଏଚ ସଚେତନତା ଉପରେ ଦୁଇଟି ଅଧିବେଶନ କରାଯାଇଥିଲା, ତା'ପରେ ଆଭ୍ୟନ୍ତରୀଣ କମିଟି ସଦସ୍ୟମାନଙ୍କ ପାଇଁ ଏକ ସମର୍ପିତ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ସମ୍ମାନଜନକ ଏବଂ ଲିଙ୍ଗ-ସମ୍ବେଦନଶୀଳ କାର୍ଯ୍ୟ ପରିବେଶ ସୃଷ୍ଟି ଏବଂ ବଜାୟ ରଖିବାରେ ନେତୃତ୍ୱର ଭୂମିକା ଉପରେ ଧ୍ୟାନ ଦେଇ ବିଭାଗ ମୁଖ୍ୟ ପାଇଁ ଏକ ପୃଥକ ପିଓଏସଏଚ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

## ମା’ ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କଲେ ମୁଖ୍ୟ ବିଚାରପତି

**୧୭/୮(ନିପ୍ର):** ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ କାକଟପୁର ମା’ ମଙ୍ଗଳାଙ୍କ ପୀଠରେ ରବିବାର ଏକ ଆଧ୍ୟାତ୍ମିକ ଓ ଭାବଗମ୍ଭୀର ପରିବେଶ ମଧ୍ୟରେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ମା’ଙ୍କ ଦର୍ଶନ କରିବା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଛନ୍ତି। ମା’ ମଙ୍ଗଳାଙ୍କ ଦର୍ଶନ ସମୟରେ ମୁଖ୍ୟ ବିଚାରପତି ଦୀପ ପ୍ରଜ୍ୱଳନ କରି ମା’ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ନିଜ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ସହ ସମଗ୍ର ସମାଜର ମଙ୍ଗଳ ଓ ଶାନ୍ତି ପାଇଁ ସେ ମା’ଙ୍କ ଆଶୀର୍ବାଦ କାମନା କରିଥିଲେ। ମା’ଙ୍କ ପୀଠରେ ତାଙ୍କର ଏହି ଦର୍ଶନ ଧାର୍ମିକ ଆସ୍ଥା ଓ ଓଡ଼ିଆ ସଂସ୍କୃତି ପ୍ରତି ସମ୍ମାନର ଏକ ସୁନ୍ଦର ଦୃଷ୍ଟାନ୍ତ ପାଲଟିଥିଲା। ଏହି ଅବସରରେ ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ବିଚାରପତି ଆନନ୍ଦ କୁମାର ମହାରଣା, ପୁରୀ ସିଭିଲ କୋର୍ଟ ରେଜିଷ୍ଟର ସୋରେନ କାନୁନଗୋ, ପ୍ରୋଟକଲ ଅଫିସର ରୁଦ୍ରପ୍ରକାଶ ନାୟକ, ନିମାପଡ଼ା ସବଜଜ ମିତା ସାମଲ, କାକଟପୁର ଜେଏମଏଫସି



ବିଚାରପତି ଶ୍ରୀଚରଣ ଦାଶ, କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତ, କାକଟପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ସେବକ ସମିତି ଉପଦେଷ୍ଟା କମିଟି ସଦସ୍ୟ ହିମାଂଶୁ ଭୂଷଣ ଦୀକ୍ଷିତ ଓ ତୁଷାର ରଞ୍ଜନ ଦୀକ୍ଷିତ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା ଏବଂ ଉପସଭାପତି କମଳ ଲୋଚନ ଦୀକ୍ଷିତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ମନ୍ଦିର ସେବାୟତ ମାନେ ଉପସ୍ଥିତ ଥିଲେ।

## ନୀତିନ ନବୀନଙ୍କ ନୂଆ ଟିମ୍: ଉପାଧ୍ୟକ୍ଷ ପଦ ବଜାୟ ରଖିଲେ ବୈଜୟନ୍ତ, ସମ୍ବିତ ପାତ୍ରଙ୍କୁ ଉତ୍ତର ପୂର୍ବ ସଂଯୋଜକ ଦାୟିତ୍ୱ



**ନୂଆଦିଲ୍ଲୀ,୧୭।୮:** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ତାଙ୍କର ନୂଆ କେନ୍ଦ୍ରୀୟ ସାଙ୍ଗଠନିକ ଟିମ୍ ଘୋଷଣା କରିଛନ୍ତି। ଏହି ନୂଆ ଟିମରେ ଅନେକ ଅଭିଜ୍ଞ ନେତାଙ୍କୁ ସ୍ଥାନ ମିଳିଥିବା ବେଳେ ମହିଳା ଓ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶା ରାଜନୀତି ଦୃଷ୍ଟିକୋଣରୁ ମଧ୍ୟ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନୀତିନ ନବୀନଙ୍କ ନୂଆ ଟିମରେ ଓଡ଼ିଶାର ବରିଷ୍ଠ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦ ପ୍ରଦାନ କରାଯାଇଛି। ସେହିଭଳି ପୁରୀ ସାଂସଦ ଡ.ସମ୍ବିତ ପାତ୍ରଙ୍କୁ ଉତ୍ତର ପୂର୍ବ ଭାରତର ସଂଯୋଜକ ଦାୟିତ୍ୱ ମିଳିଛି। ନୀତିନଙ୍କ ଟିମରେ ୧୩ ଜଣଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ୮ ଜଣଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି । ବି.ଏଲ ସନ୍ତୋଷଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ୧୬ ବରିଷ୍ଠ ନେତାଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ, ରାମ ମାଧବ ବିଜେପିକୁ ଫେରିଛନ୍ତି ଏବଂ ତାଙ୍କୁ ଉପ-ସଭାପତି ନିଯୁକ୍ତ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ବିଜେପି ସଂଗଠନରେ ଯୋଗ ଦେଇଛନ୍ତି। ତାଙ୍କୁ ଜାତୀୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂହ ରାୱତଙ୍କୁ ମଧ୍ୟ ବିଜେପି ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ପୀୟୁଷ ଗୋୟଲଙ୍କୁ ମିଳିଛି ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଦାୟିତ୍ୱ । ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ପ୍ରଫେସର ଏମ ନାଗରାଜ, ଡି.ପୁରେନ୍ଦେଶ୍ୱରୀ, ରେଖା ବର୍ମା ସ୍ଥାନ ପାଇଥିଲା ବେଳେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ତାଲିକାରେ ଅଛନ୍ତି ବିନୋଦ ତାୱଡ଼େ, ସୁନୀଲ ବଂଶଲ, ବିପ୍ଲବ ଦେବ, ସତୀଶ ପୁନିଆ, ହରିଶ ଦ୍ୱିବେଦୀ। ଏ ସଂଗଠନ କାର୍ଯ୍ୟକର୍ତ୍ତା ତାଲିକା ଅତି ସତର୍କତାର ସହ ଚୟନ କରାଯାଇଛି। ଜାତିଗତ ବିଚାର ସହିତ ଯୁବ ଏବଂ ମହିଳାମାନଙ୍କୁ ବିଶେଷ ଧ୍ୟାନ ଦିଆଯାଇଛି। ବିଜେପି ଉତ୍ତର ପ୍ରଦେଶର ଅନେକ ନେତାଙ୍କୁ ନୂତନ ଦଳରେ ସାମିଲ କରିଛି।

## ଫାଓ ଫୁଟବଲ ଲିଗ୍‌ରେ ଓଡ଼ିଶା ପୋଲିସ ଚାମ୍ପିଅନ୍

### ସଫଳ ଓଡ଼ିଶା ପୋଲିସ ଟିମ୍‌କୁ ସମ୍ବର୍ଦ୍ଧିତ କଲେ ଡିଜିପି

**କଟକ, ୧୭/୮(ନିପ୍ର):** ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଫାଓ ଫୁଟବଲ ଲିଗ୍‌ରେ ଚମ୍ପିଆନ୍ ହୋଇଥିବା ଓଡ଼ିଶା ପୁଲିସ ଫୁଟବଲ ଦଳ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର ଚାମ୍ପିଆନ୍ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଛନ୍ତି। ଡିଜିପି ଶ୍ରୀ ମିଶ୍ର କହିଛନ୍ତି ଯେ, ଓଡ଼ିଶା ପୁଲିସ କ୍ରୀଡ଼ାବିତମାନେ ନିଜର ପ୍ରତିଭା, ଶୃଙ୍ଖଳା ଓ ନିଷ୍ଠା ଦ୍ୱାରା ପୁଲିସ ବାହିନୀର ଗୌରବ ବୃଦ୍ଧି କରୁଛନ୍ତି। ଫାଓ ଫୁଟବଲ ଲିଗ୍‌ରେ ଏହି ସଫଳତା ଅନ୍ୟ କ୍ରୀଡ଼ାବିତମାନଙ୍କୁ ମଧ୍ୟ ଉଚ୍ଚକୋଟିର କ୍ରିଡା ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ। ଭବିଷ୍ୟତରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ଆହୁରି ଅନେକ ସଫଳତା ହାସଲ କରି ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୧୬ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଫାଓ ଫୁଟବଲ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୫-୧ ଗୋଲ୍‌ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରି ଚମ୍ପିଆନ୍ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୁଲିସ ପକ୍ଷରୁ ପୁରୁଷୋତ୍ତମ କେରକେଟା ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଲଖାଇ ମୁର୍ମୁ, ରାଇସେନ ଟୁଡୁ ଓ ବିଜୟ ବେହେରା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଦଳର ଏହି ଚମତ୍କାର ପ୍ରଦର୍ଶନ ଓଡ଼ିଶା ପୁଲିସର କ୍ରୀଡ଼ା ଦକ୍ଷତା ଓ ଟିମ୍ ସ୍ପିରିଟ୍‌ର ଉତ୍କୃଷ୍ଟ ନିଦର୍ଶନ। ଚମ୍ପିଆନ୍ ହେବା ସହ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛି।



**AFFIDAVIT**

By virtue of an affidavit sworn before The Executive Magistrate, Champua affidavit no.2623 dtd.17.08.2026, I Sabaro Tiriya, At-Dalposi, Po-Jaintgarh, Ps-Jagannathpur, Dist-W.Singhbhum, Pin-833214 hereby declare that I have changed the name of my son from An is Tariya to Anis Tiriya. Henceforth he shall be known as Anis Tiriya for all purposes.

**Sd/-Sabaro Tiriya**

**ପୂର୍ବ ତଟ ରେଳପଥ**

ନିଲାମ କାଟଲଗ୍ ନଂ. ଏବଂ ତାରିଖ : MSS-RGDA-BCA-01, ତାରିଖ 13.08.2026

ନିଲାମ ଲଟ୍ ନଂ. MSS-RGDA-RGDA-BCA-3-26-1

କାର୍ଯ୍ୟର ଆସେଟ୍ ବିବରଣୀ : SCC ଅନୁଯାୟୀ BOCs ରେ ବିଜ୍ଞାପନ ଅଧିକାର ସହିତ ପୂର୍ବ ତଟ ରେଳପଥର ରାୟଗଡ଼ା ମଣ୍ଡଳରେ ରେଳ ଷ୍ଟେସନଗୁଡ଼ିକ ଠାରେ ଯାତ୍ରୀ ସେବା ନିମନ୍ତେ 08-ସିଟର ବ୍ୟାଟେରୀ ପରିଚାଳିତ କାର୍ (BOCs) ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଇ-ନିଲାମ ।

ଚୁକ୍ତି ଅବଧି : 03 ବର୍ଷ ।

ଦର ସୂଚିତ : ବାର୍ଷିକ ଲାଇସେନ୍ସ ଶୁଳ୍କ ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.28.08.2026 ରିଖ 1100 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.28.08.2026 ରିଖ 1130 ଘଟିକା ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ)/ ରାୟଗଡ଼ା

PR-368/R/26-27

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ